# ଧରିତ୍ରୀ DHARITRI

ସମ୍ବଲପୁର, ସୋମବାର, ଫେବୃୟାରୀ ୨୧/୨୦୨୨ (୧୨ ପୃଷ୍ଠା) | Sambalpur, Monday, February 21/2022 | Page 12 ₹ 7.00 | ★★

୧୮ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଅଫସାନା ଖାନ୍, ସିଙ୍ଗର ସାଜ୍‌ଙ୍କ ପଡ଼ିଲା ହାତଗଣ୍ଠି**

ସିଙ୍ଗର ତଥା ବିଗବସ୍-୧୫ର ପ୍ରତିଯୋଗୀ ଅଫସାନା ଖାନ୍ ଏବଂ ସିଙ୍ଗର ସାଜ୍ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

୧୦

୧୨

**ସୂର୍ଯ୍ୟକୁମାରଙ୍କ ଚମତ୍କାର ବ୍ୟାଟିଂ**

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ଅନ୍ତର୍ଜାତୀୟ ଟି୨୦ରେ ଭାରତର ସୂର୍ଯ୍ୟକୁମାର ଯାଦବ ଆକର୍ଷଣୀୟ ୬୫ରନ କରିଛନ୍ତି।



# ତୃତୀୟ ପର୍ଯ୍ୟାୟରେ ହିଂସା ବୃଦ୍ଧି



ରାଜନଗର ବ୍ଲକ ଗୋଖଣୀ ସ୍କୁଲ ନିକଟରେ ପୋଲିସକୁ ଆକ୍ରମଣ।



ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତ ବାମଦେବପୁର ସ୍କୁଲର ୨ନଂ. ବୁଥ୍‌ରେ ଖବରଦାତାଙ୍କୁ ମାଡ଼।

**ପଞ୍ଚାୟତ ଭୋଟ**

- ବିଡିଓ, ଖବରଦାତାଙ୍କୁ ଆକ୍ରମଣ
- ପୋଲିସକୁ ପାଣି ପାଇପ୍‌ରେ ମାଡ଼
- ଭୋଟ ବାକ୍ସରେ ପାଣି ଭର୍ତ୍ତି କଲେ ଦୁର୍ବୃତ୍ତ
- ଭୋଟ ବାକ୍ସ ଉଠାଇନେଲେ ଡଙ୍ଗରିଆ
- ମୃତ ବ୍ୟକ୍ତିଙ୍କ ନାଁରେ ମତଦାନକୁ ନେଇ ଉତ୍ତେଜନା

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ରାଜ୍ୟରେ ପଞ୍ଚାୟତ ନିର୍ବାଚନ ବେଳକୁ ବେଳ ଉଗ୍ରରୂପ ଧାରଣ କରୁଛି। ନିଜ ସପକ୍ଷରେ ଜନମତ ନେବାକୁ ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ହିଂସାକାଣ୍ଡର ସାହାରା ନେଉଛନ୍ତି। ଗତ ଦୁଇଟି ପର୍ଯ୍ୟାୟ ନିର୍ବାଚନରେ ଭୋଟ ବାକ୍ସ ନେଇଯିବା, ବାଲଟ ପେପର ଚିରିବା, ବୁଥ୍ ଜବରଦଖଲ କରିବା, ଭୋଟ ବାକ୍ସ ପୋଖରୀକୁ ଫିଙ୍ଗିଦେବା, ମାରପିଟ, ଗୋଷ୍ଠୀସଂଘର୍ଷ ଭଳି ଘଟଣାରୁ ଏହା ସ୍ପଷ୍ଟ ହୋଇଛି। ତେବେ ରବିବାର ଅନୁଷ୍ଠିତ ତୃତୀୟ ପର୍ଯ୍ୟାୟ ମତଦାନ ସମସ୍ତ ସୀମା ଟପିଯାଇଛି। ଏହି ପର୍ଯ୍ୟାୟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ, ବିଡିଓ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ଆକ୍ରମଣକାରୀ ପିଟିବାକୁ ପଛାଇ ନାହାନ୍ତି। ନିଜ ଜୀବନ ବଞ୍ଚାଇବାକୁ ସୁରକ୍ଷା କର୍ମୀଙ୍କୁ ସର୍ଭିସ ରିଭଲଭରରୁ ବ୍ଲାଙ୍କ୍ ଫାୟାରିଂ କରିବାକୁ ପଡୁଛି। ନିର୍ବାଚନ ଏତେ ଉଗ୍ର ହୋଇଛି ଯେ ବୁଥ୍ ସୁରକ୍ଷା ଦାୟିତ୍ୱରେ ଥିବା ସୁରକ୍ଷା କର୍ମୀ ଓ ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀ ନିଜକୁ ଅସହାୟ ମଣୁଛନ୍ତି।

ଗତ ଦୁଇ ପର୍ଯ୍ୟାୟ ଭଳି ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ମଧ୍ୟ ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ହିଂସା ଦେଖିବାକୁ ମିଳିଛି। ବିଞ୍ଝାରପୁର ବ୍ଲକ ବାଛୋଳ ପଞ୍ଚାୟତର ୨ ନଂ. ବୁଥ୍‌ରେ ୪ ଖବରଦାତାଙ୍କୁ ଆକ୍ରମଣ ହୋଇଛି। ଆହତ ଖବରଦାତାମାନେ ହେଲେ ଅର୍ଗସ୍ ନ୍ୟୁଜ୍‌ର ଗୁଲସାହାନୱାଜ ଅଲ୍ଲି ଖାନ, କନକ ନ୍ୟୁଜ୍‌ର ବିଜୟ ସାହୁ, କଳିଙ୍ଗ ଟିଭିର ଦେବାଶିଷ ସାହୁ ଏବଂ ଓଡ଼ିଶା ସମ୍ବାଦର ହିମାଂଶୁ ପାଢ଼ୀ। ଦୁର୍ବୃତ୍ତମାନେ ବୁଥ୍ ରିଗିଂ ଉଦ୍ୟମ ବେଳେ ଏହି ଖବରଦାତାମାନେ ଖବର ସଂଗ୍ରହ କରୁଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ସେମାନଙ୍କୁ ନିର୍ଘୂମ ମାଡ଼ ମାରିବା ସହ ସେମାନଙ୍କ ଗାଡ଼ି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏପରିକି ସେମାନେ ଭୋଟ ବାକ୍ସ ସହ ଅର୍ଗସ୍ ପ୍ରତିନିଧି ଖାନଙ୍କୁ ଉଠାଇ ନେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଚିକିତ୍ସାଳୟକୁ ନେଇଥିଲା। ଗଣମାଧ୍ୟମର କଣ୍ଠରୋଧ ପାଇଁ ଶାସକ ଦଳର ସମର୍ଥକ ଏଭଳି ଆକ୍ରମଣ କରିଥିବା ବିରୋଧରେ ଭାଜପା ଏବଂ କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଖବର ଲେଖାହେବା ସୁଦ୍ଧା ଏହି ଘଟଣାରେ ବିଞ୍ଝାରପୁର ପୋଲିସ ୧୦ ମହିଳା ସମେତ ୨୫ଜଣଙ୍କୁ ଗିରଫ କରିବାସହ ବାଛୋଳ ପଞ୍ଚାୟତରେ ଫ୍ଲାଗ୍‌ମାର୍ଚ୍ଚ କରିଛି। ବାଛୋଳ ପଞ୍ଚାୟତର ୪ ଓ ୬ ନଂ. ବୁଥ୍‌ରେ ମଧ୍ୟ ହିଂସା ଦେଖିବାକୁ ମିଳିଛି। ଦୁର୍ବୃତ୍ତମାନେ ୪ ନଂ. ବୁଥ୍‌ର ଭୋଟ ବାକ୍ସ ☞ପୃଷ୍ଠା-୪

# ମାନବିକତାର ବିଭାଜନ ଅସମ୍ଭବ





ରାଷ୍ଟ୍ରପତି ରାମନାଥ କୋବିନ୍ଦ ଉଦ୍‌ବୋଧନ ଦେଉଛନ୍ତି।

## ବିଶ୍ୱ ବୈଷ୍ଣବ ସମ୍ମିଳନୀ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

**ପୁରୀ ଅଫିସ,୨୦।୨:**

ଆମ ଦେଶରେ ବହୁ ଧର୍ମାନୁଷ୍ଠାନ ଓ ତୀର୍ଥକ୍ଷେତ୍ର ରହିଛି। ସବୁଠାରେ ବିବିଧ ପରମ୍ପରା ଓ ରୀତିନୀତି ପ୍ରଚଳିତ। ତେବେ ସମସ୍ତ ଧର୍ମାନୁଷ୍ଠାନ ଓ ତୀର୍ଥକ୍ଷେତ୍ର ମାନବ କଲ୍ୟାଣ ଏବଂ ଈଶ୍ୱର ଭକ୍ତି ସମ୍ପର୍କରେ ଯୁକ୍ତି ବାଢ଼ନ୍ତି। ବିଭିନ୍ନ ଧର୍ମକ୍ଷେତ୍ରରେ ଏହା ହିଁ ସମାନତା। ସେହିପରି ମାନବିକତାକୁ ସବୁ ଧର୍ମ ଗୁରୁତ୍ୱ ଦେଇଆସିଛି। ତେଣୁ ମାନବିକତାକୁ ଧର୍ମ ଆଧାରରେ ବିଭାଜନ କରାଯାଇପାରିବ ନାହିଁ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ରବିବାର ଶରଧାବାଲିଠାରେ ଆୟୋଜିତ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ୧୫୦ତମ ଜନ୍ମତିଥି ତଥା ବିଶ୍ୱ ବୈଷ୍ଣବ ସମ୍ମିଳନୀକୁ ରାଷ୍ଟ୍ରପତି ଉଦ୍‌ଘାଟନ କରି ଏହା କହିଛନ୍ତି। ☞ପୃଷ୍ଠା-୪

# ୭୧% ମତଦାନ

**ଭୁବନେଶ୍ୱର,୨୦।୨(ବ୍ୟୁରୋ)**

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୭୧% ମତଦାନ ହୋଇଥିବା ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଦୁଇଟି ପର୍ଯ୍ୟାୟ ଭଳି ଏହି ପର୍ଯ୍ୟାୟରେ ମଧ୍ୟ ମାଲକାନଗିରି ଜିଲାରେ ମତଦାନ ହାର ଉତ୍ସାହଜନକ ରହିଛି। ମାଲକାନଗିରି ଜିଲାର ମାଥିଲି ଓ ପଡ଼ିଆ ବ୍ଲକ, କନ୍ଧମାଳ ଜିଲାର ଫିରିଙ୍ଗିଆ ବ୍ଲକ ମାଓବାଦୀପ୍ରବଣ ଅଞ୍ଚଳ ହୋଇଥିଲେ ମଧ୍ୟ ସେଠାରେ ମତଦାନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ତୃତୀୟ ପର୍ଯ୍ୟାୟରେ ୨୯ ଜିଲାର ୬୩ ବ୍ଲକର ୧୩୮୨ ପଞ୍ଚାୟତରେ ୧୭୧ ଜିଲା ପରିଷଦ ସଭ୍ୟ ପାଇଁ ୧୮,୪୯୫ ବୁଥ୍‌ରେ ନିର୍ବାଚନ ଶେଷ ହୋଇଛି। ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକରେ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ହୋଇଥିବା ଆକ୍ରମଣକୁ ରାଜ୍ୟ ନିର୍ବାଚନ କମିଶନର ଦୃଢ଼ ଭାବେ ନିନ୍ଦା କରିଛନ୍ତି। ଏ ସମ୍ପର୍କରେ ଡିଜିପି ଏବଂ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କୃତ୍ରିମ ବୁଦ୍ଧିମତାର ଯୁଦ୍ଧ**

# ନାବାଳକ ଥାଇ ମଦ ଲାଇସେନ୍ସ ନେଇଥିଲେ

**ୱାଙ୍ଖଡେଙ୍କ ନାଁରେ ଜାଲିଆତି ମାମଲା**

**ମୁମ୍ବାଇ,୨୦।୨(ଆଇଏଏନ୍‌ଏସ୍)**

ମୁମ୍ବାଇର ବିବାଦୀୟ ପୂର୍ବତନ ଏନ୍‌ସିବି ଜୋନାଲ ନିର୍ଦ୍ଦେଶକ ସମୀର ୱାଙ୍ଖଡେଙ୍କ ବିରୋଧରେ ମହାରାଷ୍ଟ୍ର ପୋଲିସ ଜାଲିଆତି ଅଭିଯୋଗରେ ଏତଲା ଦାଏର କରିଛି। ୱାଙ୍ଖଡେ ମିଥ୍ୟା ତଥ୍ୟ ଦାଖଲ କରି ତାଙ୍କ ବାର୍ ପାଇଁ ମଦ ଲାଇସେନ୍ସ ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ଠାଣେ ଜିଲାର କୋପ୍ରି ଥାନାରେ ଏତଲା ଦାଏର ହୋଇଥିବା ଜଣାପଡ଼ିଛି।

ନଭି ମୁମ୍ବାଇର ଭାସିଠାରେ ଥିବା ସଦ୍‌ଗୁରୁ ଫାମିଲି ରେଷ୍ଟୁରାଣ୍ଟ ଆଣ୍ଡ ବାର୍‌ର ମାଲିକ ହେଉଛନ୍ତି ୱାଙ୍ଖଡେ। ଉକ୍ତ ବାର୍‌ରେ ମଦ ପରିବେଷଣ ପାଇଁ ସେ ୧୯୯୭ ଅକ୍ଟୋବର ୨୯ରେ ଲାଇସେନ୍ସ ପାଇଥିଲେ। ତେବେ ଲାଇସେନ୍ସ ପାଇଁ ୱାଙ୍ଖଡେ ନିଜର ଭୁଲ୍ ଜନ୍ମ ତାରିଖ ଦେଇଥିଲେ। ମଦ ଲାଇସେନ୍ସ ପାଇବା ବେଳେ ତାଙ୍କ ବୟସ ୧୭ ବର୍ଷ ୧୧ ମାସ ହୋଇଥିଲା। ମଦ ଲାଇସେନ୍ସ ପାଇଁ ସର୍ବନିମ୍ନ ବୟସ ୨୧ ବର୍ଷ ହୋଇଥିବାବେଳେ ଜାଲିଆତି କରିଥିବାରୁ ୱାଙ୍ଖଡେଙ୍କ ବିରୋଧରେ ଏତଲା ଦାଏର ହୋଇଛି। ତାଙ୍କ ବାର୍ ଲାଇସେନ୍ସ ମଧ୍ୟ ଖାରଜ ହୋଇଯାଇଛି। ଗତ ନଭେମ୍ବରରେ ଏନ୍‌ସିପି ନେତା ତଥା ମହାରାଷ୍ଟ୍ର ମନ୍ତ୍ରୀ ନୱାବ ମଲିକ ୱାଙ୍ଖଡେଙ୍କ ବିରୋଧରେ ଏହି ଜାଲିଆତି ଅଭିଯୋଗ ଆଣିଥିଲେ।



ସମୀର ୱାଙ୍ଖଡେ

ଏନ୍‌ସିବିର ମୁମ୍ବାଇ ଜୋନାଲ ନିର୍ଦ୍ଦେଶକ ଥିବାବେଳେ ଗତବର୍ଷ କ୍ରୁଜ୍ ଜାହାଜରେ ଚଢ଼ାଉ କରି ଅଭିନେତା ଶାହାରୁଖ ଖାନ୍‌ଙ୍କ ପୁଅ ଅର୍ଯ୍ୟନ ଖାନ୍ ଓ ଅନ୍ୟମାନଙ୍କୁ ଗିରଫ କରି ଚର୍ଚ୍ଚାକୁ ଆସିଥିଲେ ସମୀର ୱାଙ୍ଖଡେ। ଏହାପରେ ତାଙ୍କ ବିରୋଧରେ ଏକାଧିକ ଅଭିଯୋଗ ଆସିଥିଲା। ତାଙ୍କ ବିରୋଧରେ ଆଇପିସିର ଧାରା ୧୮୧ (ଶପଥ ସମ୍ପର୍କରେ ଭୁଲ୍ ବିବୃତି), ୧୮୮ (ନିର୍ଦ୍ଦେଶନାମାର ଅବମାନନା), ୪୨୦ (ଠକେଇ ଓ ଅସାଧୁତା), ୪୬୫ (ଜାଲିଆତି), ୪୬୮ (ଠକେଇ ଉଦ୍ଦେଶ୍ୟରେ ଜାଲିଆତି) ଏବଂ ୪୮୧ (ଭୁଲ୍ ସମ୍ପତ୍ତି ଚିହ୍ନର ବ୍ୟବହାର)ରେ ମାମଲା ରୁଜୁ ହୋଇଛି। ସ୍ଥାନୀୟ ଅବକାରୀ ବିଭାଗର ତଦନ୍ତରୁ ୱାଙ୍ଖଡେ ମଦ ଲାଇସେନ୍ସ ପାଇବା ସମୟରେ ତାଙ୍କୁ ୧୭ ବର୍ଷ ହୋଇଥିଲା ବୋଲି ଜଣାପଡ଼ିଛି।

# ପଥରଗଦାରେ ବୋମା ଖଞ୍ଜିଥିଲେ ମାଓବାଦୀ

**ନିର୍ବାଚନ ଭଣ୍ଡୁର ଉଦ୍ୟମ ବିଫଳ କଲେ ସୁରକ୍ଷାବାହିନୀ**

**ରାୟଗଡ଼ା ଅଫିସ/ବିଷମକଟକ,୨୦।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନର୍ବାଚନର ତୃତୀୟ ପର୍ଯ୍ୟାୟରେ ରାୟଗଡ଼ା ଜିଲାର କଲ୍ୟାଣସିଂହପୁର ବ୍ଲକରେ ରବିବାର ଭୋଟ ଗ୍ରହଣ ହୋଇଥିଲା। ଏଥିରେ ବାଧା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାଓବାଦୀମାନେ ଅଞ୍ଚଳରେ ଟିଫିନ୍ ବୋମା ଖଞ୍ଜିଥିଲେ। ତେବେ କୋମ୍ବିଂ ଟିମ୍ ଏହି ଯୋଜନାକୁ ଭଣ୍ଡୁର କରିଛନ୍ତି। କୌଣସି ଘଟଣା ଘଟିବା ପୂର୍ବରୁ ସୁରକ୍ଷାବାହିନୀ କଲ୍ୟାଣସିଂହପୁର-ପାରସାଲି ରାସ୍ତା କାଳିଆଗୁଡ଼ା ନିକଟସ୍ଥ ନିୟମଗିରି ପାହାଡ଼ ତଳ କଲଭର୍ଟ ପାଖରୁ ବୋମାକୁ ଠାବ କରିଛନ୍ତି। ପଥରଗଦା ଭିତରେ ଲୁଚାଇ ଖଞ୍ଜାଯାଇଥିବା ବୋମାକୁ ବୋମା ନିଷ୍କ୍ରିୟକାରୀ ଦଳ ନିଷ୍କ୍ରିୟ କରିବାରେ ସଫଳ ହୋଇଛନ୍ତି।

ସୂଚନାଯୋଗ୍ୟ, ନିୟମଗିରି ପାଦଦେଶରେ ରହିଥିବା କଲ୍ୟାଣସିଂହପୁର ବ୍ଲକରେ ୧୭୦ ବୁଥ୍ ମଧ୍ୟରୁ ୨୫ଟି ଅତି ସମ୍ବେଦନଶୀଳ ☞ପୃଷ୍ଠା-୪



ବୋମା ନିଷ୍କ୍ରିୟକାରୀ ଦଳ ସତର୍କତାର ସହ ବୋମାର ସ୍ଥିତି ଅନୁଧ୍ୟାନ କରୁଛନ୍ତି।




## ପୋଲିଂ ପାର୍ଟି କମାଣ୍ଡର ଓଲଟି ୩ ଗୁରୁତର

କୋରାପୁଟ,(ସ୍ୱ.ପ୍ର.): କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକରେ ଭୋଟ କାର୍ଯ୍ୟ ସାରି ଫେରୁଥିବା ବେଳେ କେସ୍କାପାଡି ଘାଟିରେ କମାଣ୍ଡର ଜିପ ଓଲଟି ପଡିବାରୁ ୩ ଜଣ ପୋଲିଂ କର୍ମଚାରୀ ଆହତ ହୋଇଛନ୍ତି। ରବିବାର ଲକ୍ଷ୍ମୀପୁର ବ୍ଲକର ପିପଲପଦର ପଞ୍ଚାୟତର କେସ୍କାପାଡିଠାରେ ମତଦାନ କାର୍ଯ୍ୟରେ ସେମାନେ ନିୟୋଜିତ ଥିଲେ। ଲକ୍ଷ୍ମୀପୁର ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡିଦିଆଯାଇଛି। ଦୁର୍ଘଟଣାସ୍ଥଳରୁ ଭୋଟ ବାକ୍ସକୁ ସୁରକ୍ଷିତ ଭାବେ ଲକ୍ଷ୍ମୀପୁର ଅଣାଯାଇଛି।

# ଭୋଟବାକ୍ସ ଉଠାଇନେଲେ ଡଙ୍ଗରିଆ



ଡଙ୍ଗରିଆମାନେ ଭୋଟବାକ୍ସ ଉଠାଇ ନେଉଛନ୍ତି।

- ଭୋଟର ତାଲିକାରେ ଶତାଧିକ ଭୋଟରଙ୍କ ନାଁ ନାହିଁ
- ବୁଥ୍‌ରେ ମାତ୍ର ୭୯ ଜଣଙ୍କ ଭୋଟ ଗ୍ରହଣ

**ରାୟଗଡ଼ା ଅଫିସ/ ବିଷମକଟକ,୨୦।୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ଅଧୀନ କଲ୍ୟାଣସିଂହପୁର ବ୍ଲକରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଭୋଟ ଗ୍ରହଣବେଳେ ରବିବାର ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ସୁନାଖଣ୍ଡି ପଞ୍ଚାୟତ ନିୟମଗିରି ପାହାଡ଼ ଅଞ୍ଚଳର ରାଇଲିମା ଗ୍ରାମର ୧୪ ନଂ. ବୁଥ୍‌ରେ ମତଦାନ ଚାଲିଥିବାବେଳେ ଡଙ୍ଗରିଆମାନେ ଭୋଟବାକ୍ସ ଉଠାଇ ନେଇଛନ୍ତି। ଶତାଧିକ ଲୋକଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ସେମାନେ ଉତ୍ତ୍ୟକ୍ତ ହୋଇ ଏଭଳି କରିଥିବା କହିଛନ୍ତି।

ସୂଚନା ଅନୁଯାୟୀ, ବୁଥ୍‌ରେ ସକାଳେ ଶାନ୍ତିପୂର୍ଣ୍ଣ ମତଦାନ ଚାଲିଥିଲା। ଏହି ବୁଥ୍‌ରେ ରାଇଲିମା ଗ୍ରାମ ସମେତ ତଳ ଘୁଷୁଡ଼ି ଓ ଉପର ଘୁଷୁଡ଼ି ଗ୍ରାମର ଡଙ୍ଗରିଆ ଅଧିବାସୀ ମତ ସାବ୍ୟସ୍ତ କରିବାର ଥିଲା। ତଳ ଘୁଷୁଡ଼ି ଓ ଉପର ଘୁଷୁଡ଼ି ଗ୍ରାମର ଭୋଟରମାନେ ଚାଲିଚାଲି ଆସି ଶନିବାରଠାରୁ ରାଇଲିମାରେ ପହଞ୍ଚିଥିଲେ। ରବିବାର ଭୋଟ ପାଇଁ ଧାଡ଼ିରେ ଅପେକ୍ଷା କରିଥିବା ସମୟରେ ତଳ ଘୁଷୁଡ଼ି ଓ ଉପର ଘୁଷୁଡ଼ି ଗ୍ରାମର ଶତାଧିକ ଲୋକଙ୍କ ନାମ ତାଲିକାରେ ନ ଥିବା ଜାଣିବାକୁ ପାଇଥିଲେ। ଏହାକୁ ନେଇ ଦିନ ପ୍ରାୟ ୧୨ଟାବେଳେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଭୋଟ ଦେବାରୁ ବଞ୍ଚିତ ଡଙ୍ଗରିଆ ମହିଳା ଓ ପୁରୁଷ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ବୁଥ୍‌ରେ ଭଙ୍ଗାରୁଜା କରିବା ସହ ଭୋଟବାକ୍ସ ଉଠାଇ ନେଇଥିଲେ। ଦୀର୍ଘ ପ୍ରାୟ ୩ ଘଣ୍ଟା ଧରି ସେମାନେ ଭୋଟବାକ୍ସ ନିଜ କବ୍‌ଜାରେ ରଖିଥିଲେ।

ପ୍ରଶାସନର ଭୁଲ ଯୋଗୁ ମତଦାନ ଅଧିକାରରୁ ବଞ୍ଚିତ ହୋଇଥିବା ଡଙ୍ଗରିଆମାନେ କହିଥିଲେ। ଭୋଟ ଦେବାର ସୁଯୋଗ ନ ମିଳିବା ପର୍ଯ୍ୟନ୍ତ ଭୋଟବାକ୍ସ ଦେବୁନାହିଁ ବୋଲି ସେମାନେ ଜିଦ୍‌ରେ ଅଟଳ ରହିଥିଲେ। ରାୟଗଡ଼ା ଏସ୍‌ଡିପିଓ ଦିବ୍ୟଜ୍ୟୋତି ଦାସ, ତହସିଲଦାର ଦେବାଶିଷ କର, କଲ୍ୟାଣସିଂହପୁର ଥାନାଧିକାରୀ ସୁକୁମା ହାଁସଦା ଏବଂ ପୋଲିସ ବାହିନୀ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ଅଧାବାଟରେ ଅଟକାଇବା ସହ ବୁଝାଶୁଝା କରିଥିଲେ। ଭୋଟ ଦେବାକୁ ସୁଯୋଗ ଦିଆଯିବ ବୋଲି କହିବା ପରେ ଭୋଟବାକ୍ସ ଫେରାଇଥିଲେ। ଉକ୍ତ ବୁଥ୍‌ରେ ୧୨୯ ଜଣ ଭୋଟ ଦେବାକୁ ଥିବାବେଳେ ୭୯ ଜଣଙ୍କ ଭୋଟ ଗ୍ରହଣ ସମ୍ଭବ ହୋଇଥିବା ସୂଚନା ମିଳିଛି।

# ପୋଲିସ ଏସ୍‌ଆଇଙ୍କୁ ମାଡ଼

## ନିଜକୁ ବଞ୍ଚାଇବାକୁ ବନ୍ଧୁକ ଭୟ ଦେଖାଇଲେ

**ରାଜନଗର, ୨୦।୨ (ଡି.ଏନ.ଏ.)**

### ଡେରା ପଞ୍ଚାୟତ ଗୋଖଣୀ ଗାଁ ୩ନଂ. ବୁଥ୍‌ରେ ହିଂସା


ଆକ୍ରମଣକାରୀଙ୍କଠାରୁ ବର୍ତ୍ତିବା ପାଇଁ ଏସ୍‌ଆଇ ସର୍ଭିସ୍ ରିଭଲଭର୍ ଦେଖାଉଛନ୍ତି।

କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଡେରା ପଞ୍ଚାୟତ ଗୋଖଣୀ ଗାଁରେ ଭୋଟ ଗ୍ରହଣ ସମୟରେ ରବିବାର ପୋଲିସ ଏବଂ ଲୋକଙ୍କ ମଧ୍ୟରେ ହିଂସା ଉପୁଜିଛି। ଉତ୍ତ୍ୟକ୍ତ ଲୋକେ ପୋଲିସ ବାଡି ଛଡାଇ ପିଟିଛନ୍ତି। ପୋଲିସ ସ୍ଥିତି ନିୟନ୍ତ୍ରଣ ରଖିବାକୁ ନିଜ ବନ୍ଧୁକ ଭୟ ଦେଖାଇଥିଲା। ପରେ ପରିସ୍ଥିତି ଶାନ୍ତ ହେବାରୁ ଭୋଟ ଗ୍ରହଣ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବା ଜଣାପଡିଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ୩ୟ ପର୍ଯ୍ୟାୟରେ ରାଜନଗର ବ୍ଲକ ଡେରା ପଞ୍ଚାୟତ ଗୋଖଣୀ ପ୍ରାଥମିକ ବିଦ୍ୟାଳୟରେ ୩ନଂ. ଓ ୪ନଂ. ୱାର୍ଡର ୨ଟି ବୁଥ୍ ହୋଇଥିଲା। ୩ନଂ. ବୁଥ୍‌ରେ ସମିତିସଭ୍ୟାଙ୍କ ପାଇଁ ସେହି ଗାଁର ପ୍ରଭାକର ପରିଡା ଏଜେଣ୍ଟ ରହିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଗାଁର ମନୋଜ ପ୍ରଧାନ ଭୋଟ ଗ୍ରହଣ କେନ୍ଦ୍ରକୁ ପଶି ଭୋଟର ଲିଷ୍ଟରେ ପ୍ରଭାକରଙ୍କ ନାଁ ନାହିଁ। ସେ କିପରି ଏଜେଣ୍ଟ ରହିଲେ ବୋଲି ପଚାରିବା ସହ ଭୋଟ ଦାନ ବନ୍ଦ ରଖିବାକୁ କହିଥିଲେ। ବୁଥ୍‌ରେ ନିୟୋଜିତ ପୋଲିସ କର୍ମଚାରୀ ମନୋଜଙ୍କୁ ପାଟିତୁଣ୍ଡ ବନ୍ଦ କରି ଭୋଟ ଗ୍ରହଣ କେନ୍ଦ୍ର ବାହାରକୁ ଯିବାକୁ କହି ବିଦା କରି ଦେଇଥିଲେ। ପରେ ମନୋଜ ଭୋଟ ଗ୍ରହଣ କେନ୍ଦ୍ର ଗୃହକୁ ବାହାର ପଟୁ କବାଟ ଦେଇ ଦେଇଥିଲେ। ଏ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ପ୍ରିଜାଇଡିଂ ଅଫିସର ଭୋଟର ଲିଷ୍ଟରେ ନାଁ ନ ଥିବା ଦେଖି ପ୍ରଭାକରଙ୍କୁ ଭୋଟ ଗ୍ରହଣ କେନ୍ଦ୍ରରୁ ବାହାର କରି ଦେଇଥିଲେ। ମାତ୍ର ପ୍ରଭାକର କିପରି ଏଜେଣ୍ଟ ରହିଥିଲେ କହି ନିର୍ଦ୍ଦିଷ୍ଟ ଦଳର ସମର୍ଥକମାନେ ହୋ ହଲ୍ଲା କରିବା ସହ ମତଦାନ ହେବାକୁ ଦେଇ ନ ଥିଲେ। ଏହି ସମୟରେ ପୋଲିସ ମୋବାଇଲ ଭ୍ୟାନ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବାକୁ ଭୋଟ ଗ୍ରହଣ କେନ୍ଦ୍ର ପାଖରୁ ଲୋକଙ୍କୁ ଘଉଡାଇ ଥିଲା। ଲୋକଙ୍କୁ ଘଉଡାଇବାକୁ ପୋଲିସ ଲାଠି ଚାର୍ଜ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୋଲିସ କାହିଁକି ବାଡେଇଲା କହି ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ସେଠାରେ ପହଞ୍ଚି ପୋଲିସ ସହ ଯୁକ୍ତି ତର୍କ କରିଥିଲେ। ଏହି ସମୟରେ ଜଣେ ଯୁବକ ହଠାତ୍ ସେଠାରେ ପହଞ୍ଚି ଚାନ୍ଦୋଳ ଫାଣ୍ଡିର ସବଇନ୍ସପେକ୍ଟର ସୌମ୍ୟ ରଞ୍ଜନ ପାଣିଗ୍ରାହୀ ଧରିଥିବା ପ୍ଲାଷ୍ଟିକ ପାଇପକୁ ଛଡାଇ ନେଇ ତାଙ୍କୁ ଶକ୍ତ ପାହାର ପକାଇ ଥିଲେ। ସବ୍ ଇନ୍ସପେକ୍ଟର ମୁହଁ ବୁଲାଇ ଦେବାରୁ ପାହାର ମୁହଁ ପରିବର୍ତ୍ତେ ବେକରେ ବସିଥିଲା। ପରେ ସ୍ଥିତି ନିୟନ୍ତ୍ରଣକୁ ଆଣିବାକୁ ସବଇନ୍ସପେକ୍ଟର ପାଣିଗ୍ରାହୀ ସର୍ଭିସ ରିଭଲଭର କାଢି ଉପରକୁ ଉଠାଇ ଉତ୍ତ୍ୟକ୍ତ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। କିଛି ସମୟ ପରେ ରାଜନଗର ଆଇଆଇସି ତପନ କୁମାର ନାୟକ ଫୋର୍ସ ସହ ସେଠାରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ଦୀର୍ଘ ୧ ଘଣ୍ଟା ଧରି ମତଦାନ ବନ୍ଦ ରହିବା ପରେ ପୁଣି ଆରମ୍ଭ ହୋଇଥିଲା। କିଛି ସମୟ ପାଇଁ ସ୍ଥାନୀୟ ଲୋକେ ପୋଲିସ କାହିଁକି ମାଡ ମାରିଲା କହି ରାସ୍ତା ଉପରେ ଧାରଣାରେ ବସିଥିଲେ। ସେଠାରେ ମତଦାନ ଶେଷ ହେବା ସହ ଭୋଟ ବାକ୍ସ ରାଜନଗର ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ହୋଇଥିବା ଷ୍ଟ୍ରଙ୍ଗ ରୁମରେ ପହଞ୍ଚିଛି।

# ପୋଖରୀରେ ଭାସିଲା ବାଲଟ ପେପର



- ପ୍ରିଜାଇଡିଂ ଅଫିସରଙ୍କୁ ମାଡ଼ ସହ ଭୋଟବାକ୍ସ ଫିଙ୍ଗିଲେ ଲୋକେ
- ସାନି ମତଦାନ ଦାବିରେ ପୋଲିସ ଗାଡ଼ି ଅଟକ

**ଭଦ୍ରକ ଅଫିସ,୨୦।୨**

ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ରବିବାର ଥିଲା ତୃତୀୟ ପର୍ଯ୍ୟାୟ ମତଦାନ। କୋହ୍ଲ ପଞ୍ଚାୟତର ୪ ନଂ. ବୁଥ୍‌ରେ ଉତ୍ତେଜନା ଦେଖାଦେଇଛି। ବାଲଟ ପେପର ଫୋଲ୍ଡିଂରେ ତ୍ରୁଟି ଯୋଗୁ ଚିହ୍ନ ଦେଖାଯାଉ ନ ଥିବାରୁ ଲୋକେ ଉତ୍ତ୍ୟକ୍ତ ହୋଇ ମତଦାନ କେନ୍ଦ୍ର ବନ୍ଦ କରି ଦେଇଥିଲେ। ପ୍ରିଜାଇଡିଂ ଅଫିସରଙ୍କୁ ମାଡ଼ ମାରିବା ସହ ଭୋଟବାକ୍ସକୁ ଏକ ପୋଖରୀରେ ଫିଙ୍ଗି କେନ୍ଦ୍ରରେ ଭଙ୍ଗାରୁଜା କରିଥିଲେ। ବାଲଟ ପେପର ପାଣିରେ ଭାସିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚିଥିଲେ ମଧ୍ୟ ଲୋକେ ଗାଡ଼ିକୁ ଛାଡ଼ି ନ ଥିଲେ। ସାନି ମତଦାନ ପାଇଁ ସେମାନେ ଦାବି କରିଥିଲେ। ଏନେଇ ଉପଜିଲାପାଳ ମନୋଜ କୁମାର ପାତ୍ରଙ୍କ ଲିଖିତ ପ୍ରତିଶ୍ରୁତି ମିଳିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୋଖରୀରୁ ଭୋଟବାକ୍ସ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

# ଟଙ୍କା ବାଣ୍ଟିବା ସନ୍ଦେହରେ ସରପଞ୍ଚ ପ୍ରାର୍ଥୀଙ୍କୁ ବାନ୍ଧିଲେ

**ବାରିପଦା ଅଫିସ, ୨୦।୨**

ଟଙ୍କା ବାଣ୍ଟୁଥିବା ସନ୍ଦେହରେ ସରପଞ୍ଚ ପ୍ରାର୍ଥୀଙ୍କୁ ଲୋକେ ଦଉଡ଼ିରେ ବାନ୍ଧି ଅଟକ ରଖିବା ଚର୍ଚ୍ଚାର ବିଷୟ ହୋଇଛି। ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଟଙ୍ଗାଶୋଳ ପଞ୍ଚାୟତ ବଣକାଟି ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଦେଖିବାକୁ ମିଳିଛି। ଘଟଣା ପ୍ରଚାରିତ ହେବା ପରେ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ବିପକ୍ଷ ପ୍ରାର୍ଥୀଙ୍କ ସମର୍ଥକଙ୍କୁ ଅଟକ ରଖିଥିଲେ। ଏହାକୁ ନେଇ ଉଭୟ ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ବଡ଼ସାହି ଥାନା ପୋଲିସ ରବିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ରିପୋର୍ଟ ଲେଖା ହେବା ସୁଦ୍ଧା ଏନେଇ ଥାନାରେ କୌଣସି ମାମଲା ରୁଜୁ କରାଯାଇ ନାହିଁ।

ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଉକ୍ତ ସରପଞ୍ଚ ପ୍ରାର୍ଥୀ ଜଣଙ୍କ ବଣକାଟି ଗ୍ରାମରେ ପଶିଥିଲେ। ଟଙ୍କା ନେଣଦେଣ ହେଉଥିବା ଦେଖି ଗ୍ରାମର କେତେଜଣ ଯୁବକ ତାଙ୍କୁ ଏକ ଦଉଡ଼ିରେ ବାନ୍ଧି ଦେଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏଭଳି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରାର୍ଥୀ ଜଣକ ହଟହଟା ହୋଇଛନ୍ତି। ଆଚରଣ ବିଧି ଉଲ୍ଲଂଘନ କରି ପ୍ରାର୍ଥୀ ଜଣଙ୍କ ଘର ଘର ବୁଲି ଭୋଟରଙ୍କୁ ପ୍ରଲୋଭିତ କରୁଥିବା ନେଇ ଗ୍ରାମର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଥିଲେ।

# ଏକାଧିକ ଭୋଟ ଦେଲେ ମହିଳା

**ଭଦ୍ରକ ଅଫିସ,୨୦।୨**

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସୟା ପଞ୍ଚାୟତର ୨୪ ଓ ୨୫ ନଂ. ୱାର୍ଡରେ ଭୋଟିଂ ସମୟରେ ରିଗିଂ ଅଭିଯୋଗ ହୋଇଛି। ପୋଲିସ ଉପସ୍ଥିତିରେ କବାଟ ଦେଇ ରିଗିଂ କରାଯାଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରାର୍ଥୀ ଓ ସମର୍ଥକମାନଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଥିଲା। ସେହିଭଳି ଫତେପୁର ପଞ୍ଚାୟତର ବାରିକବିନ୍ଧା ବୁଥ୍‌ରେ ଭୋଟ ବନ୍ଦ ହୋଇଛି। ୧୨୦ଟି ଭୋଟ୍ ପରେ ଗଣ୍ଡଗୋଳ ଯୋଗୁ ମତଦାନ ବନ୍ଦ କରାଯାଇଛି। ଏହି ପଞ୍ଚାୟତ ୪ନଂ. ୱାର୍ଡର ବଡ଼ଗାଲ ବୁଥ୍‌ରେ ଜଣେ ପୂର୍ବତନ ନିର୍ବାଚିତ ପ୍ରତିନିଧି ମହିଳାଙ୍କ ଦ୍ୱାରା ଭୋଟ୍ ରିଗିଂ କରାଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଉପସ୍ଥିତିରେ ମହିଳା ଜଣଙ୍କ ଧାଡ଼ିରେ ଥିବା ଅନ୍ୟ ଲୋକଙ୍କ ପାଇଁ ଏକାଧିକ ଭୋଟ୍ ଦେଇଛନ୍ତି। ଏହାର ପ୍ରତିବାଦରେ ଗଳାପୋଖରୀ ଛକରେ ଭାଜପା କର୍ମୀମାନେ ରାସ୍ତାରୋକୋ କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ରାସ୍ତାରୋକୋ ଜାରି ରହିଥିଲା। ଏ ସମ୍ପର୍କରେ ଅତିରିକ୍ତ ଏସ୍‌ପି ବିକାଶ ରଞ୍ଜନ କେରକେଟା ଏଭଳି କିଛି ଘଟଣା ଘଟି ନ ଥିବା କହିଛନ୍ତି।

# ଫାଙ୍କା ଗୁଳିଚାଳନା ଘଟଣାରେ ୩ ଗିରଫ

## ନିର୍ବାଚନ ପରବର୍ତ୍ତୀ ହିଂସା

**ନବରଙ୍ଗପୁର/ନନ୍ଦାହାଣ୍ଡି, ୨୦।୨(ବି.ପ୍ର./ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଦହଣା ଗାଁରେ ଭାଜପା କର୍ମୀ ଅଶ୍ୱିନୀ ଦାସଙ୍କ ଘର ଉପରକୁ ୨ ରାଉଣ୍ଡ ଫାଙ୍କା ଗୁଳିଚାଳନା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିରିଗୁଡା ଗାଁର ସଞ୍ଜୀବ ହିଆଲ, ଦାହଣା ଗାଁର ନରହରି ହରିଜନ ଓ ଭଞ୍ଜଗୁଡା ଗାଁର ପ୍ରଫୁଲ୍ଲ ବାଘ। ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବିଜେଡିର ଅରୁଣ କୁମାର ମିଶ୍ର ଏବେ ସୁଦ୍ଧା ଫେରାର ଅଛନ୍ତି। ୧୮ ତାରିଖରେ ନନ୍ଦାହାଣ୍ଡିରେ ନିର୍ବାଚନ ସରିଛି। ଏହା ନିର୍ବାଚନ ପରବର୍ତ୍ତୀ ହିଂସା ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ଅଶ୍ୱିନୀ ନିର୍ବାଚନରେ ଭାଜପା ପାଇଁ ପ୍ରଚାର କରୁଥିଲେ। ତେଣୁ ସେହି ରାଗ ରଖି ନନ୍ଦାହାଣ୍ଡି ଜୋନ-୨ର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଅରୁଣ କୁମାର ମିଶ୍ର ତାଙ୍କ ସମର୍ଥକଙ୍କୁ ନେଇ ଏହି କାଣ୍ଡ ଘଟାଇଥିବା ଅଶ୍ୱିନୀଙ୍କ ପୁଅ ଆଲୋକ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ପ୍ରଥମେ ଆସି ଅଶ୍ୱିନୀଙ୍କୁ ଖୋଜିଥିଲେ। ସେ ଘରେ ନ ଥିବାରୁ ତାଙ୍କୁ ଫୋନ୍ କରି ଗଣ୍ଡଗୋଳ କରିଥିଲେ। ଅରୁଣ ଆଲୋକଙ୍କୁ ଠେଲାପେଲା କରିବା ସହ ହତ୍ୟା ଧମକ ଦେଇଥିଲେ। ପରେ ସେ ପକେଟରୁ ବନ୍ଧୁକ ବାହାର କରି ୩ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିଥିବା ଆଲୋକ ଅଭିଯୋଗ କରିଛନ୍ତି। ତେନ୍ତୁଳିଖୁଣ୍ଟି ଥାନାରେ ୨୯/୨୨ରେ ମାମଲା ରୁଜୁ ହୋଇଛି। ଏସ୍‌ପି ପି.ଏସ୍.ପରଷୋତ୍ତମ ଦାସଙ୍କ ତତ୍ତ୍ୱାବଧାନରେ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ, ଏଏସ୍‌ଆଇ କ୍ଷୀରସିନ୍ଧୁ ସାହୁ, ତେନ୍ତୁଳିଖୁଣ୍ଟି ଥାନା ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଖାତିଗୁଡା ଥାନାଧିକାରୀ ପ୍ରମୋଦ ନାୟକଙ୍କୁ ନେଇ ଏକ ଟିମ କରାଯାଇଥିଲା। ବିଳମ୍ବିତ ରାତିରେ ନବରଙ୍ଗପୁର ଥାନା ଅଧିକାରୀ, ଏଏସ୍‌ଆଇ ଏବଂ ଖାତିଗୁଡା ଥାନାଧିକାରୀ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟିମ ଆସି ରବିବାର ତଦନ୍ତ ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ଭୋଟ ବାକ୍ସରେ ପାଣି ଢାଳିଲେ, ତହସିଲଦାର ଅଟକ

ପାତ୍ରପୁର,୨୦।୨(ଡି.ଏନ.ଏ.): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକରେ ପାତ୍ରପୁର ପଞ୍ଚାୟତର ଗୋଲାସାହି ୧୫ ନମ୍ବର ବୁଥ୍‌ରେ ମତଦାନ ଚାଲିଥିବା ବେଳେ ଭୋଟର ଲିଷ୍ଟରେ ନାଁ ନ ଥିବାରୁ କେତେଜଣ ବ୍ୟକ୍ତି ଭୋଟ ବାକ୍ସରେ ପାଣି ଢାଳିଦେଇଥିବା ଅଭିଯୋଗ ହୋଇଛି। ସେହିପରି ଜୟନ୍ତପୁର ପଞ୍ଚାୟତ ଚିଡ଼ିପୁଡ଼ିରେ ରିଗିଂ ପାଇଁ ଏଜେଣ୍ଟଙ୍କ ଉପରେ ଆକ୍ରମଣ ହୋଇଛି। ତୁମ୍ବା ପଞ୍ଚାୟତ ଅନ୍ତର୍ଗତ ଧାଡ଼ିଆମ୍ବ ଗ୍ରାମର ସମସ୍ତ ଲୋକଙ୍କ ନାଁ ଭୋଟର ତାଲିକାରେ ନ ଥିବା ନେଇ ପାଟିତୁଣ୍ଡ ଆରମ୍ଭ ହୋଇଥିଲା। ପରେ ଲୋକେ ଅଣ୍ଡରସିଙ୍ଗି ଗ୍ରାମରେ ଥିବା ଭୋଟ କେନ୍ଦ୍ର ନିକଟରେ ଧାରଣା ଦେଇଥିଲେ। ଖବର ପାଇ ତହସିଲଦାର ଅମିତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚିବାରୁ ଗ୍ରାମବାସୀ ତାଙ୍କୁ ଅଟକ ରଖିଥିଲେ। ଜରଡ଼ା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ଗ୍ରାମବାସୀ ଶାନ୍ତ ପଡ଼ିବା ସହ ତହସିଲଦାରଙ୍କୁ ଛାଡ଼ିଥିଲେ।

### ଗାଡ଼ିରେ ନିଆଁ ଲଗାଇବା ଅଭିଯୋଗରେ ବିଜେଡି କର୍ମୀ ଗିରଫ

ନବରଙ୍ଗପୁର/କୋଡ଼ିଙ୍ଗା,୨୦।୨ (ବି.ପ୍ର./ଡି.ଏନ୍.ଏ.): ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ କୋଡ଼ିଙ୍ଗା ଥାନା ଅଧୀନ ଡଙ୍ଗରା ଗାଁର କଂଗ୍ରେସ ନେତା କେ. ଝାଡେଶ୍ୱର ରାଓଙ୍କ ଘର ବାଉଣ୍ଡାରି ଭିତରେ ଥିବା କାର୍ (ଓଆର୍-୧୦ଜି-୦୦୧୮) ଓ ବାଇକ୍ (ଓଆର୍-୨୪ଏ-୩୫୬୧)ରେ ଶନିବାର ବିଳମ୍ବିତ ରାତିରେ କେହି ନିଆଁ ଲଗାଇ ଦେଇଛନ୍ତି। କାର୍‌ଟି ନିର୍ବାଚନ ପ୍ରଚାରରେ ଲାଗିଥିଲା। ବିଜେଡି କର୍ମୀ ଯୁଧିଷ୍ଠିର ଗୌଡ଼ଙ୍କ ସହ ପୂର୍ବ ଶତ୍ରୁତା ଥିଲା ବୋଲି ଝାଡେଶ୍ୱର ପୋଲିସ ଆଗରେ କହିଛନ୍ତି। ତଦନୁଯାୟୀ ପୋଲିସ ଯୁଧିଷ୍ଠିରଙ୍କୁ ଗିରଫ କରିଛି। ଝାଡ଼େଶ୍ୱର କଂଗ୍ରେସର ଜିଲା ପରିଷଦ ଓ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ଦେବକୀ ଭାତରାଙ୍କ ପାଇଁ ପ୍ରଚାର କରୁଥିଲେ। ଯୁଧିଷ୍ଠିର ବିଜେଡି ସମର୍ଥକ ପ୍ରାର୍ଥୀ କୌଶଲ୍ୟା ମାଝିଙ୍କ ସପକ୍ଷରେ ବୁଲୁଥିଲେ ବୋଲି ଝାଡେଶ୍ୱର କହିଛନ୍ତି।

### ପୋଲିସକୁ ତାଲା ପକାଇ ଅଟକ

ବୌଦ୍ଧ,୨୦।୨(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ଦେବଗଡ ବୁଥ୍‌ରେ ରବିବାର ପ୍ରିଜାଇଡିଂ ଅଫିସର ବାଲଗୋପାଲ ସେଠୀ କେତେଜଣ ବୟୋଜ୍ୟେଷ୍ଠ ଭୋଟରଙ୍କ ପାଇଁ ଭୋଟ ଦେବା ନେଇ ଉତ୍ତେଜନା ଦେଖାଦେଇଥିଲା। ସେଠୀଙ୍କ କାର୍ଯ୍ୟକୁ ଭୋଟର ଓ ଭାଜପା ସମର୍ଥକମାନେ ଜୋର୍‌ଦାର ବିରୋଧ କରିଥିଲେ। କେତେଜଣ ଉତ୍ତ୍ୟକ୍ତ ଲୋକ ସେଠାରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଏକ ଘରେ ତାଲା ପକାଇ ଅଟକ ରଖିଥିଲେ। ଏହାଛଡା ପ୍ରିଜାଇଡିଂ ଅଫିସରଙ୍କୁ ମତଦାନ କେନ୍ଦ୍ର ବାହାରେ ଘେରାଉ କରି ରଖିଥିଲେ। ଫଳରେ ମତଦାନ ବନ୍ଦ ହୋଇ ଯାଇଥିଲା। ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର ଓ ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରଙ୍କୁ ବଦଳ କରିବା ପରେ ବୁଥ୍‌ରେ ପୁଣି ମତଦାନ ହୋଇଥିଲା।

### ବାଲଟ ଲୁଟିନେଲେ ଦୁର୍ବୃତ୍ତ, ୪ ଅଟକ

ଫୁଲବାଣୀ ଅଫିସ, ୨୦।୨: ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର କନ୍ଧମାଳ ଜିଲାର ୩ ବ୍ଲକ ଅନ୍ତର୍ଗତ ମୋଟ ୬୩୫ଟି ବୁଥ୍‌ରେ ହୋଇଛି। ବ୍ଲକରେ ଶାନ୍ତିଶୃଙ୍ଖଳାରେ ମତଦାନ ହୋଇଥିଲେ ମଧ୍ୟ ଖଜୁରିପଡା ବ୍ଲକ ଦଳପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୫ ନଂ. ବୁଥରେ ଶେଷ ସମୟରେ ବାଲଟ ଲୁଟ୍ ହୋଇଛି। ମାତ୍ର ୫ ଜଣ ଭୋଟର ମତଦାନ କରିବାକୁ ଧାଡିରେ ଠିଆ ହୋଇଥିବା ବେଳେ ଏହି ଘଟଣା ଘଟିଛି। ୬ ଦୁର୍ବୃତ୍ତ ହଠାତ ବୁଥ୍ ଭିତରକୁ ପଶି ଆସି ବାକି ଥିବା ବାଲଟକୁ ଧରି ଚମ୍ପଟ ମାରିଛନ୍ତି। ଏହି ଘଟଣାରେ ପୋଲିସ ୪ ଜଣଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ଏହି ବୁଥ୍‌ରେ ମୋଟ ଭୋଟରଙ୍କ ସଂଖ୍ୟା ୧୯୦। ଘଟଣା ଘଟିବା ସୁଦ୍ଧା ୪୩ ଜଣ ଭୋଟର ନିଜର ମତ ସାବ୍ୟସ୍ତ କରି ସାରିଥିଲେ। ଆଉ ୫ ଜଣ ଭୋଟର ଧାଡିରେ ଠିଆ ହୋଇଥିବା ବେଳେ ଦୁର୍ବୃତମାନେ ହଠାତ ପଶି ବାଲାଟ ନେଇ ଯିବା ପରେ ପ୍ରିଜାଇଡିଂ ଅଫିସର ତୁରନ୍ତ ଥାନାକୁ ଖବର ଦେଇଥିଲେ। ଖଜୁରୀପଡା ଥାନାଧିକାରୀ ଗେଲ୍ଲି କୁମାରୀ ସାହୁ ଓ ସଦର ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।



## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୨,୪୪,୩୪,୨୫୭ | ୫୯,୦୩,୭୦୪ | ୩୪,୯୭,୫୧,୩୨୧ |
| ଭାରତ | ୪,୨୮,୨୨,୪୭୩ | ୫,୧୧,୯୩୫ | ୪,୨୦,୮୬,୩୮୩ |
| ଓଡ଼ିଶା | ୧୨,୮୨,୪୮୧ | ୯୦୧୧(+୫୩) | ୧୨,୬୮,୧୫୮ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୯ ହଜାର ଟପିଲା କରୋନା ମୃତ୍ୟୁ

ଭୁବନେଶ୍ୱର, ୨୦।୨(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ତଳମୁହାଁ ରହିଥିବାବେଳେ ମୃତ୍ୟୁ ସଂଖ୍ୟା ପ୍ରାୟତଃ ସ୍ଥିର ରହିଛି। ଏବେ ଦୈନିକ ୧୫ରୁ ୨୦ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟୁଛି। ଗତ ୨୪ ଘଣ୍ଟାରେ ଆଉ ୧୭ଜଣଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ମୃତକଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ସର୍ବାଧିକ ୭ଜଣ ଥିବାବେଳେ ବାଲେଶ୍ୱରରୁ ୬ଜଣ ରହିଛନ୍ତି। ସେହିଭଳି ଗଞ୍ଜାମରୁ ୨ଜଣ ଏବଂ ପୁରୀ ଓ କଳାହାଣ୍ଡିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ କରୋନାରେ ମୃତ୍ୟୁ ଘଟିଛି। ଏମାନଙ୍କୁ ମିଶାଇ ରଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୯,୦୧୧କୁ ବୃଦ୍ଧି ପାଇଛି।

ଅପରପକ୍ଷେ ରାଜ୍ୟରେ ୫ଶହ ତଳକୁ ଖସିଛି ଦୈନିକ ସଂକ୍ରମଣ। ଶେଷ ଦିନକରେ ୪୯୨ଜଣ କରୋନା ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୨୨ଜଣ ୧୮ବର୍ଷରୁ କମ୍ ବୟସର ରହିଛନ୍ତି। କ୍ୱାରାଣ୍ଟାଇନ ସେଣ୍ଟରରୁ ୨୮୯ଜଣ ଚିହ୍ନଟ ହୋଇଥିବାବେଳେ ୨୦୩ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରେ ସର୍ବାଧିକ ୯୬ଜଣ ଥିବାବେଳେ ବାକିସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୫୦ ତଳକୁ ରହିଛି। ସେହିପରି ୧୮ ଜିଲାରେ ସଂକ୍ରମିତ ସଂଖ୍ୟା ୧୦ ତଳକୁ ରହିଛି। ତେବେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ସଂକ୍ରମିତ ସଂଖ୍ୟା ୧୨,୮୨,୪୮୧ରେ ପହଞ୍ଚିଛି। ସେପଟେ ରବିବାର ଆଉ ୧,୦୪୯ଜଣ କରୋନାରୁ ସୁସ୍ଥ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଫଳରେ ରାଜ୍ୟରେ ମୋଟ ଆରୋଗ୍ୟଙ୍କ ସଂଖ୍ୟା ୧୨,୬୮,୧୫୮କୁ ବୃଦ୍ଧି ପାଇଛି।



୨ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରବିବାର ଭୁବନେଶ୍ୱର ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ଦେଉଛନ୍ତି।

# ପୌରପରିଷଦ ସହକାରୀ ଯନ୍ତ୍ରୀ ଗିରଫ

**ସ୍ତ୍ରୀଙ୍କ ନାମରେ ମାମଲା**

**ଭୁବନେଶ୍ୱର,୨୦।୨(ବ୍ୟୁରୋ):** କୋରାପୁଟ ଜିଲା ସୁନାବେଡା ପୌରପରିଷଦର ସହକାରୀ ଯନ୍ତ୍ରୀ ମନୋଜ କୁମାର ପାତ୍ରଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଆୟ ବହିର୍ଭୂତ ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ହିସାବ ଦେଇ ନ ପାରିବାରୁ କୋରାପୁଟ ଭିଜିଲାନ୍ସ ପକ୍ଷରୁ ମନୋଜ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୨/୨୨) ରୁଜୁ କରାଯାଇଛି। ରବିବାର ମନୋଜଙ୍କୁ ଗିରଫ କରାଯିବା ପରେ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ କୋର୍ଟ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଭିଜିଲାନ୍ସ ପକ୍ଷରୁ ମନୋଜଙ୍କ ସୁନାବେଡ଼ାସ୍ଥିତ ବାସଭବନ ଓ କାର୍ଯ୍ୟାଳୟ, ଭୁବନେଶ୍ୱର ପୋଖରୀପୁଟରେ ଥିବା ବାସଭବନ, ବ୍ରହ୍ମପୁର ଓ ପାରଳାଖେମୁଣ୍ଡିରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଚଢ଼ାଉବେଳେ ୨୮.୬୧ ଲକ୍ଷ ଟଙ୍କା, ୧୧.୪୪ ଲକ୍ଷ ଟଙ୍କାର ସୁନା ଓ ରୁପା ଅଳଙ୍କାର, ପୋଖରୀପୁଟରେ ଗୋଟିଏ ୩ ବିଏଚ୍‌କେ ଫ୍ଲାଟ୍, ବ୍ରହ୍ମପୁରରେ ୫୫.୫୭ ଲକ୍ଷ ଟଙ୍କାର ୨ ମହଲା କୋଠା ଓ ୩ଟି ପ୍ଲଟ, ଭୁବନେଶ୍ୱରରେ ଗୋଟିଏ ଏବଂ କୋରାପୁଟରେ ୩ଟି ପ୍ଲଟ୍ ଠାବ ହୋଇଛି। ଏଥିସହ ଯାଞ୍ଚବେଳେ ୪୦ଲକ୍ଷର ଫିକ୍ସଡ୍ ଡିପୋଜିଟ୍, ବ୍ୟାଙ୍କ ଇନ୍‌ସୁ୍ୟରାନ୍ସ ଓ ପୋଷ୍ଟାଲ ଡିପୋଜିଟ୍, ଘରେ ଥିବା ୧୬.୫୯ ଲକ୍ଷ ଟଙ୍କାର ସାମଗ୍ରୀ, ଗୋଟିଏ ୧୨.୮୮ ଲକ୍ଷ ଟଙ୍କାର କାର୍, ୨ଟି ବାଇକ ଥିବା ଜଣାପଡିଥିଲା। ତେବେ ଠାବ ହୋଇଥିବା ସମ୍ପତ୍ତିର ମୂଲ୍ୟ ଓ ସେଥିରୁ ଆୟ ବହିର୍ଭୂତ ସମ୍ପତ୍ତି କେତେ ଭିଜିଲାନ୍ସ ସ୍ପଷ୍ଟ କରିନାହିଁ।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**ପରଜଙ୍ଗ,୨୦।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଭାଲୁମୁଣ୍ଡା–ସାଆନ୍ଦା ପୂର୍ତ୍ତ ବିଭାଗ ରାସ୍ତାର ବଡ଼ଜୁରୁଡ଼ା ଛକ ନିକଟରେ ଶନିବାର ରାତିରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କନ୍ଦରସିଂହା ଗ୍ରାମର ବିକାଶ ବିଶ୍ୱାଳ (୨୪) ଓ ପାଣିଗେଙ୍ଗୁଟିଆ ଗ୍ରାମର ରଞ୍ଜିତ ଭୋଇ(୨୬)। ବିକାଶ ସାଆନ୍ଦା ଆଡୁ ଘରକୁ ବାଇକ୍‌ରେ ଫେରୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ରଞ୍ଜିତଙ୍କ ବାଇକ୍ ସହ ଧକ୍କା ହୋଇଥିଲେ। ଘଟଣାସ୍ଥଳରେ ହିଁ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ପୋଲିସ ମୃତଦେହ ଜବତ କରି ରବିବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

# ଗୁରୁତର ଅବସ୍ଥାରେ ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ଉଦ୍ଧାର

**ନୂଆପଡ଼ା ଅଫିସ,୨୦।୨:** ନୂଆପଡା ଜିଲା ଖଡିଆଳ ବ୍ଲକରେ ପୁଣି ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଖଡ଼ିଆଳ ବ୍ଲକ ସୁନାରୀସିକୁଆଁ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଚୁଳମଣି ବୈଠାରୁଙ୍କୁ ଶନିବାର ଅଚେତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହାର ଦିନକ ପରେ ରବିବାର ଏହି ବ୍ଲକର ବଡଦୋହେଲ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀଙ୍କ ସ୍ୱାମୀ ରିତେଶ ବାଗଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଅବସ୍ଥା ସଙ୍କଟାପନ୍ନ ଥିବାରୁ ଛତିଶଗଡର ରାୟପୁରରେ ତାଙ୍କର ଚିକିତ୍ସା କରାଯାଉଛି। ରିତେଶ ଶନିବାର ସନ୍ଧ୍ୟାରେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକ ତାଙ୍କୁ ଖୋଜିବାକୁ ବାହାରିଥିଲେ। ଏହି ସମୟରେ ରିତେଶ ପଞ୍ଚାୟତ କାର୍ଯ୍ୟାଳୟ ପଛପଟେ ପଡିଥିଲେ। ତାଙ୍କ ମୋବାଇଲ ଲାଇଟ ଜଳୁଥିବା ଦେଖି ଗ୍ରାମବାସୀ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ରାଜନୈତିକ ଶତ୍ରୁତାରୁ ଏଭଳି ଆକ୍ରମଣ କରିଥିବା ତାଙ୍କ ପରିବାରବର୍ଗ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି।

# ନିମ୍ନମାନର ରାଜନୀତି ହିନ୍ଦୁତ୍ୱ ନୁହେଁ: ଉଦ୍ଧବ

- ଭାଜପା ବିରୋଧୀ ସାମ୍ମୁଖ୍ୟ ଗଠନ ଲକ୍ଷ୍ୟ
- ଉଦ୍ଧବଙ୍କୁ ଭେଟିଲେ କେସିଆର୍

ମୁମ୍ବାଇ,୨୦।୨



ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଭେଟିଥିବା ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।

ଭାଜପା ବିରୋଧୀ ସାମ୍ମୁଖ୍ୟ ଗଠନ ଲାଗି ପୁଣିଥରେ ଉଦ୍ୟମ ଆରମ୍ଭ ହୋଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ରବିବାର ମୁମ୍ବାଇ ଯାଇ ତାଙ୍କର ମହାରାଷ୍ଟ୍ର ପ୍ରତିପକ୍ଷ ଉଦ୍ଧବ ଠାକ୍‌ରେଙ୍କୁ ଭେଟିଛନ୍ତି। ଆଲୋଚନାବେଳେ ଶିବସେନା ଏମ୍‌ପି ସଞ୍ଜୟ ରାଉତ ମଧ୍ୟ ଉପସ୍ଥିତ ଥିଲେ। ଦେଶର ରାଜନୈତିକ ସ୍ଥିତିକୁ ନେଇ ଏହି ନେତାମାନେ ଚିନ୍ତାବ୍ୟକ୍ତ କରିବା ସହ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରାଯାଉଥିବା କହିଥିଲେ। ନିମ୍ନମାନର ରାଜନୀତି ହିନ୍ଦୁତ୍ୱ ନୁହେଁ ବୋଲି ଏହି ଅବସରରେ ଉଦ୍ଧବ କହିଛନ୍ତି। ହାଇଦ୍ରାବାଦରେ ଉଭୟ ନେତା ପୁଣିଥରେ ପରସ୍ପରକୁ ଭେଟିବେ।

କେନ୍ଦ୍ରର ନରେନ୍ଦ୍ର ମୋଦି ନେତୃତ୍ୱାଧୀନ ସରକାରକୁ ଦୃଢ଼ ବିରୋଧ କରୁଥିବା କେସିଆର୍ ଜାତୀୟ ରାଜନୀତିରେ ପ୍ରବେଶ ଲାଗି ଉଦ୍ୟମ ଆରମ୍ଭ କରିଛନ୍ତି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ବିଭିନ୍ନ ଦଳକୁ ଏକାଠି କରିବା ନିମନ୍ତେ ସେ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ସେ ରବିବାର ସନ୍ଧ୍ୟାରେ ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଶରଦ ପାୱାରଙ୍କୁ ଭେଟିଛନ୍ତି। କେସିଆର୍ ଭାଜପା ବିରୋଧୀ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। କିଛିଦିନ ପୂର୍ବରୁ ସେ ଉଭୟ ଭାଜପା ଓ କଂଗ୍ରେସକୁ ସମାଲୋଚନା କରିବା ସହ ଭାରତ ନୂଆ ଆନ୍ଦୋଳନ ଚାହେଁ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦିଙ୍କୁ ମଧ୍ୟ ସେ ସମାଲୋଚନା କରିଥିଲେ। ମୋଦି ନିର୍ବାଚନ ହେଉଥିବା ରାଜ୍ୟ ଅନୁଯାୟୀ ପୋଷାକ ପିନ୍ଧୁଛନ୍ତି। କେସିଆର୍ ଜାତୀୟ ରାଜନୀତିରେ ବଡ଼ ଭୂମିକା ନେବେ ଏବଂ ଭାଜପା ଗଡ଼ ଭାଙ୍ଗିଦେବେ ବୋଲି କହିଥିଲେ।

ସପ୍ତାହେ ପୂର୍ବେ ଜନଗାଁଓ ଜିଲାର ଯଶୱନ୍ତପୁରରେ ଏକ ବିଶାଳ ରାଲିକୁ ଉଦ୍‌ବୋଧନ ଦେଇ ଟିଆର୍‌ଏସ୍ ମୁଖ୍ୟ କହିଥିଲେ, ପ୍ରଧାନମନ୍ତ୍ରୀ ମୋଦି ଯଦି ତେଲଙ୍ଗାନାବାସୀଙ୍କ ଭାବାବେଗ ସହ ଖେଳିବାକୁ ଉଦ୍ୟମ କରନ୍ତି ତେବେ ବିଦ୍ରୋହ ହେବ। ଆନ୍ଧ୍ରପ୍ରଦେଶ ବିଭାଜନ ଠିକ୍ ହୋଇନାହିଁ ବୋଲି ମୋଦି ରାଜ୍ୟ ସଭାରେ କହିଥିବାରୁ କେସିଆର୍ ଏଭଳି ଚେତାବନୀ ଦେଇଥିଲେ।

# ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ, ଉତ୍ତେଜନା

ଛେଣ୍ଡିପଦା,୨୦।୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ନେଇ ରବିବାର ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତଦନ୍ତରେ ପକ୍ଷପାତିତା ଅଭିଯୋଗ କରି ଉତ୍ୟକ୍ତ ଲୋକେ ଜରପଡା ଥାନା ଘେରାଉ କରିଥିଲେ। ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପ୍ରତିଶ୍ରୁତି ଦେବା ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା।

ପୋଲିସ କହିଛି, ଗତ ୧୮ ତାରିଖରେ ଅଭିଯୁକ୍ତ ଶିବୁ ରଞ୍ଜନ ସାହୁ (୨୧) ସମ୍ପୃକ୍ତ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଏ ନେଇ ପରିବାର ଲୋକେ ଜାଣିବା ପରେ ଗ୍ରାମର କେତେଜଣ ଭଦ୍ରବ୍ୟକ୍ତିଙ୍କୁ ଜଣାଇଥିଲେ। ଏହା ପ୍ରଘଟ ହେବାରୁ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। କେତେଜଣ ବ୍ୟକ୍ତି ଅଭିଯୁକ୍ତଙ୍କୁ ମାଡ଼ ମାରି କୋଠଘରେ ଅଟକ ରଖିଥିଲେ। ଖବରପାଇ ଥାନା ଏସ୍‌ଆଇ ଶକୁନ୍ତଳା ଦେହୁରୀ ୧୯ ତାରିଖ ରାତିରେ ଅଭିଯୁକ୍ତଙ୍କୁ ଉଦ୍ଧାର କରିଥିଲେ। ତେବେ ଆହତ ଅବସ୍ଥା ଦେଖି ପୋଲିସ ତାଙ୍କୁ ଚିକିତ୍ସା ପାଇଁ ସେହି ରାତିରେ ବ୍ୟକ୍ତିଗତ ଜିମାରେ ଥାନାରୁ ଛାଡିଦେଇଥିଲା। ପୋଲିସର ଏପରି କାର୍ଯ୍ୟକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଥିଲା। ପୋଲିସ ତଦନ୍ତରେ ପକ୍ଷପାତିତା କରୁଥିବା ଅଭିଯୋଗ କରି ୫୦ରୁ ଊର୍ଦ୍ଧ୍ୱ ଲୋକ ଥାନା ଘେରାଉ କରିଥିଲେ। ଏସ୍‌ଆଇ ଶକୁନ୍ତଳା ଦେହୁରୀ କହିଛନ୍ତି, ରବିବାର ନାବାଳିକାଙ୍କ ପରିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୧/୨୨ରେ ପୋକ୍ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଛି। ଡାକ୍ତରୀ ଚିକିତ୍ସା ନିମନ୍ତେ ଅଭିଯୁକ୍ତଙ୍କୁ ଛଡାଯାଇଥିଲା। ପରେ ତାଙ୍କୁ ଥାନାରେ ରଖାଯାଇଛି। ଖୁବ୍‌ଶୀଘ୍ର କୋର୍ଟ ଚାଲାଣ କରାଯିବ।




ଉତ୍ୟକ୍ତ ଲୋକେ ରବିବାର ଜରପଡ଼ା ଥାନା ଘେରାଉ କରିଛନ୍ତି।



ଭୁବନେଶ୍ୱରରେ ରବିବାର ଅପରାହ୍ନରେ ହୋଇଥିବା ପ୍ରବଳ ବର୍ଷାରେ ଶିଶୁଭବନ ଛକରୁ ଏୟାରପୋର୍ଟ ରାସ୍ତାରେ ଆଣ୍ଠୁଏ ପାଣିର ସୁଅ।

# ଉପକୂଳରୁ ଆଭ୍ୟନ୍ତର ବର୍ଷିଲା

**ଭୁବନେଶ୍ୱର, ୨୦।୨(ବ୍ୟୁରୋ):** ପଶ୍ଚିମାଝଡ଼ ପ୍ରଭାବରେ ରବିବାର ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହୋଇଛି। ଉପକୂଳରୁ ଆଭ୍ୟନ୍ତର ପର୍ଯ୍ୟନ୍ତ ଅନେକ ସ୍ଥାନରେ ବର୍ଷା ହୋଇଥିବା ଜଣାପଡ଼ିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ରବିବାର ସନ୍ଧ୍ୟା ୬ଟା ବୁଲେଟିନ୍ ଅନୁସାରେ, ଚାନ୍ଦବାଲିରେ ୧୦.୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଭୁବନେଶ୍ୱରରେ ୧୦ ମିମି ଓ କଟକରେ ୯ ମିମି ବର୍ଷା ରେକର୍ଡ କରାଯାଇଛି। ସେହିଭଳି ଅନୁଗୋଳ, ବାରିପଦା, ଝାରସୁଗୁଡ଼ା, ହୀରାକୁଦ, ଯାଜପୁରର କିଛି ଅଞ୍ଚଳରେ ବର୍ଷା ହୋଇଛି। ତେବେ ସୋମବାରଠାରୁ ରାଜ୍ୟରେ ପାଗ ଶୁଖିଲା ରହିବ। କିନ୍ତୁ ପଶ୍ଚିମାଝଡ଼ ପ୍ରଭାବରେ ୨୪ରୁ ପୁଣି ବର୍ଷା ଆରମ୍ଭ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୨୪ରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ଦୁଇଦିନ ଭିତରେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାରେ ରାତ୍ରି ତାପମାତ୍ରା ୩ ରୁ ୪ ଡିଗ୍ରୀ କମିବାର ଆଶଙ୍କା ରହିଛି। ଏହାପରେ ୨–୩ଦିନ ପର୍ଯ୍ୟନ୍ତ ତାପମାତ୍ରା ୩ରୁ ୪ ଡିଗ୍ରୀ ବଢ଼ିବ। ସେପଟେ ଆସନ୍ତା ୪ /୫ ଦିନ ପର୍ଯ୍ୟନ୍ତ ଦକ୍ଷିଣ ଓ ଉତ୍ତର ଉପକୂଳ ଓଡ଼ିଶାରେ ରାତ୍ରି ତାପମାତ୍ରାରେ ସେଭଳି କିଛି ବଡ଼ ପରିବର୍ତ୍ତନ ହେବ ନାହିଁ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।






**ଆଜିର ମନ୍ତବ୍ୟ**

ସାରା ଦେଶରେ ପ୍ରତିଶୋଧର ରାଜନୀତି ଅତ୍ୟନ୍ତ ନିମ୍ନ ସ୍ତରକୁ ଗଲାଣି। କାହା ବିରୋଧରେ ପ୍ରତିଶୋଧ ନେବା ଆମ ହିନ୍ଦୁତ୍ୱ ନୁହେଁ।

**-ଉଦ୍ଧବ ଠାକ୍ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭଙ୍ଗା ଘରକୁ ବେଗୁନିଆ ତାଟି**
**ତାକୁଦେଖି ମୋର ମୂର୍ଚ୍ଛନାଯାଏ ଫାଟି ।**

ବେଗୁନିଆ ଏକ ପ୍ରକାର ବୃକ୍ଷ ପ୍ରଜାତିର। ସାଧାରଣତଃ ଭଙ୍ଗା ଦଦରା ଘରେ ରହିବା ବିପଦଜନକ। କେତେବେଳେ ଝଡ଼ ତୋଫାନକୁ ଡର ତ କେତେବେଳେ ଚୋର ପଶି ଚୋରେଇ ନେବାର ଭୟ ମନକୁ ସର୍ବଦା ଆନ୍ଦୋଳିତ କରିଥାଏ। ମଜବୁତ ଘର ସୁରକ୍ଷା ପ୍ରଦାନକାରୀ। ଏପରିସ୍ଥଳେ ଅର୍ଥାଭାବରୁ ଜରାଜୀର୍ଣ୍ଣ ଘରେ ବାସ କରୁଥିବା ବ୍ୟକ୍ତି ଘରର ଦୂରାବସ୍ଥା ଦେଖି ଚିନ୍ତା ପ୍ରକଟ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭଙ୍ଗା କୁଆଳି**
**ଘଇତା ମାଡ଼କୁ ନାହିଁ ଗୁହାରି ।**

ଦାମ୍ପତ୍ୟ ଜୀବନରେ କଳହ ଏକ ସାଧାରଣ କଥା। ବେଳେବେଳେ କିଛି କଥା ବା କାରଣକୁ ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା ଲାଗିରହୁଥିବାର ଜଣାଯାଏ। ତେବେ ଲାଗିରହୁଥିବା ବାଦ ବିବାଦ କ୍ଷଣସ୍ଥାୟୀ ହୋଇଥିବା ବେଳେ ତାଙ୍କ ମଧ୍ୟରେ ପଶିବାକୁ କେହି ଉଚିତ ମଣି ନ ଥାନ୍ତି। ସ୍ୱାମୀ ମାଡ଼ଗାଳି ଦେଲେ ସ୍ତ୍ରୀ ବିଚାରି କାହା ଆଗରେ କହି ନ ପାରି ନିଜ ଭାଗ୍ୟକୁ ଆଦରି ପଡ଼ିରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ


# classifieds

**Everyday**
0674-2580101, 2549302



**SALE**

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71948

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପାଖ NHରୁ 1 K.M. ଦୂରରେ immediate ଘରକରି ରହିବା ପାଇଁ low cost plot ମିଳୁଛି। 9692213354. D-71865

**30' Road, Gated society, Security guard, CCTV ଥାଇ ତୁରନ୍ତ ଘର କଲାଭଳି 3ଟି plot ହଂସପାଳ ରାମଚନ୍ଦ୍ରପୁର ମୌଜାରେ ବିକ୍ରିହେବ। 9437033320.** D-71798

ଭୁବନେଶ୍ୱର ଜଟଣୀଗେଟ୍ (sqft.-649/-ରୁ 350/-), Sundarpada Xavier (1200sqft. 3,36,000/), ଜାଆଁଳା (sqft.-649/-). Contact: 8114994259, 8658963803. D-23184

ପିପିଲି ମେଡିକାଲଠାରୁ ପୁରୀ ଯିବା ରାସ୍ତାରେ **BSNL/ Fire Office** ନିକଟବର୍ତ୍ତୀ ଘରବାରି **boundary, road, electricpoll** ସହିତ ପିଚୁ ରାସ୍ତାକୁ ଲାଗି ପ୍ଲଟ୍ ମିଳୁଛି। **9348673415, 6372694842.** D-71799

Gharabari plot with boundary near Utkal Hights 57 Dec. Rs.- 6500000/-. Mob: 7848983289. D-23083

**Private plot 6000sqft. ଘରବାରି (6ft. height boundary) near Sai life style Apartment ଗୁଡ଼ିଆପୋଖରୀ ଛକ- 48,00,000/-, direct owner- 9937373013.** D-71796

Gharabari plot, Gohriachhaka, 200m from NH and investment gharabari plot Sundarpada and KEC Gudiapokhari for sale. 9777345831. D-71017

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ଭୁବନେଶ୍ୱର ଖୋର୍ଦ୍ଧା ମଧ୍ୟରେ ପିତାପଲ୍ଲୀ ଛକ **NH-16**କୁ ଲାଗି ଘରବାରି, **boundary, electrification** ଥାଇ ସୁଲଭ ମୂଲ୍ୟରେ ଜାଗା ବିକ୍ରିହେଉଛି। **9777342153.** D-71795

Chandrasekharpur ଶ୍ରୀବିହାର କଲୋନୀ ଓ VSS Nagar ହାଟକୁ ଲାଗି ଘରବାରି ପ୍ଲଟ୍ 30ft. road boundary ଥାଇ କିଣନ୍ତୁ। 7788888879. D-71797

ଭୁବନେଶ୍ୱର ଯାଆଁଳା **NH-5**ରୁ **400** ମିଟର ଦୂରତାରେ ପଟ୍ଟା, **boundary,** ଇଲେକ୍ଟ୍ରିସିଟି ସୁବିଧା ଥାଇ **immediate** ଘର କଲାଭଳି ପ୍ଲଟ୍ **15,60,000/-. 9437691481.** D-71783

**ଭୁବନେଶ୍ୱର ବାଲିଅନ୍ତା-1100/-, ସୁନ୍ଦରପଦା- 750/-, ତମାଣ୍ଡୋ- 1200/-, Limited plot (Bank finance available). 9776846520.** D-71794

Full furnishing 4BHK new flat SB area 2132sqft. Cuttack road near Vits Hotel Rs per sqft.- 9500/-. Mob: 7848983289. D-23084

**PURCHASE**

ଭୁବନେଶ୍ୱରରେ ନିଜର ନୂଆ କିମ୍ବା ପୁରୁଣା flats duplexes ବିକିବାକୁ ଚାହୁଁଛନ୍ତି କି ? 6371090682. D-68289



Three Rooms, Dining, Kitchen, Veranda, near GGP Colony, Pandara road. 8249484647. D-23212

Full furnishing 4BHK flat @ 40000/-, near Vits Hotel. Mob: 7848983289. D-23082

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



**Relax, refresh your body, mind at Lotus SPA with best therapies. 8018891951.** D-71863

Newly open full body massage ladies and gents. 8327740003. D-71864

Refreshing your mind and body with the best therapy, 7873794731. D-23024

Newly opening SPA positively health benefits with expert therapist. 8917332216. D-71946

**One hour any therapy by expert therapist @999 only. 9078484455.** D-71474

Take wellness relax body massage by experienced lady therapist. 7008773793. D-71473

**Relax, Refresh your body, Mind at SAIKRUPA Spa with best therapies. 8984068077.** D-23068

**AFFIDAVIT**

Affidavit before Executive Magistrate, Dhenkanal, 07.12.2021, I have changed my name from Bijaya Kumar Sahoo to Brajabandhu Sahoo, S/o. Purusottam Sahoo, Vill/PO-Pingua, PS-Nihalprasad, Dist-Dhenkanal for LIC policy-585738742 and all purposes. D-70382

I Kanya Kumari Sethy, W/o- Jayanta Kumar Das resident of flat No.- 10NF, Manitribhuvan, Kalarahanga, Bhubaneswar, Khorda have changed my name to Kanya Kumari Das after marriage for all purposes. D-71867



**ପ୍ରଥମ ପୃଷ୍ଠାରୁ...**


## ମାନବିକତାର ବିଭାଜନ ...

ପୂର୍ବାହ୍ନ ୧୦.୩୫ରେ ରାଷ୍ଟ୍ରପତି ପ୍ରଥମେ ପୁରୀ ବଡ଼ଦାଣ୍ଡସ୍ଥିତ ଗୌଡ଼ୀୟ ମଠକୁ ଯାଇ ଆଳତି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ ଶରଧାବାଲିରେ ଅନୁଷ୍ଠିତ ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ଯୋଗଦେଇ କହିଛନ୍ତି, ଈଶ୍ୱରଙ୍କ କୃପାରୁ ଦେଶର ଅନେକ ପ୍ରମୁଖ ଧର୍ମସ୍ଥଳୀକୁ ଯାଇ ଭିନ୍ନ ଭିନ୍ନ ଧାର୍ମିକ ଓ ଆଧ୍ୟାତ୍ମିକ ଭାବନାକୁ ଅନୁଭବ କରିପାରିଛି। ତେବେ ସମାନତା ଏହା ଯେ, ସବୁ ତୀର୍ଥକ୍ଷେତ୍ର ଓ ଧାର୍ମିକ ବ୍ୟାଖ୍ୟା ମାନବ କଲ୍ୟାଣ ଏବଂ ଈଶ୍ୱର ଭକ୍ତି ସମ୍ପର୍କରେ ମତ ରଖନ୍ତି। ତେଣୁ ମାନବିକତାକୁ ଧର୍ମ ଆଧାରରେ ଭାଗ କରାଯାଇପାରିବ ନାହିଁ। ସେହିପରି ସତ୍ୟକୁ ବିଭିନ୍ନ ରୂପରେ ବର୍ଣ୍ଣନା କରାଯାଇପାରେ, ମାତ୍ର ଶ୍ରେଣୀଭୁକ୍ତ କରାଯାଇପାରିବ ନାହିଁ। କାରଣ ସତ୍ୟ ଏକ। ଏକଥାର ବର୍ଣ୍ଣନା ଋଗ୍‌ବେଦରେ ରହିଛି। ପରମ ଶକ୍ତି ସବୁ ରୂପରେ ପୂଜନୀୟ। ଭାରତରେ ଏହି ପରମ୍ପରା ସର୍ବୋଚ୍ଚ ମାର୍ଗ ପାଇଛି। ଏଭଳି ଅନେକ ଶ୍ରେଷ୍ଠ ସାଧକଙ୍କ ମଧ୍ୟରୁ ଶ୍ରୀଚୈତନ୍ୟ ଅନ୍ୟତମ। ଅଦ୍ଭୁତ ଭକ୍ତି, ଅଖଣ୍ଡ ତ୍ୟାଗ ବଳରେ ଶ୍ରୀଚୈତନ୍ୟ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଆସିଛନ୍ତି। ତାଙ୍କ ଦ୍ୱାରା ଉପସ୍ଥାପିତ ତର୍କ ଓ ଆସ୍ଥାରେ ବିଶ୍ୱାସ କରି ସମଗ୍ର ବିଶ୍ୱ ତାଙ୍କ ଚରଣରେ ସମର୍ପିତ ହୋଇଛି। ଓଡ଼ିଶାର ବିଭିନ୍ନ ଧର୍ମ ମଧ୍ୟରେ ଶ୍ରୀଚୈତନ୍ୟଙ୍କ ମହନୀୟତାର ପ୍ରଭାବ ଦେଖିବାକୁ ମିଳୁଛି। ଶ୍ରୀଚୈତନ୍ୟ କହିଛନ୍ତି, ମନୁଷ୍ୟ ନିଜକୁ ନ୍ୟୂନତମ ବୋଲି ମନେ କରି ଭଗବାନଙ୍କୁ ସ୍ମରଣ କରିବା ଆବଶ୍ୟକ। ମଣିଷକୁ ବୃକ୍ଷଠାରୁ ଅଧିକ ସହନଶୀଳ ହେବା ଦରକାର। ମିଥ୍ୟା ପ୍ରତିଷ୍ଠାଠାରୁ ଦୂରରେ ରହି ସମାଜ କଲ୍ୟାଣ ଏବଂ ଅନ୍ୟକୁ ସମ୍ମାନ ଦେବା ପାଇଁ ପ୍ରସ୍ତୁତ ରହିବା ଉଚିତ। ସେହିଭଳି ଈଶ୍ୱରଙ୍କୁ ସ୍ମରଣ କରି ଶାନ୍ତି ପ୍ରାପ୍ତ କରିବା ଉଚିତ। ସମାଜକୁ ସମାନତା ଦିଗରେ ନେବା ଏବଂ ଈଶ୍ୱରଙ୍କୁ ପ୍ରେମ କରିବା ଭଳି ଦିଗ୍‌ଦର୍ଶନ ତାଙ୍କୁ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଅଦ୍ୱିତୀୟ ପ୍ରତିଷ୍ଠା ପ୍ରଦାନ କରିଛି। ବସ୍ତୁବାଦୀ ମାନସିକତା ତ୍ୟାଗ କରି ଈଶ୍ୱରଙ୍କ ପ୍ରେମକୁ ଅନୁଭବ କରିବା ସହ ନିଜ ଇନ୍ଦ୍ରିୟକୁ ସମର୍ପିତ କରି ମୋକ୍ଷ ପ୍ରାପ୍ତ ହେବାକୁ ଶ୍ରୀଚୈତନ୍ୟ କହୁଥିଲେ। ଗୁରୁ ଗ୍ରନ୍ଥ ସାହେବ, ମୀରାବାଈ, ଗୁରୁ ନାନକ, ସନ୍ଥ କବୀର, ସୁରଦାସ, ତୁଳସୀ ଦାସଙ୍କ ଉଦାହରଣ ଦେଇ ରାଷ୍ଟ୍ରପତି ଈଶ୍ୱର ଭକ୍ତି ଓ ପ୍ରେମର ପରାକାଷ୍ଠା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ, ୧୮୯୩ରେ ଦେଶ ଉପନିବେଶବାଦ ବନ୍ଧନରେ ଥିବାବେଳେ ସ୍ୱାମୀ ବିବେକାନନ୍ଦ ଭାରତୀୟ ପରମ୍ପରା ଓ ସାଂସ୍କୃତିକ ଗୌରବର ଉଦାହରଣ ସିକାଗୋ ଧର୍ମ ସମ୍ମିଳନୀରେ ଉପସ୍ଥାପିତ କରିଥିଲେ। ଆଦି ଯୁଗରେ ଭକ୍ତିକୁ ଧର୍ମ ମଧ୍ୟରେ ବାନ୍ଧି ରଖାଯାଉ ନ ଥିଲା। ହାଇଦ୍ରାବାଦରେ ମୋତେ ଶ୍ରୀରାମାନୁଜ ଆଚାର୍ଯ୍ୟଙ୍କ ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି ଦର୍ଶନ କରିବାର ସୌଭାଗ୍ୟ ମିଳିଥିଲା। ରାମାନୁଜ ମଧ୍ୟ ଭକ୍ତିମାର୍ଗର ଶ୍ରେଷ୍ଠ ପ୍ରଚାରକ ଥିଲେ। ବଦ୍ରିନାଥ, ଦ୍ୱାରକା, କାଞ୍ଚିପୁରମ୍, ତିରୁପତି, ଅଯୋଧ୍ୟା, ଶ୍ରୀଜଗନ୍ନାଥ ପୁରୀ ପ୍ରଭୃତି ଅନେକ ତୀର୍ଥକ୍ଷେତ୍ର ବୁଲି ଭକ୍ତିମାର୍ଗର ପଥିକ ହେବାକୁ ରାମାନୁଜ ପ୍ରେରଣା ଯୋଗାଉଥିଲେ। ସେହିପରି ଚୈତନ୍ୟଙ୍କ ବିଚାରଧାରାର ପ୍ରଚାର ପ୍ରସାର ଦିଗରେ ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ପ୍ରଭୁପାଦଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ। ପାଶ୍ଚାତ୍ୟ ଦେଶରେ ଶ୍ରୀଚୈତନ୍ୟଙ୍କ ଭକ୍ତି ମାର୍ଗ ଓ ଆଦର୍ଶର ପ୍ରଚାର କରି ସେ ପ୍ରସିଦ୍ଧି ଲାଭ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ଦେଶର କୋଣ ଅନୁକୋଣରେ ଗୌଡ଼ୀୟ ମଠ ସ୍ଥାପନ ହୋଇପାରିଛି। ତେବେ ମାନବ ସେବା ହିଁ ଈଶ୍ୱର ସେବା, ଯାହାର ଉଦାହରଣ ଆମେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଃସ୍ୱାର୍ଥପର କର୍ତ୍ତବ୍ୟ ସମ୍ପାଦନରୁ ଜାଣିପାରିବା। ସେବା ଭାବକୁ ଆମ ସଂସ୍କୃତିରେ ଶ୍ରେଷ୍ଠ ସ୍ଥାନ ଦିଆଯାଇଛି। କୋଭିଡ୍ ସମୟରେ ସାରା ଦେଶ ଏଭଳି ସେବାର ଋଣୀ ହୋଇରହିବ ବୋଲି ରାଷ୍ଟ୍ରପତି ପ୍ରକାଶ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେଶର ଧାର୍ମିକ ଏକତା ସମ୍ପର୍କରେ ମତ ପୋଷଣ କରିଥିଲେ। ଏହି ଅବସରରେ ଗୌଡ଼ୀୟ ମିଶନର ମୁଖପତ୍ର ଓ ଶ୍ରୀଳ ପ୍ରଭୁପାଦଙ୍କ ଜୀବନୀ ସମ୍ପର୍କିତ ପୁସ୍ତକକୁ ରାଷ୍ଟ୍ରପତି ଏବଂ ରାଜ୍ୟପାଳ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଦେଶର ପ୍ରଥମ ମହିଳା ତଥା ରାଷ୍ଟ୍ରପତିଙ୍କ ସହଧର୍ମିଣୀ ସବିତା କୋବିନ୍ଦ, ଗୌଡ଼ୀୟ ମିଶନ ସଭାପତି ଭକ୍ତି ସୁନ୍ଦର ସନ୍ୟାସୀ ମହାରାଜ ଏବଂ ଅନ୍ୟ ଗୌଡ଼ୀୟ ମଠର ସାଧୁସନ୍ଥମାନେ ଉପସ୍ଥିତ ଥିଲେ। ଏହାପରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଜୟଗାନ, ମହାଜନ ପଦାବଳୀ କୀର୍ତ୍ତନ, ବିଶ୍ୱ ବୈଷ୍ଣବ ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରାଯିବା ସହ ଶ୍ରୀଳ ପ୍ରଭୁପାଦଙ୍କ ଶିକ୍ଷା ସମ୍ପର୍କିତ ନାଟକ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିବାବେଳେ ବହୁ ସାଧୁସନ୍ଥ ଉପସ୍ଥିତ ଥିଲେ।

## କରୋନାରୁ ମାନବଜାତିର ମୁକ୍ତି ପାଇଁ ପ୍ରାର୍ଥନା କରିଛି: ରାଷ୍ଟ୍ରପତି

ପୁରୀ ଅଫିସ,୨୦।୨: ଶରଧାବାଲିରେ ରବିବାର ଅନୁଷ୍ଠିତ ପ୍ରଭୁପାଦ ଭକ୍ତି ସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜଙ୍କ ୧୫୦ତମ ଜନ୍ମତିଥି ତଥା ବିଶ୍ୱ ବୈଷ୍ଣବ ସମ୍ମିଳନୀରେ ରାଷ୍ଟ୍ରପତି ଯୋଗଦେଇ ଥିଲେ। ଏହି ଅବସରରେ ସେ କହିଥିଲେ, ଶ୍ରୀକ୍ଷେତ୍ରରେ ପହଞ୍ଚି ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କଲି। ବିଶ୍ୱ ଯେଉଁ ଅଦୃଶ୍ୟ କରୋନାରେ ଜର୍ଜରିତ ହେଉଛି, ସେଥିରୁ ସମସ୍ତଙ୍କୁ ଉଦ୍ଧାର କରିବା ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛି। ମହାପ୍ରଭୁଙ୍କୁ ଦର୍ଶନ କରିବା ଓ ଶ୍ରୀକ୍ଷେତ୍ରକୁ ଆସିବା ମୋ' ପାଇଁ ସୌଭାଗ୍ୟର କଥା।

## ତୃତୀୟ ପର୍ଯ୍ୟାୟରେ ...

ନେଇପଳାଇଥିବାବେଳେ ୬ ନଂ. ବୁଥ୍‌ର ଭୋଟ ବାକ୍ସକୁ ପୋଖରୀରେ ଫିଙ୍ଗି ଦେଇଛନ୍ତି। ସେହିପରି ବିଞ୍ଝାରପୁର ବ୍ଲକ ଜରି ପଞ୍ଚାୟତ ୧୪ ନଂ. ବୁଥ୍ ଆଗରେ ପୋଲିସ ଉପରକୁ ଟେକାପଥର ମାଡ଼ କରାଯାଇଛି। ଏଥିରେ ୨ ଜଣ ଆହତ ହୋଇଛନ୍ତି। ବୁଥ୍ ରିଗିଂ ଉଦ୍ୟମକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହେବାପରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ଅଟକାଇବାରୁ ଦୁର୍ବୃତ୍ତମାନେ ଟେକାପଥର ମାଡ଼ କରିଥିଲେ। ଯାଜପୁର ଜିଲା କୋରେଇ ବ୍ଲକ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ସୋତି ୟୁଜିଏମ୍ଇ ସ୍କୁଲରେ ୮, ୯, ୧୦ ଓ ୧୧ ନଂ. ବୁଥ୍‌ରେ ମତଦାନ ଚାଲିଥିବା ବେଳେ ଦୁର୍ବୃତ୍ତମାନେ ବୁଥ୍ ଜବରଦଖଲ କରିବା ପାଇଁ ଚେଷ୍ଟା କରିଥିଲେ। ଖବର ପାଇ କୋରେଇ ବିଡିଓ ରଞ୍ଜନ ପରିଡ଼ା ଘଟଣାସ୍ଥଳରେ ପହଞ୍ଚିବା ପରେ ଦୁର୍ବୃତ୍ତମାନେ ତାଙ୍କୁ ଠେଲାପେଲା କରିଥିଲେ। ପୋଲିସ ବିଡିଓଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନେଇଥିଲା। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକରେ ପୋଲିସ-ଜନତା ମୁହାଁମୁହିଁ ହୋଇଛନ୍ତି। କେତେଜଣ ଲୋକ ପୋଲିସକୁ ପାଣି ପାଇପ୍‌ରେ ପିଟିଛନ୍ତି। ନୟାଗଡ଼ ବ୍ଲକ ଇଟାମାଟି ଗାଁର ୫ନଂ. ବୁଥ୍‌ରେ ପ୍ରିଜାଇଡିଂ ଅଫିସର ବାଲଟ ବାକ୍ସ ଷ୍ଟ୍ରଙ୍ଗରୁମକୁ ନ ନେଇ ରେଷ୍ଟରୁମ୍‌କୁ ନେବାପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ନୟାଗଡ ବ୍ଲକ ୧୨ନଂ. ଜିଲାପରିଷଦ ଜୋନ୍‌ର ହରିପୁର ଗାଁ ବୁଥ୍ ନଂ. ୫ ଓ ୭, ଗଦାଧରପ୍ରସାଦ ଗାଁର ୬ନଂ. ବୁଥ୍ ରିଗିଂ ନେଇ ୧୨ନଂ. ଭାଜପା ଜିଲା ପରିଷଦ ପ୍ରାର୍ଥୀ ସନ୍ତୋଷ ପ୍ରଧାନ ପ୍ରତିବାଦ କରିବାପରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏନେଇ ଗଣମାଧ୍ୟମର ପ୍ରତିନିଧି ଭିଜୁଆଲ ସଂଗ୍ରହ କରୁଥିଲେ। ଏହି ଘଟଣାରେ ବୁଥ୍ ରିଗିଂକାରୀ ଉତ୍ତେଜିତ ହୋଇ ଭାଜପା ପ୍ରାର୍ଥୀ ଓ ଦୁଇ ଖବରଦାତାଙ୍କୁ ଘେରି ଯାଇ ମାଡ ମାରିଥିଲେ। ଆହତ ଖବରଦାତା ଦ୍ୱୟ ହେଲେ ଅର୍ଗସ୍ ନ୍ୟୁଜ୍‌ର ଜିଲା ପ୍ରତିନିଧି ଶିବରାମ ମହାପାତ୍ର ଏବଂ ଓଡ଼ଗାଁ ବ୍ଲକ ପ୍ରତିନିଧି ଅଭିଷେକ ମହାପାତ୍ର। ଭୋଟର ତାଲିକାରେ ନାମ ନ ଥିବାରୁ କେତେଜଣ ଡଙ୍ଗରିଆ ଆଦିବାସୀ ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ଶୁନଖଣ୍ଡ ପଞ୍ଚାୟତ ରାଇଲିଆ ଗାଁର ୧୪ ନଂ. ବୁଥ୍‌ରୁ ଭୋଟ ବାକ୍ସ ଉଠାଇ ନେଇଛନ୍ତି।

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ବ୍ଲକର ଇବ୍ରିସିଂ ପଞ୍ଚାୟତ ଅରଣା ଗ୍ରାମରେ ଜଣେ ସରପଞ୍ଚ ପ୍ରାର୍ଥୀ ଭୋଟରଙ୍କୁ ପ୍ରବର୍ତ୍ତାଇବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ହାତାହାତି ହୋଇ ୫ଜଣ ଆହତ ହୋଇଛନ୍ତି। ଏହି ବ୍ଲକର କୋଳର ପଞ୍ଚାୟତ ଓଳଗଦା ବୁଥ୍‌ରେ ମତଦାନ ପରେ ଦୁର୍ବୃତ୍ତମାନେ ଭୋଟ ବାକ୍ସ ନେଇ ଅନ୍ୟ ଏକ କୋଠରିରେ ରଖିଦେଇଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଛି। ବୋଧେଇ ପଞ୍ଚାୟତର ଡିଆନପୁର ବୁଥ୍‌ରେ ମୃତ ଲୋକଙ୍କ ନାମରେ ଭୋଟ ଦିଆଯିବା ନେଇ ଉତ୍ତେଜନା ପ୍ରକାଶ ପାଇଥିଲା।

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୋହ୍ଲ ପଞ୍ଚାୟତର ୪ ନଂ. ବୁଥ୍‌ର ଭୋଟ ବାକ୍ସକୁ ଦୁର୍ବୃତ୍ତମାନେ ପୋଖରୀରେ ଫିଙ୍ଗି ଦେଇଛନ୍ତି। ସେହିପରି ତିହିଡିର ସୟା ପଞ୍ଚାୟତର ୨୪ ଏବଂ ୨୫ ନଂ ୱାର୍ଡରେ ମତଦାନ ବେଳେ ପୋଲିସ ଉପସ୍ଥିତିରେ କବାଟ ଦେଇ ରିଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଫତେପୁର ପଞ୍ଚାୟତର ୪ ନଂ. ୱାର୍ଡର ବଡ଼ଗାଲ ବୁଥ୍‌ରେ ଜଣେ ପୂର୍ବତନ ମହିଳା ପ୍ରତିନିଧି ଏକାଧିକ ଭୋଟ ଦେବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଭୋଟର ଲିଷ୍ଟରେ ନାଁ ନ ଥିବାରୁ ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ପାତ୍ରପୁର ପଞ୍ଚାୟତର ଗୋଲାସାହି ୧୫ ନଂ. ବୁଥ୍‌ରେ କେତେଜଣ ବ୍ୟକ୍ତି ଭୋଟ ବାକ୍ସରେ ପାଣି ଭର୍ତ୍ତି କରିଦେଇଛନ୍ତି। ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ବାମଣ୍ଡା ପଞ୍ଚାୟତର ଦେବଗଡ଼ ବୁଥ୍‌ରେ ପ୍ରିଜାଇଡିଂ ଅଫିସର ଅନ୍ୟ ପାଇଁ ଭୋଟ ଦେବାକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। କେତେଜଣ ଉତ୍ୟକ୍ତ ବ୍ୟକ୍ତି ମୁତୟନ ହୋଇଥିବା ପୋଲିସ କର୍ମଚାରୀଙ୍କୁ ଏକ ଘରେ ତାଲା ପକାଇ ଦେଇଥିଲେ। ପ୍ରିଜାଇଡିଂ ଅଫିସରଙ୍କୁ ମଧ୍ୟ ଘେରାଉ କରି ରଖିଥିଲେ। ଜିଲାପାଳ ଏବଂ ଏସ୍‌ପି ଲୋକଙ୍କୁ ବୁଝାଶୁଝା କରି ସେମାନଙ୍କୁ ଉଦ୍ଧାର କରିଥିଲେ।

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ହିଂସାକାଣ୍ଡ ପରେ ଆଇନ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ସୁନୀଲ କୁମାର ବଂଶଲଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡିଜିପି ମଧ୍ୟ ହିଂସାକାଣ୍ଡର ସମୀକ୍ଷା କରି ଆଇନ ଉଲ୍ଲଂଘନକାରୀଙ୍କୁ ବରଦାସ୍ତ କରାଯିବ ନାହିଁ ବୋଲି ଘୋଷଣା କରିଥିଲେ। ହେଲେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ଡିଜିପିଙ୍କ ଚେତାବନୀର ତିଳେମାତ୍ର ପ୍ରଭାବ ଦେଖିବାକୁ ମିଳିନାହିଁ। ବେଳକୁବେଳ ନିର୍ବାଚନୀ ହିଂସା ଭୟଙ୍କର ହେବାରେ ଲାଗିଛି।

## ଖବରଦାତାଙ୍କୁ ଆକ୍ରମଣ: ଧର୍ମେନ୍ଦ୍ର, ପ୍ରଣବ, ମାନସଙ୍କ ନିନ୍ଦା

ଭୁବନେଶ୍ୱର,୨୦।୨(ବ୍ୟୁରୋ)-ତୃତୀୟ ପର୍ଯ୍ୟାୟ ନିର୍ବାଚନ ବେଳେ ଯାଜପୁର ଜିଲା ବିଞ୍ଝାରପୁରରେ ଖବରଦାତାଙ୍କୁ ହୋଇଥିବା ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ରାଜ୍ୟର ବରିଷ୍ଠ ଖବରଦାତା ମଧ୍ୟ ରାଜ୍ୟ ନିର୍ବାଚନ କମିଶନରଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ଅନ୍ୟପକ୍ଷରେ ଏହି ଘଟଣାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ ମଧ୍ୟ ନିନ୍ଦା କରିଛନ୍ତି । ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଲୋକଙ୍କ ସମସ୍ୟା ଓ ନିର୍ବାଚନ ସହ ଜଡ଼ିତ ଖବର ସଂଗ୍ରହ କରୁଥିବା ଖବରଦାତାମାନଙ୍କ ଉପରେ ହେଉଥିବା ବାରମ୍ବାର ଆକ୍ରମଣ ଘଟଣା ଗ୍ରହଣୀୟ ନୁହେଁ । ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଗଣମାଧ୍ୟମ ଉପରେ ବାରମ୍ବାର ଆକ୍ରମଣ ଆମ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ, ଏହା ଦୁଃଖ ଓ ପରିତାପର ବିଷୟ । ରାଜନୀତିରେ ବାଦବିବାଦ ରହେ, କିନ୍ତୁ ହିଂସାର ସ୍ଥାନ ନାହିଁ ବୋଲି ସେ କହିଛନ୍ତି। ଖବରଦାତାଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାକୁ ଯାଜପୁର ବିଧାୟକ ତଥା ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ଦୃଢ଼ ନିନ୍ଦା କରିଛନ୍ତି । ଗଣତନ୍ତ୍ରରେ ହିଂସାର କୌଣସି ସ୍ଥାନ ନାହିଁ। ଏପରି କାର୍ଯ୍ୟ କରିଥିବା ସମସ୍ତ ବ୍ୟକ୍ତିଙ୍କ ବିରୋଧରେ ପୋଲିସ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସେ କହିଛନ୍ତି । ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ମଙ୍ଗରାଜ କହିଛନ୍ତି, ଗଣତନ୍ତ୍ରରେ ହିଂସା ଗ୍ରହଣୀୟ ନୁହେଁ। ଖବରଦାତାମାନଙ୍କ ଉପରେ ଆକ୍ରମଣକୁ ନିନ୍ଦା କରିବା ସହ ଦୋଷୀ ନିଶ୍ଚୟ ଦଣ୍ଡ ପାଇବ ବୋଲି ସେ କହିଛନ୍ତି।

## ୭୧% ମତଦାନ...

ଯାଜପୁର ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ତୁରନ୍ତ ଦୋଷୀମାନଙ୍କୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କେତେକ ସ୍ଥାନରେ ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ନିର୍ବାଚନ କାର୍ଯ୍ୟରେ ଅସୁବିଧା ସୃଷ୍ଟି ହେବା ଫଳରେ ଭୋଟଗ୍ରହଣ ବାଧାପ୍ରାପ୍ତ ହୋଇଛି। ଏ ସମ୍ପର୍କରେ ଜିଲାପାଳଙ୍କଠାରୁ ରିପୋର୍ଟ ମିଳିବା ପରେ କମିଶନର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ତୃତୀୟ ପର୍ଯ୍ୟାୟ ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ରାଜ୍ୟର ବିଭିନ୍ନ ବୁଥ୍‌ରେ ଲୋକମାନଙ୍କ ମଧ୍ୟରେ ମତଦାନକୁ ନେଇ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ସକାଳୁ ମତଦାନ ସାମାନ୍ୟ ଧିମା ଥିବାବେଳେ ସକାଳ ୯ଟା ପରେ ବୁଥ୍‌ଗୁଡିକରେ ଲମ୍ବା ଲାଇନ ଦେଖିବାକୁ ମିଳିଥିଲା। ତେବେ କେତେକ ସ୍ଥାନରେ ନିର୍ବାଚନ ହିଂସାକାଣ୍ଡ ଯୋଗୁ ନିର୍ବାଚନକୁ ମଧ୍ୟ ବାତିଲ କରାଯାଇଛି। ଜିଲାପାଳଙ୍କ ରିପୋର୍ଟ ପରେ ସେସବୁ ସ୍ଥାନରେ ପୁନଃ ନିର୍ବାଚନ କରାଯିବ ବୋଲି ରାଜ୍ୟ ନିର୍ବାଚନ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ନିର୍ବାଚନ ଶେଷ ହେବା ପରେ ଭୋଟବାକ୍ସଗୁଡ଼ିକୁ କଡ଼ା ସୁରକ୍ଷା ମଧ୍ୟରେ ବ୍ଲକ ସଦର ମହକୁମାରେ ଥିବା ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯାଇଛି। ୧୭୧ ଜିଲା ପରିଷଦ ଜୋନରେ ମୋଟ ୬୭୯ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପ୍ରାର୍ଥୀମାନଙ୍କର ଭାଗ୍ୟ ବାଲଟ ବାକ୍ସ ଭିତରେ ସିଲ୍ ହୋଇଯାଇଛି। ଆସନ୍ତା ୨୬ ତାରିଖରୁ ୩ ଦିନ ବ୍ୟାପୀ ଭୋଟ ଗଣତି କରାଯିବ।

## ପଥରଗଦାରେ ବୋମା...

ରହିଥିଲା। ନିର୍ବାଚନକୁ ଶାନ୍ତିଶୃଙ୍ଖଳା ତଥା ଅବାଧରେ ପରିଚାଳନା ପାଇଁ ପୋଲିସ ଟିମ୍ ନିୟୋଜିତ ହେବା ସହ ଯବାନମାନେ କୋମ୍ବିଂ ଅପରେଶନ ଚଳାଇଥିଲେ। ତେଣୁ ନିର୍ବାଚନରେ ହିଂସାକାଣ୍ଡ ଘଟାଇବା ଏବଂ ନିଜର ସ୍ଥିତି ଜାହିର କରିବା ଲକ୍ଷ୍ୟରେ ଲାଲ୍‌ବାହିନୀ ପୋଲିସକୁ ଟାର୍ଗେଟ କରିଥିବା ଅନୁମାନ କରାଯାଉଛି। ଘଟଣାସ୍ଥଳରେ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା, ସ୍ଥାନୀୟ ଏସ୍‌ଡିପିଓ ଦେବଜ୍ୟୋତି ଦାସ ପହଞ୍ଚି ଏହି ରାସ୍ତାରେ ଯାତାୟାତକୁ ସମ୍ପୂର୍ଣ୍ଣ ବନ୍ଦ କରି ପରିସ୍ଥିତି ଉପରେ ନଜର ରଖିଥିଲେ। ପ୍ରାୟ ୩ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବୋମା ନିଷ୍କ୍ରିୟ କରାଯିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖାଯାଇଛି। ସେମାନଙ୍କୁ ହିଂସାକାଣ୍ଡ ଘଟାଇବାରେ ସଫଳ ହେବାକୁ ଦେବୁନି ବୋଲି ଏସ୍‌ପି କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** - ଆଜି ବନ୍ଧୁମିଳନ ସହ ଧାର୍ମିକ କାର୍ଯ୍ୟ ମାନସିକ ଓ ଶାରୀରିକ ସ୍ତରରେ ଉନ୍ମାଦନା ଅନୁଭବ କରିବେ। ଆଜକୁ କେତେଦିନ ହେଲା ଯାହା ପାଇବା ପାଇଁ ଭାବୁଥିଲେ, ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ, ବାଣିଜ୍ୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ବୃଷ** - ଆଜିର ଗ୍ରହସ୍ଥିତି ସୁଖ ସୁବିଧା ପ୍ରଦାନ କରିବ। ଆର୍ଥିକ ଅଭିବୃଦ୍ଧି, ସାମାଜିକ ସମ୍ମାନ ଓ ଫଳପ୍ରଦ ଆଲୋଚନା ପ୍ରୀତିଦାୟକ ରହିବ। ସ୍ୱାସ୍ଥ୍ୟ ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝାମେଲା କାରଣରୁ ମନଟା ଭଲ ରହିନପାରେ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଏବଂ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ମିଥୁନ** - ପାରିବାରିକ ଓ କର୍ମକ୍ଷେତ୍ରର ସମସ୍ୟା ସମାଧାନ କରି ନୂତନ ଦିଗ୍‌ଦର୍ଶନ ଦେବେ। ବହୁତ ଦିନ ହେଲା ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। ଦ୍ୱନ୍ଦ୍ୱରେ ପଡ଼ି ବନ୍ଧୁମାନଙ୍କର କଥାକୁ ଓଲଟା ବୁଝି ମନକୁ ଭାରାକ୍ରାନ୍ତ କରିପାରନ୍ତି। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ।

**କର୍କଟ** - ଅନ୍ୟମାନଙ୍କ ସେବାରେ ନିଜକୁ ନିୟୋଜିତ କରି ପଶ୍ଚାନ୍ତେ ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ବାସ୍ତବରେ ସେମିତି କିଛି ହେବନି। ବ୍ୟବସାୟ, ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଅଫିସରେ ବାଧ ବାଧକତାରେ କେତେକ କାମ କରିବାକୁ ପଡ଼ିବ।

**ସିଂହ** - ପ୍ରତ୍ୟେକ କ୍ଷେତ୍ରରେ କୌଶଳପୂର୍ଣ୍ଣ ଯୁକ୍ତିଯୁକ୍ତ କଥା କହି କାମ ହାସଲ କରିପାରିବେ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନ ହେଲେ ମଧ୍ୟ ମନ୍ଦ ହେବନି। ବାରମ୍ବାର ଚେଷ୍ଟା କରିବା କାରଣରୁ ବନ୍ଧୁଙ୍କ ନିକଟରୁ ପରିଶେଷରେ କିଛି ପାଇବେ। କ୍ରୀଡ଼ା, ସାହିତ୍ୟ ଚର୍ଚ୍ଚା, ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁଁ ମନ ଖୁସି ରହିବ।

**କନ୍ୟା** - ଆଜିର ଗ୍ରହସ୍ଥିତି ଆପଣଙ୍କ ଦୈହିକ, ମାନସିକ ଓ ଶାରୀରିକ ସୁସ୍ଥତାକୁ ଅକ୍ଷୁଣ୍ଣ ରଖିବାରେ ସହାୟକ ହେବ। ଇଚ୍ଛା ନ ଥିଲେ ମଧ୍ୟ ବନ୍ଧୁଙ୍କ ଅନୁରୋଧରେ କୌଣସି କାମ ସକାଶେ ମନ ବଳାଇବେ। ଖଳ ଲୋକଙ୍କ କଥାରେ ପଡ଼ି ହଇରାଣ ହେବେ। ଅବହେଳା ଯୋଗୁ କେତେକ କାମ ଲାଗି ଅନ୍ୟର ସାହାଯ୍ୟ ନେବାକୁ ବାଧ ହେବେ।

**ତୁଳା** - କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଭଲରେ କଟିବ। ବନ୍ଧୁମିଳନ ଓ ରାଜନୈତିକ ସ୍ଥିତିର ସମୀକ୍ଷା ଅଗ୍ରଗତିରେ ସନ୍ତୋଷ ପାଇବେ। କୌଣସି ମୂଲ୍ୟବାନ୍ ଜିନିଷଟି ନ ପାଇ ବନ୍ଧୁଙ୍କ ଉପରେ ବର୍ଷିବେ। କୌଣସି ବନ୍ଧୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ବ୍ୟଥିତ କରିବାର ସୂଚନା ରହିଛି ।

**ବିଛା** - କହିବି କହିବି ଭାବୁଥିଲେ ମଧ୍ୟ ନ କହିପାରିବା ଜନିତ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଗତି କରିବେ। କିଛିଏ କଥାରେ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁଁ ମନ ଉଦାସ ରହିପାରେ। ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବା କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ପରୋକ୍ଷରେ ସମାଲୋଚିତ ହେବେ।

**ଧନୁ** - ପାରିବାରିକ ଓ କର୍ମକ୍ଷେତ୍ରରେ ଅସଂଗତି ରହିଲେ ମଧ୍ୟ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁଙ୍କୁ ବିନୟ ପୂର୍ବକ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପଡ଼ୋଶୀମାନେ ସାହାଯ୍ୟ, ସହଯୋଗର ହାତ ବଢ଼ାଇପାରନ୍ତି। ଜମା ଭଲ ସମ୍ପର୍କ ନଥିବା ବ୍ୟକ୍ତିମାନେ ତିଳକୁ ତାଳ କରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି।

**ମକର** - ପାରିବାରିକ ଅଶାନ୍ତି, ବନ୍ଧୁଙ୍କ ସହ ମତାନ୍ତର କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତି କ୍ଷେତ୍ରରେ ସତର୍କତାର ସହ କାମ ନ କଲେ କଳହର ସମ୍ମୁଖୀନ ହୋଇ ପାରନ୍ତି। ପୁତ୍ରକନ୍ୟା ହେତୁକ ସମସ୍ୟା ସମାଧାନରୁ ଆଶ୍ୱସ୍ତି ଲଭିବେ। ରପ୍ତାନି କାରବାର, ନିର୍ମାଣ, ପରିବହନ, ଏଜେନ୍ସି, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** - ଆଜି ଶାରୀରିକ, ସାମାଜିକ, ଗଣତାନ୍ତ୍ରିକ, ଆଇନ, ଅଦାଲତ ପ୍ରଭୃତି କ୍ଷେତ୍ରରେ ସୁଫଳ ପାଇବେ। ଯାହା ଆଶା କରୁଥିଲେ କିମ୍ବା ଖୋଜୁଥିଲେ ତାହା ପାଇ ଖୁସି ହେବେ। ହଠାତ୍ ଜଣେ ବନ୍ଧୁ ପାରିବାରିକ କ୍ଷେତ୍ରର ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇପାରନ୍ତି।

**ମୀନ** - ସମସ୍ୟା ଓ ପ୍ରତିବନ୍ଧକକୁ ପଛକୁ ପକାଇ ବାସ୍ତବତାରେ ଉତ୍‌ଫୁଲ୍ଲିତ ରହିବେ। ଅଟକିଥିବା କାମଗୁଡ଼ିକ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହୋଇପାରେ। ଆନୁଷ୍ଠାନିକ କାମରେ ଅର୍ଥ ଓ ସମ୍ମାନ ପାଇବାରେ କୌଣସି ଅସୁବିଧା ହେବନାହିଁ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

## ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ବୈଠକ

ଟିଟିଲାଗଡ଼,(ଡି.ଏନ.ଏ. ): ସଭାପତି ବିଶ୍ୱରାମ ଠାକୁରଙ୍କ ଅଧକ୍ଷତାରେ ଟିଟିଲାଗଡ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଚଳିତ ବର୍ଷ ସାମୂହିକ ବ୍ରତୋପନୟନ ଆସନ୍ତା ମେ ୬ ତାରିଖରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁମାନେ ନିଜ ପିଲାଙ୍କୁ ବ୍ରତ କରିବା ପାଇଁ ଇଚ୍ଛୁକ ସେମାନେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ସଭାପତି ଠାକୁର, ସମ୍ପାଦକ ବନମାଳୀ ଦାଶ କିମ୍ବା ଟିଟିଲାଗଡ ବ୍ରାହ୍ମଣ ସମାଜର ଯେକୌଣସି ସଭ୍ୟଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ମନ୍ଦରଧର ପଣ୍ଡା, ବୃନ୍ଦାବନ ପଣ୍ଡା, ରାମନାରାୟଣ ମିଶ୍ର, ହିମାଂଶୁ ଦାଶ, ଚିନ୍ତାମଣି ମହାପାତ୍ର, ସୁବୋଧ ଦାଶ, ଶୁକ ଯୋଶୀ, ବ୍ରଜେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ଭବାନୀପାଟଣା,୨୦।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଦାଦପୁର ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ରାଜନୈତିକ ହିଂସା ଘଟିଛି। ପ୍ରଚାର ସାରି ଦଳୀୟ କାର୍ଯ୍ୟାଳୟରେ ବିଶ୍ରାମ ନେଉଥିବା ବେଳେ କେତେକ ଭାଜପା କର୍ମୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଥିଲେ। ଚିକିତ୍ସିତ ହେବା ପରେ ଏହି ଘଟଣାରେ କେତେଜଣ ବିଜେଡି କର୍ମୀ ସାମିଲ ଥିବା ନେଇ ନେଇ ରବିବାର ଭବାନୀପାଟଣା ସଦର ଥାନାରେ ଏତଲା କରିଛନ୍ତି। ଦୁର୍ବୃତ୍ତମାନେ ଗୋଟିଏ ବାଇକ ଓ ସ୍କୁଟି ଭାଙ୍ଗି ଦେଇଥିବା କୁହାଯାଉଛି।

### ହତ୍ୟା ଅଭିଯୋଗ, ମାମଲା ରୁଜୁ

**ବରଗଡ଼ ଅଫିସ୍,୨୦।୨:** ବରଗଡ଼ ସହର ନଦୀପଡ଼ା (ୱାର୍ଡ ନଂ.୧)ରେ ରବିବାର ଜଣେ ଲୋକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ପଡ଼ାର କହ୍ନେଇ ସାହୁ। ଏ ନେଇ ନେଇ ମୃତକଙ୍କ ପୁଅ ବିଶ୍ୱନାଥ ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୯୦/୨୨) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖୋଜାଖୋଜି ଚାଲିଛି ଏବଂ ସେ ଶୀଘ୍ର ଧରାପଡ଼ିବେ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।ପ୍ରକାଶ ଯେ, ନଦୀପଡ଼ା ସ୍ଥିତ ବ୍ୟାଡ୍‌ମିଣ୍ଟନ କୋର୍ଟ ପାଖରେ କହ୍ନେଇ ଗାଡ଼ି ରଖି ଆସୁଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସହିତ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଏକ ଛୁରିରେ କହ୍ନେଇଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### ସୁନ୍ଦରଗଡ଼ ଜିଲାରେ ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ

**ସୁନ୍ଦରଗଡ଼,୨୦।୨(ଡି.ଏନ୍.ଏ):** ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ସୁନ୍ଦରଗଡ ଜିଲାରେ ଶାନ୍ତିଶୃଙ୍ଖଳାର ସହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୭୧.୪୦ ପ୍ରତିଶତ ମତଦାନ ହୋଇଛି। ଜିଲାର ରାଜଗାଙ୍ଗପୁର ବ୍ଲକର ୨ଟି ଜୋନ୍‌ରେ ୭୧.୪୦, ବାଲିଶଙ୍କରା ବ୍ଲକର ୨ଟି ଜୋନ୍‌ରେ ୭୫.୨୮ ପ୍ରତିଶତ ମତଦାନ ହୋଇଛି। କୋଇଡା ବ୍ଲକର ସମ୍ପୂର୍ଣ୍ଣ ତଥ୍ୟ (ରାତି ୧୧ଟା ସୁଦ୍ଧା) ହସ୍ତଗତ ହୋଇନାହିଁ ବୋଲି ଜିଲା ପଞ୍ଚାୟତ ଅଧିକାରୀ କୃଷ୍ଣଚନ୍ଦ୍ର ଅଡା ସୂଚନା ଦେଇଛନ୍ତି। ଏହି ପର୍ଯ୍ୟାୟରେ ୬ଟି ଜିଲା ପରିଷଦ ଜୋନ୍‌ରେ ମୋଟ ୨୦୧୬୦୭ ଜଣ ଭୋଟରଙ୍କ ପାଇଁ ୭୦୪ଟି ବୁଥ୍ ହୋଇଥିଲା। ୨୬ ଜଣ ଜିଲା ପରିଷଦ ପ୍ରାର୍ଥୀଙ୍କ ସମେତ ୨୬୮ଜଣ ସରପଞ୍ଚ, ୨୧୬ଜଣ ସମିତି ସଭ୍ୟ ଏବଂ ୮୭୧ ଜଣ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ଭାଗ୍ୟ ଭୋଟବାକ୍ସରେ ବନ୍ଦ ହୋଇଛି।

# ଦୁଇ ନାବାଳକ ପୁଅଙ୍କୁ ଭେଟିଲା ଡିସିପିୟୁ ଟିମ୍

**ବଲାଙ୍ଗୀର ଅଫିସ, ୨୦।୨**

**ପାଉଣା ମାଗିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରି ଦେଇଥିଲେ ରୋଷେୟା**

ଗତ ୧୪ ତାରିଖ ରାତିରେ ବଲାଙ୍ଗୀର ସହର ଆନନ୍ଦ ନଗରଠାରେ ଜଣେ ମହିଳା କର୍ମଚାରୀଙ୍କ ଦେହକୁ ଜଣେ ରୋଷେୟା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ମହିଳା ମନ୍ଦାର ଧରୁଆ (୪୦)ଙ୍କ ମୃତ୍ୟୁ ଘଟିଛି। ମୃତଦେହ ବଲାଙ୍ଗୀର ଆଣି ପରିବାରବର୍ଗଙ୍କୁ ଦିଆଯାଇଛି। ମନ୍ଦାରଙ୍କ ସ୍ୱାମୀଙ୍କର ୨୦୧୪ ମସିହାରେ ମୃତ୍ୟୁ ଘଟିଥିଲା। ବିଧବା ମନ୍ଦାର ତାଙ୍କର ଦୁଇ ନାବାଳକ ପୁଅ ସହ ଭଡାଘରେ ରହୁଥିଲେ। ରୋଷେୟା ମାନସ ମିଶ୍ରଙ୍କ ସହଯୋଗୀ କର୍ମଚାରୀ ଭାବେ ସେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମନ୍ଦାରଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ନାବାଳକ ପୁଅଙ୍କ ସୁରକ୍ଷା ଓ ଭବିଷ୍ୟତକୁ ନେଇ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)ର ଅଧିକାରୀ ଲକ୍ଷ୍ମୀ ସିଂ ଓ ଅରୁଣ ଖୁଆସ ଉଭୟଙ୍କୁ ଭେଟିଛନ୍ତି। କିଭଳି ଭାବେ ସେମାନଙ୍କ ଯତ୍ନ ନିଆଯିବ ଓ ସେମାନେ ଶିକ୍ଷା ଓ ମୌଳିକ ଅଧିକାରରୁ ବଞ୍ଚିତ ହେବେନାହିଁ ସେନେଇ ଆଲୋଚନା କରିଛନ୍ତି। ମନ୍ଦାରଙ୍କ ବଡପୁଅ ଏବେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାନପୁଅ ଟାଉନ୍ ବାଳକ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଉଭୟଙ୍କ ଆନୁଷ୍ଠାନିକ ଯତ୍ନ ନିଆଯିବା ଉପରେ ଡିସିପିୟୁ ସିଂ ଗୁରୁତ୍ୱାରୋପ କରିଛନ୍ତି। ଜିଲା ରେଡକ୍ରସରୁ ତାଙ୍କୁ ତୁରନ୍ତ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ଅନୁରୋଧ କରିଥିବା ଜଣାପଡିଛି। ବକେୟା ଟଙ୍କା ମାଗିବାରୁ ଜଣେ ମହିଳା କର୍ମଚାରୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେବା ଭଳି ବର୍ବର ଘଟଣାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ବଲାଙ୍ଗୀର ପୋଲିସ ଅଭିଯୁକ୍ତ ରୋଷେୟା ମାନସ ମିଶ୍ରଙ୍କୁ ଘଟଣାଦିନ ରାତିରେ ଗିରଫ କରିଥିଲା। ସେ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

ରୋଷେୟା ମିଶ୍ରଙ୍କ ସହ ମନ୍ଦାର କାମ କରୁଥିବାବେଳେ ତାଙ୍କର କିଛି ବକେୟା ଟଙ୍କା ତାଙ୍କ ପାଖରେ ରହିଯାଇଥିଲା। ଗତ ୧୪ ତାରିଖରେ ମନ୍ଦାର ବକେୟା ଟଙ୍କା ମାଗିବାକୁ ମିଶ୍ରଙ୍କ ଘରକୁ ଯାଇଥିବାବେଳେ ସେ ତାଙ୍କ ଉପରେ ପେଟ୍ରୋଲ ଫିଙ୍ଗି ନିଆଁ ଲଗାଇ ଦେଇଥିଲେ।

# ରେଙ୍ଗାଲି ବ୍ଲକରେ ୬୮.୮୯ ପ୍ରତିଶତ ମତଦାନ


ରେଙ୍ଗାଲି ବ୍ଲକର ଏକ ବୁଥ୍‌ରେ ଭୋଟର ।

**ସମ୍ବଲପୁର/ରେଙ୍ଗାଲି, ୨୦।୨(ବ୍ୟୁରୋ/ଡି.ଏନ.ଏ.)**

ସମ୍ବଲପୁର ଜିଲାରେ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ରେଙ୍ଗାଲି ଓ ଜମନକିରା ବ୍ଲକରେ ଭୋଟ ଗ୍ରହଣ ହୋଇଛି । ରେଙ୍ଗାଲି ବ୍ଲକରେ ୬୮.୮୯ ପ୍ରତିଶତ ମତଦାନ ହୋଇଥିଲା । ବହୁ ଚର୍ଚ୍ଚିତ ଝାଙ୍କରପାଲି ପଞ୍ଚାୟତରେ ମଧ ୭୫.୭୫ ପ୍ରତିଶତ ମତଦାନ ହୋଇଛି । ଏହି ପଞ୍ଚାୟତରେ ସରପଞ୍ଚ ପଦ ପାଇଁ ୨୭ ଜଣ ପ୍ରାର୍ଥୀ ରହିଥିଲେ । ଯାହାକୁ ନେଇ ବେଶ ଚର୍ଚ୍ଚା ହୋଇଥିଲା । ଏତେ ଜଣ ପ୍ରାର୍ଥୀ ଥିଲେ ମଧ ଭୋଟରମାନେ ଦ୍ୱନ୍ଦ୍ୱରେ ନ ଆସି ମତଦାନ କରିବା ଦେଖିବାକୁ ମିଳିଥିଲା । ଏପରି କି ଭୋଟମାନେ ବେଶ ଉତ୍ସାହିତ ଥିଲେ। ପ୍ରାର୍ଥୀ ସଂଖ୍ୟା ଅଧିକ ହେଲେ କ'ଣ ହେବ ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେବୁ ବୋଲି ଅଧିକାଂଶ ଭୋଟର କହିଥିଲେ। ରେଙ୍ଗାଲି ବ୍ଲକରେ ୬୮ ହଜାର ୧୨୫ ଭୋଟର ଅଛନ୍ତି । ୨୬ ହଜାର ୫୬୮ ମହିଳା ଓ ୨୭ ହଜାର ୧୫୪ ପୁରୁଷ ଭୋଟରଙ୍କୁ ମିଶାଇ ମୋଟ ୫୩ ହଜାର ୭୪୧ ଜଣ ମତାଧିକାର ସାବ୍ୟସ୍ତ କରିଛନ୍ତି । ଜିଲା ପରିଷଦ ସହ ସରପଞ୍ଚ, ସମିତି, ୱାର୍ଡ ସଭ୍ୟାସଭ୍ୟ ପାଇଁ ମତଦାନ ହୋଇଥିଲା। ମତଦାନ ସମୟରେ ଅବ୍ୟବସ୍ଥା ଯୋଗୁ ବିଭିନ୍ନ ଭୋଟ କେନ୍ଦ୍ରଗୁଡିକରେ ଉତ୍ତେଜନା ପ୍ରକାଶ ପାଇଥିଲା । ଲମ୍ବା ଲାଇନରେ ବୃଦ୍ଧ, ମହିଳାମାନେ ଛିଡା ହୋଇ ହଇରାଣ ହରକତ ହୋଇଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲେ ହେଁ ପୋଲିସ ନିୟନ୍ତ୍ରଣ କରିଥିଲା । ସନ୍ଧ୍ୟା ପର୍ଯ୍ୟନ୍ତ କେତେକ ବୁଥରେ ମତଦାନ ହୋଇଥିଲା ।

# ବଡ଼ଗାଁ ବ୍ରାହ୍ମଣ ସମାଜର ବାର୍ଷିକ ସଭା

**ବଡ଼ଗାଁ, ୨୦।୨(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବସ୍ତିଠାରେ ଥିବା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ ଦେବମଣ୍ଡପରେ ରବିବାର ବଡ଼ଗାଁ ଅନୁଶୀଳନୀ ବ୍ରାହ୍ମଣ ସମାଜର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ ତୃତୀୟା ଦିନ ସାମୂହିକ ବ୍ରତୋପନୟନ କରିବାକୁ ସଭାରେ ଧାର୍ଯ୍ୟ କରାଯାଇଥିଲା। ବ୍ରତ କରିବାକୁ ଇଚ୍ଛୁକ ପରିବାର ସମାଜ କର୍ମକର୍ତ୍ତା ପଦ୍ମନାଭ ପାଣିଗ୍ରାହୀଙ୍କ ସହିତ ଯୋଗାଯୋଗ କରିବାକୁ ଘୋଷଣା କରାଯାଇଥିଲା। ଆସନ୍ତା ବୈଶାଖ ପୂର୍ଣ୍ଣିମାରେ ବ୍ରାହ୍ମଣ ମହାସଭା କରାଯିବ ଓ ସମସ୍ତ ବ୍ରାହ୍ମଣ ସଂଘଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।


ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

## କେନ୍ଦୁପତ୍ର କର୍ମଚାରୀ ସଂଘ ଗଠିତ

**ଖପ୍ରାଖୋଲ,୨୦।୨(ଡି.ଏନ.ଏ.)**

ବଲାଙ୍ଗୀର ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜର ସମସ୍ତ ମୁନସି, ଚପରାସି, ଚେକର ଓ କେନ୍ଦୁପତ୍ର କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ହେଡଚେକର ଦ୍ରୋଣ ବନଛୋର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରେଞ୍ଜସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଯଦୁ ପୁଟେଲ, ସମ୍ପାଦକ ମୁରଲୀ ବୁଢ଼େକ, କୋଷାଧ୍ୟକ୍ଷ ଭୋଜରାଜ ବରିହା ମନୋନୀତ ହୋଇଥିଲେ।

# ଭାଜପା-ବିଜେଡି ଲଢ଼େଇ


ସବିତା ଦଣ୍ଡସେନା



ମହିମା ସେଠ୍

**ହେମଗିର (ଖ) ଜିଲା ପରିଷଦ ଜୋନ୍**

**ସୁନ୍ଦରଗଡ,୨୦।୨(ଡି.ଏନ୍.ଏ)**

ସୁନ୍ଦରଗଡ ବିଧାନ ସଭା କ୍ଷେତ୍ର ଅନ୍ତର୍ଗତ ହେମଗିର ବ୍ଲକର ଭୋଟରଙ୍କ ରାୟ ସବୁ ନିର୍ବାଚନରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ଚଳିତ ପଞ୍ଚାୟତ ନିର୍ବାଚନରେ ମଧ୍ୟ ଏହି ବ୍ଲକର ୨ଟି ଜିଲା ପରିଷଦ ଆସନ ଉପରେ ଏବେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଏହି ବ୍ଲକରେ ଆସନ୍ତା ୨୨ ତାରିଖରେ ଭୋଟ୍ ଗ୍ରହଣ ହେବ। ବ୍ଲକର 'ଖ' ଜିଲା ପରିଷଦ ଆସନରେ ମୁଖ୍ୟତଃ ଭାଜପା ଓ ବିଜେଡି ପ୍ରାର୍ଥିନୀଙ୍କ ମଧ୍ୟରେ ଲଢେଇ ତୀବ୍ର ହେଉଛି। ୧୦ଟି ଗ୍ରାମପଞ୍ଚାୟତ, ୧୨୫ଟି ୱାର୍ଡକୁ ନେଇ ଗଠିତ ଏହି ଜୋନ୍‌ରେ ଭୋଟରଙ୍କ ସଂଖ୍ୟା ୩୩ହଜାର ୧୧୩ ରହିଛି। ଚଳିତ ନିର୍ବାଚନରେ ଏହି ଆସନଟି ଆଦିବାସୀ ମହିଳା ପ୍ରାର୍ଥୀଙ୍କ ସକାଶେ ସଂରକ୍ଷିତ ରହିଛି। ଏଠାରେ ଭାଜପା ଖବରଦାତା ସ୍ୱର୍ଗତ ରୁଦ୍ର ପ୍ରସାଦ ଦଣ୍ଡସେନାଙ୍କ ସ୍ତ୍ରୀ ସବିତା ଦଣ୍ଡସେନାଙ୍କୁ ପ୍ରାର୍ଥୀ କରିଛି। ବିଜେଡି ତରଫରୁ ମହିମା ସେଠ୍ ଓ ତୁମ୍ପି କୁଆ କଂଗ୍ରେସ ତରଫରୁ ପ୍ରାର୍ଥୀ ହୋଇଛନ୍ତି। ଗତ ୨୦୧୭ ନିର୍ବାଚନରେ ଏହି ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ କାଶୀନାଥ ରାଉତ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥୀ ଗୋପାଳ ଚନ୍ଦ୍ର ପ୍ରଧାନଙ୍କୁ ପରାଜିତ କରି ନିର୍ବାଚିତ ହୋଇଥିଲେ।

ଚଳିତ ନିର୍ବାଚନରେ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ କଂଗ୍ରେସ ଛାଡିବିଜେଡିକୁଯାଇଥିବା ବେଳେ ବିଜେଡିରେ ଥିବା କୁସୁମ ଟେଟେ ଭାଜପା ଟିକେଟରେ ସୁନ୍ଦରଗଡ ବିଧାନସଭା କ୍ଷେତ୍ରର ବିଧାୟିକା ରହିଛନ୍ତି। ଏଣୁ ବର୍ତ୍ତମାନ ଏଠାରେ ପରିବର୍ତ୍ତିତ ରାଜନୈତିକ ସମୀକରଣର ପ୍ରଭାବ ମଧ୍ୟ ପଡିବା ସମ୍ଭାବନା ରହିଛି। ବିଧାୟିକା କୁସୁମ ଓ ପୂର୍ବତନ ବିଧାୟକ ଯୋଗେଶଙ୍କ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ କଂଗ୍ରେସ ସ୍ଥିତି ରକ୍ଷା ପାଇଁ ଉଦ୍ୟମ କରୁଛି। ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ବିଧାୟିକା କୁସୁମଙ୍କ ସମେତ ଏମ୍‌ପି ଜୁଏଲ ଓରାମ, ସିନେ ତାରକା ଶ୍ରୀତମ୍ ଦାସପ୍ରଚାର କରିଥିବା ବେଳେ ବିଜେଡି ପ୍ରାର୍ଥୀଙ୍କ ସପକ୍ଷରେ ପୂର୍ବତନ ବିଧାୟକ ଯୋଗେଶ ସିଂ, ପୂର୍ବତନ ରାଜ୍ୟସଭା ସଦସ୍ୟ ଦିଲୀପ ତିର୍କୀ ପ୍ରଚାର କରିଛନ୍ତି। ସେହିପରି କଂଗ୍ରେସ ପ୍ରାର୍ଥୀଙ୍କ ସପକ୍ଷରେ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ଜିଲା କଂଗ୍ରେସ କମିଟି ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ ପ୍ରମୁଖ ପ୍ରଚାର କରିଛନ୍ତି।




# ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କଲେ ଓଲିଉଡ୍ ଷ୍ଟାର ଶ୍ରୀତମ


ଓଲିଉଡ୍ ତାରକା ଶ୍ରୀତମ ଦାସ ନିର୍ବାଚନ ପ୍ରଚାର କରୁଛନ୍ତି।

**ସୁନ୍ଦରଗଡ଼,୨୦।୨(ଡି.ଏନ.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମାହୋଲର ଶେଷ ପର୍ଯ୍ୟାୟରେ ସମସ୍ତ ଦଳ ନିଜ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଜୋରସୋର ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ସୁନ୍ଦରଗଡ଼ ଜିଲାରେ ଆଉ ଦୁଇଟି ପର୍ଯ୍ୟାୟ ଭୋଟ ବାକି ରହିଥିବା ବେଳେ ରବିବାର ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଓଲିଉଡ଼ ତାରକା ଶ୍ରୀତମ ଦାସ ନିର୍ବାଚନୀ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ରବିବାର ସୁନ୍ଦରଗଡ ବିଧାନସଭା କ୍ଷେତ୍ରରେ ପ୍ରଥମ ନିର୍ବାଚନୀ ସଭାରେ ଯୋଗଦେଇ ଟାଙ୍ଗରପାଲି(କ)ଜୋନ ପ୍ରାର୍ଥୀ ସରସ୍ୱତୀ ଓରାମଙ୍କ ପାଇଁ ସିଆଁବାହାଲ ଗ୍ରାମରେ ବିଧାୟିକା କୁସୁମ ଟେଟେଙ୍କ ସହିତ ପ୍ରଚାର ଆରମ୍ଭ କରିଛନ୍ତି। ଦାସ ନିଜର ଅଭିଭାଷଣରେ ଉପସ୍ଥିତ ଜନତାଙ୍କୁ କେନ୍ଦ୍ରର ବିଭିନ୍ନ ସୁଫଳ ଯୋଜନା ବିଷୟରେ ବୁଝାଇବା ସହ ଭାଜପା ପ୍ରାର୍ଥିନୀ ସରସ୍ୱତୀ ଓରାମଙ୍କୁ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଏହା ସହ ତାଙ୍କୁ ଗ୍ରାମବାସୀ ବିଦାୟୀ ସମୟରେ ଭୋଟରଙ୍କ ସହ ବାଜାର ତାଳେ ତାଳେ ଆଦିବାସୀ ନୃତ୍ୟ କରିଥିଲେ। ଏହା ପରେ ଲେଫ୍ରିପଡ଼ା, ଦର୍ଲିପାଲି, ବିସ୍ଥାପିତ କଲୋନୀ, ବରୋବୋଗା, ସର୍ଗିପାଲିଠାରେ ରୋଡ଼ ଶୋ କରି ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଥିଲେ।



> ପୃଥିବୀର କ୍ରମବିକାଶ ଧାରାରେ ମଣିଷର ଅତିମାନବ ସ୍ତରକୁ ଉତ୍ତୀର୍ଣ୍ଣ ହେବା ହେଉଛି ପ୍ରକୃତିର ଏକ ନିକଟବର୍ତ୍ତୀ ସମ୍ପାଦନ ବା କୃତିତ୍ୱ। ସେହିଠାରେ ଇ ରହିଛି ଆମର ନିୟତି। ଏବଂ ସେହିଠାରେ ହିଁ ରହିଛି ଆମ ମୁକ୍ତିର ଚାବିକାଠି– ଯାହା ପାଇଲେ ଆମେ ଆମର ଏହି ଅଭୀପ୍ସା ପରାୟଣ ଅଥଚ ସୀମାବଦ୍ଧ ଓ ବାଧାବିଘ୍ନ ସଂକୁଳ ଜୀବନରୁ ରକ୍ଷାପାଇବୁ। –ଶ୍ରୀଅରବିନ୍ଦ

# କୃତ୍ରିମ ବୁଦ୍ଧିମତ୍ତାର ଯୁଦ୍ଧ

ଭାରତର କମ୍ପ୍ଟ୍ରୋଲର ଆଣ୍ଡ୍ ଅଡିଟର ଜେନେରାଲ(ସିଏଜି) ୨୦୧୭ରେ ପ୍ରକାଶ କରିଥିବା ରିପୋର୍ଟରେ ଦର୍ଶାଇଥିଲେ ଯେ, ଯଦି ଭବିଷ୍ୟତରେ ଭାରତର କାହା ସହ ଯୁଦ୍ଧ ହୁଏ ତେବେ ଏହାର ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ମାତ୍ର ୧୦ ଦିନରେ ସରିଯିବ। ଅର୍ଥାତ୍ ଦୀର୍ଘକାଳୀନ ଯୁଦ୍ଧ ଭାରତ ଲଢ଼ିବାକୁ ଅସମର୍ଥ ବୋଲି ଏଥିରୁ ବୁଝି ହୋଇଯାଇଥିଲା। ଏବେ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହ ଭାରତର ଅପଢ଼ ରହିଥିବା ବିଷୟ ସମସ୍ତେ ଜାଣନ୍ତି। ଏହା ସତ୍ତ୍ୱେ ବିଗତ ୫ ବର୍ଷ ମଧ୍ୟରେ ଭାରତ ପ୍ରତିରକ୍ଷାକୁ ସୁଦୃଢ଼ କରିବା ଦିଗରେ ସେଭଳି ଅଭିନବ ପଦକ୍ଷେପ ନେଇପାରି ନାହିଁ। ୨୦୨୨ରେ କୁହାଗଲାଣି, ଭାରତ ଭବିଷ୍ୟତ ଯୁଦ୍ଧରେ କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ(ଏଆଇ) ଉପଯୋଗ କରିବା ସକାଶେ ପଦକ୍ଷେପ ନେଉଛି। ଏଭଳି ଅନେକ କଥା ଲୋକଙ୍କ ସମ୍ମୁଖରେ ରଖାଯାଉଛି, ଯାହାକୁ ଆସନ୍ତା ୨୫ ବର୍ଷରେ ହାସଲ କରାଯିବ ବୋଲି କୁହାଯାଉଛି। ଏହା ନିଶ୍ଚିତ ଭାବେ ସ୍ୱୀକାରଯୋଗ୍ୟ ଯେ, ଦୀର୍ଘମିଆଦୀ ଯୋଜନା କରାଗଲେ ଦେଶର ଉନ୍ନତି ଘଟିପାରିବ। ଅନ୍ୟପଟେ ଦୀର୍ଘ ୨୫ ବର୍ଷର ଚକ୍‌ମା ଦେଖାଇ ଆଜିର ସମସ୍ୟାକୁ ଏବେ ସମାଧାନ କରା ନ ଗଲେ, ଭବିଷ୍ୟତରେ ତାହା ସମସ୍ୟାପୂର୍ଣ୍ଣ ହେବାର ସବୁ ଆଶଙ୍କା ରହିଛି। ଯେଉଁ ସମୟରେ ଚାଇନା ଏଆଇ, ମେଶିନ୍ ଲର୍ନିଂ (କମ୍ପ୍ୟୁଟର ଆଲ୍‌ଗୋରିଦିମ୍ ଉପରେ ଅନୁଧ୍ୟାନ କରି ସ୍ୱୟଂଚାଳିତ ଭାବେ ମେଶିନ୍ ଚଳାଇବାର ଦକ୍ଷତା ରଖିଛି), ସ୍ୱୟଂଶାସିତ ବିଷାକ୍ତ ଅସ୍ତ୍ରଶସ୍ତ୍ର ବ୍ୟବସ୍ଥା, ରୋବୋଟିକ୍ସ ଓ ସାଇବରୱାର୍ ଦିଗରେ କାର୍ଯ୍ୟ କରୁଛି, ସେତେବେଳେ ଭାରତ ଏହିସବୁ କ୍ଷେତ୍ରରେ ୨୫ ବର୍ଷର ସ୍ୱପ୍ନ ଦେଖାଇଲେ ଆଜିର ବୈଷୟିକ ଜ୍ଞାନ ସେତେବେଳକୁ ପୁରୁଣା ଓ ଅକାମୀ ହୋଇସାରିଥିବ। କୌତୂହଳର ବିଷୟ ହେଲା ଯେ, ଏସବୁ ବୈଷୟିକ ଜ୍ଞାନ ଏବେ ମଧ୍ୟ ଗୁଗ୍‌ଲ, ଫେସ୍‌ବୁକ୍, ଆମାଜନ ଭଳି ଘରୋଇ କମ୍ପାନୀ ବ୍ୟବହାର କରୁଛନ୍ତି। ଦିଲ୍ଲୀରେ ଅନୁଷ୍ଠିତ 'ବିଟିଂ ଦି ରିଟ୍ରିଟ୍' କାର୍ଯ୍ୟକ୍ରମ ଶେଷ ହେବା ପରେ କାନପୁରସ୍ଥିତ ଆଇଆଇଟି ଦ୍ୱାରା ଡ୍ରୋନ୍ ଉଡ଼ାଣ ଦେଖଣାହାରୀଙ୍କ ଦେହକୁ କାଳେ ଶୀତେଇ ଦେଲା ବୋଲି କୁହାଯାଉଛି। କିନ୍ତୁ ପ୍ରାୟ ଅଧିକାଂଶ ଦେଶ ଡ୍ରୋନ୍ ମାଧ୍ୟମରେ ବଢ଼ିଅଞ୍ଚଳରୁ ଲୋକଙ୍କୁ ସାହାଯ୍ୟ କରିବାଠାରୁ ଆରମ୍ଭ କରି କୋଭିଡ୍‌ଜନିତ ଲକ୍‌ଡାଉନ୍ ସମୟରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପହଞ୍ଚାଇବାର କାର୍ଯ୍ୟ କରୁଛି। ଭାରତୀୟମାନେ ମାନ୍ଧାତା ସମୟର ଆଭିମୁଖ୍ୟ ରଖି ଏହି ଦେଶକୁ ଆଗେଇ ନେଇପାରିବେ ନାହିଁ। ସେଥିପାଇଁ ଗବେଷଣା ଓ ବିକାଶ (ଆର୍ ଏଣ୍ଡ୍ ଡି) ଦିଗରେ ଶକ୍ତିଶାଳୀ ହେବାକୁ ହେଲେ ଭାରତକୁ ଆହୁରି ଦ୍ରୁତଗତିରେ ଧାବମାନ ହେବାକୁ ପଡ଼ିବ।

୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ପ୍ରସ୍ତୁତ କରାଯାଇଥିବା ବଜେଟରେ ପ୍ରତିରକ୍ଷା କ୍ଷେତ୍ରକୁ ୫.୨୫ ଲକ୍ଷ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ତାହା ପୂର୍ବ ଆର୍ଥିକ ବର୍ଷଠାରୁ ଅଧିକ ରହିଛି। ୨୦୨୧–୨୨ରେ ଏହି ପାରିମାଣ ଥିଲା ୪.୭୮ ଲକ୍ଷ କୋଟି ଟଙ୍କା। ୨୦୨୨–୨୩ ବଜେଟରେ ୩୨ ହଜାର ୧୫ କୋଟି ଟଙ୍କା ସ୍ଥଳସେନା ଲାଗି ବ୍ୟୟବରାଦ କରାଯାଇଛି। ଗତବର୍ଷ ଏହା ଥିଲା ୩୬ ହଜାର ୪୮୧ କୋଟି ଟଙ୍କା। ସ୍ଥଳସେନା ପ୍ରତି ବ୍ୟୟବରାଦ କମାଇ ଦିଆଯିବା ଦ୍ୱାରା ବିପଦ ଡାକିଆଣିବା ଭଳି ମନେହେଉଛି। କାରଣ ଭାରତ ଏବେ ଚାଇନା ଭଳି ଯୁଦ୍ଧ କ୍ଷେତ୍ରରେ ଏଆଇ ବ୍ୟବହାର କରି ଲଢ଼ିବାର ସମ୍ବଳ ସୃଷ୍ଟି କରିପାରିନାହିଁ।

ଏଠାରେ ମନେରଖିବାକୁ ହେବ, ଏଆଇ ମାଧ୍ୟମରେ ଅତ୍ୟାଧୁନିକ ଯୁଦ୍ଧାସ୍ତ୍ରକୁ କେବଳ ଯେ ପରିଚାଳନା କରାଯାଇପାରିବ ତାହା ନୁହେଁ, ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଶତ୍ରୁ ଦେଶରେ ମିଥ୍ୟା ପ୍ରଚାର, ସାଇବର ଆକ୍ରମଣ, ଯାହାଦ୍ୱାରା ଶତ୍ରୁର ଯୁଦ୍ଧ ସମ୍ବନ୍ଧୀୟ କମ୍ପ୍ୟୁଟରକୁ ଅକାମୀ କରିଦିଆଯିବା ଭଳି ଅନେକ ପ୍ରକାର ବୌଦ୍ଧିକ ଯୁଦ୍ଧ ମଧ୍ୟ ଘଟାଯାଇଥାଏ। ଏହାର ଜ୍ୱଳନ୍ତ ଦୃଷ୍ଟାନ୍ତ ଏବେ ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଲାଗି ରହିଥିବା ତିକ୍ତ ସ୍ଥିତିରୁ ଅନୁଭବ କରିହେଉଛି। ବିନା ଯୁଦ୍ଧ ଘଟାଇ ପ୍ରଚାର ମାଧ୍ୟମରେ ରୁଷିଆ ତା'ର ଶତ୍ରୁ ଭାବେ ୟୁକ୍ରେନ୍‌କୁ ପରାସ୍ତ କରିସାରିଲାଣି। ବିଶ୍ୱବ୍ୟାପୀ ସାଧାରଣ ଲୋକ ଜାଣିଛନ୍ତି ଯେ ରୁଷିଆର ବିରାଟକାୟ ଶକ୍ତି ସମ୍ମୁଖରେ ୟୁକ୍ରେନ୍ ବାମନ। ପାଶ୍ଚାତ୍ୟ ଦେଶଗୁଡ଼ିକ ମଧ୍ୟ ସେମାନଙ୍କ ହାତ ଟେକିଦେଲେଣି। ଏହା ହେଉଛି ଆଧୁନିକ ଯୁଦ୍ଧର ସଦ୍ୟତମ ରଣନୀତି। ଭାରତକୁ ଯଦି ଚାଇନା ତରଫରୁ ଏଇଭଳିଆ ଆକ୍ରମଣ କରାଯାଏ, ତେବେ ଗୋଟିଏ ଗୁଳି ମଧ୍ୟ ଫୁଟିବାର ପ୍ରୟୋଜନ ଉଠିବ ନାହିଁ।

ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ନିକଟରେ କହିଥିଲେ, ୨୦୨୪ ସୁଦ୍ଧା ୨୫ଟି ଏଆଇ ସଂଯୁକ୍ତ ପ୍ରତିରକ୍ଷା ସାମଗ୍ରୀ ବିକଶିତ ହେବ। ଏଠାରେ ପ୍ରତିରକ୍ଷା ମନ୍ତ୍ରୀ ଏଆଇକୁ କିଭଳି ବୁଝୁଛନ୍ତି, ତାହା ସାଧାରଣରେ ବୁଝିବା କଷ୍ଟକର। ଏଆଇ ଏକ ସାମଗ୍ରୀ ବା ଯନ୍ତ୍ରପାତି ନୁହେଁ। କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଯୁଦ୍ଧ ବ୍ୟବସ୍ଥାକୁ ଧ୍ୱଂସ କରିଦିଆଯାଇପାରେ। ଆଜି ପର୍ଯ୍ୟନ୍ତ ଭାରତ ଚିପ୍ ନିର୍ମାଣ କରିବାରେ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିନାହିଁ। ଭାରତ ହେଉଛି ଆସେମ୍ବ୍ଲିଂ ବା ଯୋଡ଼ିବା ଖଞ୍ଜିବାର ଦେଶ। ସେଥିପାଇଁ ବିଦେଶରୁ ଯାହା କିଛି କିଣା ହେବ ସେସବୁ ସାମଗ୍ରୀର ରିମୋଟ୍ କଣ୍ଟ୍ରୋଲ୍ କେଉଁଠି ରହିଛି ଜାଣିବା କଷ୍ଟକର ନୁହେଁ। ଏପରି କି ଆଧୁନିକ ସାଇବର ଯୁଦ୍ଧରେ ବିଦେଶରୁ ଆସିଥିବା ଉଡ଼ାଜାହାଜକୁ ବିଦେଶରେ ବସି ଅକାମୀ କରିଦେବାର କ୍ଷମତା ଚାଇନା, ରୁଷିଆ ଓ ଆମେରିକା ଭଳି ରାଷ୍ଟ୍ରର ରହିଛି। ଭାରତରେ ମଧ୍ୟ ଏହିଭଳି ସାଇବର ଆକ୍ରମଣର ଆଭାସ ମିଳିଥିଲା କିଛିବର୍ଷ ପୂର୍ବେ ଯେତେବେଳେ ଉତ୍ତର ଭାରତର ବିଦ୍ୟୁତ୍ ଗ୍ରୀଡ୍‌କୁ ଅନେକ ସମୟ ପର୍ଯ୍ୟନ୍ତ ଅକାମୀ କରିଦିଆଯାଇଥିଲା। ସେତେବେଳେ କୁହାଯାଇଥିଲା, ତାହା ଚାଇନାର ପରୀକ୍ଷାମୂଳକ ଯୁଦ୍ଧ ଥିଲା।

ଏଭଳି ପ୍ରଚ୍ଛଦପଟରେ ଭାରତକୁ ଶକ୍ତିଶାଳୀ କରିବାକୁ ହେଲେ ପ୍ରଥମେ ଦେଶର ଆଭ୍ୟନ୍ତରୀଣ ସ୍ଥିତିରେ ସୁଧାର ଆଣିବାକୁ ହେବ। ଏକ ବିଭାଜିତ ସମାଜକୁ ପରାସ୍ତ କରିବା ଅତ୍ୟନ୍ତ ସହଜ ହୋଇଥାଏ। ସେହି ସ୍ଥିତିର ଉର୍ଦ୍ଧ୍ୱକୁ ଯାଇପାରିଲେ ଭାରତ ବାସ୍ତବରେ ଶକ୍ତିଶାଳୀ ହୋଇପାରନ୍ତା। ୟୁକ୍ରେନ୍ ଉଦାହରଣ ପୁଣି ଦେଖାଯାଉ। ସେଠାକାର ପୂର୍ବ ୟୁକ୍ରେନ୍‌ରେ ଥିବା ବିଦ୍ରୋହୀମାନେ କିଭ୍‌ର ଶାସନ ବିରୋଧରେ ଦୀର୍ଘଦିନ ଧରି ଲଢ଼ି ଆସୁଛନ୍ତି। ରୁଷିଆ ଏବେ ସେହି ବିଦ୍ରୋହୀମାନଙ୍କୁ ବ୍ୟବହାର କରିବାରେ ଚିନ୍ତାକରି କାର୍ଯ୍ୟ ଆରମ୍ଭ କରିଦେଲାଣି। ଅନ୍ୟପକ୍ଷରେ ଇସ୍ରାଏଲ ଏକ ସୁନ୍ଦର ଦୃଷ୍ଟାନ୍ତ ଯେଉଁଠାରେ ସେହି ଦେଶର ସମାଜ ଅଖଣ୍ଡିତ। ସେଥିପାଇଁ ଏଆଇ ଦ୍ୱାରା ସବୁ ପ୍ରକାରର ସୁରକ୍ଷା ଦିଗରେ ଇସ୍ରାଏଲ ଏବେ ପୃଥିବୀର ଏକନମ୍ବର ଦେଶ ହୋଇପାରିଛି।

# ସମାଲୋଚନାକୁ ଭୟ କାହିଁକି



ଡ. ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ଯିଏ କେନ୍ଦ୍ର ସରକାରଙ୍କ ଦୋଷ ତ୍ରୁଟି ଦେଖାଇଲା, ସେ କ'ଣ କହୁଛି, କି ତଥ୍ୟ ଦେଉଛି, ତା'ର ସମୀକ୍ଷା ନ କରି ସେହି ବ୍ୟକ୍ତି ବିରୋଧରେ କୁତ୍ସା, ଘୃଣା, ନିନ୍ଦା ସୃଷ୍ଟି କରାଯାଉଛି। ଏପରିକି ବ୍ୟକ୍ତିଗତ ଶତ୍ରୁ ପରି ବ୍ୟବହାର କରାଯାଉଛି। ନୋବେଲ ବିଜେତା ଅମର୍ତ୍ତ୍ୟ ସେନ୍ ମଧ୍ୟ ଏପରି ଚରିତ୍ର ସଂହାରରୁ ବର୍ତ୍ତିନାହାନ୍ତି। ଏମିତି କୌଣସି ଲୋକ ନାହିଁ, ଯାହାର କିଛି ତ୍ରୁଟି ନ ଥିବ। ତାହା ମାନେ କ'ଣ ସରକାରଙ୍କ ଦୋଷ କେହି ଦେଖାଇବେ ନାହିଁ। ଅନେକ ସମୟରେ ପ୍ରଶ୍ନ କରାଯାଏ– ସରକାରଙ୍କ କ'ଣ କିଛି ଭଲ ନାହିଁ? କିନ୍ତୁ ସେହିମାନେ ପ୍ରଶ୍ନ କରନ୍ତି ନାହିଁଯେ, ସରକାରଙ୍କ କ'ଣ କିଛି ବିଫଳତା ନାହିଁ ଏବଂ ସରକାର କାହିଁକି ନିଜ ବିଫଳତା ସ୍ୱୀକାର କରୁନାହାନ୍ତି ? ସରକାର କାହିଁକି ସମ୍ବଳ ଅଭାବ ବେଳେ ଟିକସଦାତାଙ୍କ ଅର୍ଥ ବ୍ୟୟ କରି ଘନ ଘନ ପ୍ରଚାର କରୁଛନ୍ତି ? ବର୍ତ୍ତମାନର କ୍ଷୁଧା, ଦାରିଦ୍ର୍ୟ, ବେକାରି, ବୈଷମ୍ୟ ଓ ଦରଦାମ ବୃଦ୍ଧି ଭଳି ସମସ୍ୟା କଥା ନ କହି ଭବିଷ୍ୟତର ରଙ୍ଗେଲି ସ୍ୱପ୍ନ ଦେଖାଉଛନ୍ତି? ଲୋକଙ୍କୁ ଭୂତେଇବା ପାଇଁ ଏବଂ ବର୍ତ୍ତମାନର ବିଫଳତା ଘୋଡ଼ାଇବା ପାଇଁ 'ଆଚ୍ଛା ଦିନ ଆସୁଛି', 'ନୂଆ ଭାରତ', 'ଅମୃତ ବେଳା' ଆଦି ଖାଲି ସ୍ଲୋଗାନ୍ ଦେଉଛନ୍ତି। ଲୋକଙ୍କଠାରୁ ଆଦାୟ ହେଉଥିବା ଟିକସକୁ ବ୍ୟୟ କରି ନିଜେ ହାତରୁ ଦେଲା ପରି ସର୍ବଦା ପ୍ରଚାର କରୁଛନ୍ତି।

ସ୍ୱୟଂ ପ୍ରଭୁ ରାମଚନ୍ଦ୍ର ଗୁପ୍ତଚର ମାଧ୍ୟମରେ ପ୍ରଜାଙ୍କ ଭଲ ମନ୍ଦ ବୁଝୁଥିଲେ, ତାଙ୍କ ଶାସନର ତ୍ରୁଟି ଜାଣିବାକୁ ଚାହୁଁଥିଲେ ଏବଂ ଜାଣି ସଂଶୋଧନ କରୁଥିଲେ। ଏଣୁ ଯଦି ବର୍ତ୍ତମାନ କିଏ ସରକାରଙ୍କ ଦୋଷ ତ୍ରୁଟି ଦେଖାଇଲା, ଶାସକ ଶ୍ରେଣୀ ଖୁସି ହୋଇ ପୁରସ୍କାର ଦେବା କଥା ଏବଂ ନିଜ ତ୍ରୁଟିର ସଂଶୋଧନ କରିବା ଉଚିତ। ଶାସକ ଶ୍ରେଣୀ ସମାଲୋଚନାକୁ ଭୟ କରିବାର କାରଣ ହେଉଛି କ୍ଷମତା ହରାଇବାର ଭୟ। କାରଣ ଲୋକ ଯଦି ଦୋଷ ତ୍ରୁଟି ଜାଣିବେ, ତେବେ ଜନପ୍ରିୟତା ହ୍ରାସ ପାଇବ । କିନ୍ତୁ ନିଜକୁ ଦେଶସେବକ ବା ପ୍ରଧାନ ସେବକ କହୁଥିବା ନେତୃତ୍ୱ ସମାଲୋଚନାକୁ ସ୍ୱାଗତ କରିବା ଉଚିତ। ସରକାର ନିର୍ବାଚିତ ହୋଇଥା'ନ୍ତି ଜନତା ଓ ଦେଶର ଉନ୍ନତି କରିବାକୁ। ଏଣୁ ଏଥିପାଇଁ ପ୍ରଶଂସା ଖୋଜିବା ଅନୁଚିତ। ପୁନଶ୍ଚ ପ୍ରତ୍ୟେକ ବର୍ଷ ବଜେଟରେ ଆୟ ଓ ବ୍ୟୟ ବୃଦ୍ଧି ପାଉଛି ଏବଂ ଯିଏ କ୍ଷମତାରେ ରହିବ, ସେ କିଛି ବ୍ୟୟ କରିବ ଓ ଯୋଜନା କରିବ। ତାହାକୁ ଭିତ୍ତି କରି ପ୍ରଶଂସା କରାଯାଏ ନାହିଁ। ପ୍ରଶ୍ନ ନୁହେଁ ସରକାର ଭଲ ବା ଖରାପ କରୁଛନ୍ତି; ପ୍ରଶ୍ନ ହେଉଛି, ସରକାରଙ୍କ ନୀତି, ସିଦ୍ଧାନ୍ତ ଦ୍ୱାରା ସାଧାରଣ ଜନତା କେତେ ଉପକୃତ ହେଉଛନ୍ତି ଏବଂ ତାଙ୍କ ଜୀବନ ଧାରଣ ମାନରେ କେତେ ଉନ୍ନତି ହେଉଛି। ବାସ୍ତବରେ କର୍ତ୍ତବ୍ୟପାଳନ କରିବାକୁ ଯାଇ ଯେପରି ଜଣେ ପୋଲିସ ଚୋର, ଅପରାଧୀ ଧରେ, ବିଚାରପତି ଦଣ୍ଡ ଦିଏ, ସାମ୍ବାଦିକ କ୍ଷମତାଶାଳୀଙ୍କ ଦୋଷ ତ୍ରୁଟି ପର୍ଦ୍ଦାଫାଶ କରିଥାଏ, ସେହିପରି ଜଣେ ସମାଲୋଚକ ବା ସ୍ତମ୍ଭକାର ଗରିବଙ୍କ ସ୍ୱାର୍ଥ କେଉଁଠି ହାନି ହେଉଛି, ତାହା ଦର୍ଶାଇବା ଉଚିତ। ଜଣେ ଲେଖକର କର୍ତ୍ତବ୍ୟ ହେଉଛି ଅବହେଳିତଙ୍କ କଥା କହିବା। ଯେତେବେଳେ ଜଣେ ଗରିବଙ୍କ ସ୍ୱାର୍ଥ କେଉଁଠି ହାନିହେଉଛି ଦେଖାଇବ, ସେତେବେଳେ ସେ ସରକାରଙ୍କ ବିଫଳତା ମଧ୍ୟ ସ୍ୱାଭାବିକ ଭାବେ ଦେଖାଇବ। କିନ୍ତୁ ବର୍ତ୍ତମାନ କ୍ଷମତାଶାଳୀ, ଧନିକ ଶ୍ରେଣୀ, ପୁଞ୍ଜିପତି ଓ ଶିଳ୍ପପତିଙ୍କ ସ୍ୱାର୍ଥ ସାଧନ ହେଲା ପରି ପଦକ୍ଷେପ ନିଆଯାଉଛି।

ବ୍ୟକ୍ତିଗତ ଜୀବନରେ ଜଣେ ଆଶାବାଦୀ ହେବା ଉଚିତ, କିନ୍ତୁ ଏହାର ଅର୍ଥ ନୁହେଁ ସରକାରଙ୍କ ଦୋଷ ତ୍ରୁଟି ଦେଖାଇବା ନାହିଁ କି ଶୋଷଣଭିତ୍ତିକ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବା ନାହିଁ। ଅନେକ ସମାଲୋଚନାକୁ ଚାପିଦେବା ପାଇଁ ଶାନ୍ତିପ୍ରିୟ ହେବା, ଖୁସିରେ ରହିବାକୁ ପରାମର୍ଶ ଦେଇଥା'ନ୍ତି। କିନ୍ତୁ ଯେଉଁମାନେ ଦେଶ ସ୍ୱାଧୀନତା ଆନ୍ଦୋଳନ କରିଥିଲେ ବା ସମାଜରେ ପରିବର୍ତ୍ତନ ବା ସଂସ୍କାର ଆଣିବା ପାଇଁ ଚେଷ୍ଟା କରିଛନ୍ତି, ସେମାନେ ଜୀବନରେ ଅନେକ ନିନ୍ଦା ଓ କଷ୍ଟ ସହିଛନ୍ତି। ସେମାନେ ଯଦି କେବଳ ଖୁସି ଓ ଶାନ୍ତି ଖୋଜିଥା'ନ୍ତେ, ତେବେ ଭାରତ ଆଜି ସ୍ୱାଧୀନ ହୋଇନଥା'ନ୍ତା ବା ସମାଜରେ କିଛି ପରିବର୍ତ୍ତନ ହୁଅନ୍ତା ନାହିଁ। ଏପରିକି ଆମେ ଯେଉଁ ଅଭୂତପୂର୍ବ ବୈଜ୍ଞାନିକ ଆବିଷ୍କାର, ଉଦ୍ଭାବନ, ଚମତ୍କାର ଦେଖୁଛେ– ଯାହା ଆମ ଜୀବନକୁ ସରସ ସୁନ୍ଦର, ସୁଖମୟ କରିଛି– ତାହା ଅନେକ ରାତି ଅନିଦ୍ରା, କଠୋର ପରିଶ୍ରମ କରି ବାହାର କରିଛନ୍ତି।

ବାସ୍ତବରେ ଯଦି ସରକାରଙ୍କୁ ପ୍ରଶଂସା କରିବାରେ ପ୍ରତିଯୋଗିତା କରାଯାଏ, ତେବେ ବେଶି ଲୋକ ବାହାରିବେ। କାରଣ ଏଥିପାଇଁ ଗବେଷଣା ଓ ଅଧ୍ୟବସାୟ ଦରକାର ନୁହେଁ। ପୁନଶ୍ଚ ଏହାଦ୍ୱାରା କିଛି ବିପଦ ନାହିଁ, ବରଂ ବିଭିନ୍ନ ପୁରସ୍କାର, ପଦ ପଦବୀ ମିଳିବାର ସମ୍ଭାବନା ଥାଏ। ଅବଶ୍ୟ କେଉଁମାନଙ୍କୁ ପୁରସ୍କାର ଦେଲେ ଅଧିକ ରାଜନୈତିକ ଫାଇଦା ମିଳିବ, ସେହିମାନଙ୍କୁ ବିଭିନ୍ନ ପୁରସ୍କାର ଦିଆଯାଉଛି। ଚାକିରି କରିଥିଲେ ପଦୋନ୍ନତି ଏବଂ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଉଛି। ଯାହାଫଳରେ ପ୍ରତିଭା ବିକଶିତ ନ ହୋଇ ନଷ୍ଟ ହୋଇଯାଉଛି। ଅନେକ ବୁଦ୍ଧିଜୀବୀ, ପ୍ରଫେସର, ଖବରଦାତା ସରକାରଙ୍କୁ ସୁହାଇଲା ପରି ଲେଖୁଛନ୍ତି ବା କହୁଛନ୍ତି। ଯାହା ଫଳରେ ଗରିବର ସ୍ୱର ନିଷ୍ପ୍ରଭ ହୋଇଯାଉଛି ଏବଂ ସେ ଦୁଃଖରେ ଥାଇ ମଧ୍ୟ ଭାବୁଛି ସେହି ଅବସ୍ଥା ତା' ପାଇଁ ଶ୍ରେଷ୍ଠ ଅବସ୍ଥା ଏବଂ ଈଶ୍ୱରଙ୍କ ଆଶୀର୍ବାଦ। ଯାହାଫଳରେ ଅନ୍ୟାୟ, ଅନୀତି, ଶୋଷଣ ଓ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ କ୍ଷାନ୍ତ ରହୁଛି। କିନ୍ତୁ ଶୋଷକ ଶ୍ରେଣୀ ତାହାର ଶୋଷଣ ଆହୁରି ପ୍ରଶସ୍ତ କଲାବେଳେ ଶାସକ ଶ୍ରେଣୀ କ'ଣ କଲେ ବେଶିଦିନ କ୍ଷମତାରେ ରହିହେବ, ତାହାହିଁ କରୁଛି।

ଜଣେ ପ୍ରଶ୍ନ କରିପାରେ, ସରକାର କାହିଁକି ଲୋକଙ୍କ କ୍ଷତି ହେଲା ପରି କରିବେ। ଲୋକଙ୍କ ଭଲ କଲେ ଲୋକ ପୁନର୍ବାର ନିର୍ବାଚିତ କରିବେ। ସତ୍ୟ ହେଉଛି– କେବଳ ଭାରତ ନୁହେଁ, ଏପରିକି ବିଶ୍ୱର ବିଭିନ୍ନ ଦେଶରେ ଯେଉଁମାନେ ଆମକୁ ଶାସନ କରିଥା'ନ୍ତି, ତାଙ୍କୁ ନିୟନ୍ତ୍ରଣ କରିଥା'ନ୍ତି ବଡ଼ ବଡ଼ ଧନୀ, ନିବେଶକ, ପୁଞ୍ଜିପତି, କର୍ପୋରେଟ୍‌ମାନେ। ଯେଉଁମାନେ ଦଳୀୟ ପାଣ୍ଠିକୁ, ରାଜନୈତିକ ନେତାଙ୍କୁ ନିର୍ବାଚନ ବ୍ୟୟ ପାଇଁ କୋଟି କୋଟି ଟଙ୍କା ଦେଇଥା'ନ୍ତି, ତାଙ୍କ ନିୟନ୍ତ୍ରିତ ଗଣମାଧ୍ୟମ ଶାସକ ଶ୍ରେଣୀ ସପକ୍ଷରେ ପ୍ରଚାର କରିଥାଏ। ଯାହାର ପ୍ରତିବଦଳରେ ଶାସକ ଶ୍ରେଣୀ ସେମାନଙ୍କ ଉପରେ କମ ଟିକସ ଧାର୍ଯ୍ୟ କରନ୍ତି, ଟିକସ ଫାଙ୍କି, କଳାଟଙ୍କାର ପ୍ରସାର ରୋକନ୍ତି ନାହିଁ। ଏହା ହୋଇ ନ ଥିଲେ କଳାଟଙ୍କା ଆମ ଜିଡିପିର ୫୦% ପାଖାପାଖି ହୁଅନ୍ତା ନାହିଁ। ଧନିକ ଶ୍ରେଣୀଙ୍କଠାରୁ କମ ହାରରେ ଟିକସ ଆଦାୟ କରିବା ଅର୍ଥ ଟିକସ ସବ୍‌ସିଡି ଦେବା।

ଯଦି ସରକାର ଗରିବଙ୍କ ପାଇଁ ଚିନ୍ତିତ, ତେବେ ପରୋକ୍ଷ କର ଯାହା ପ୍ରତିଗାମୀ, ତାହା ବୃଦ୍ଧି କରନ୍ତେ ନାହିଁ। ବୀମା ପ୍ରିମିୟମ, ସଞ୍ଚୟଜନିତ ସୁଧ, ପରିପକ୍ୱ ରାଶିକୁ ଟିକସର ପରିସରଭୁକ୍ତ ମଧ୍ୟ କରନ୍ତେ ନାହିଁ। ସମସ୍ତଙ୍କୁ ବାଧୁଥିବା ଇନ୍ଧନ ଉପରେ ଆଖିବୁଜା ସେସ୍, ସରଚାର୍ଜ ଧାର୍ଯ୍ୟ କରନ୍ତେ ନାହିଁ। ରାଷ୍ଟ୍ରାୟତ୍ତ ଶିଳ୍ପର ଘରୋଇକରଣ କରନ୍ତେ ନାହିଁ। ଦରଦାମ ନିୟନ୍ତ୍ରଣ କରନ୍ତେ। ଶିକ୍ଷା ସ୍ୱାସ୍ଥ୍ୟ ଲୋକଙ୍କୁ ମାଗଣାରେ ବା ଅଳ୍ପ ମୂଲ୍ୟରେ ଦିଅନ୍ତେ। ଜଣେ ଯୁକ୍ତି କରିପାରେ ସମ୍ବଳ ଅଭାବ ଯୋଗୁ ସରକାର କରିପାରୁନାହାନ୍ତି। ସମ୍ବଳ ଅଭାବର କାରଣ ହେଲା ଧନିକ ଶ୍ରେଣୀଠାରୁ ଆବଶ୍ୟକ ଟିକସ ଆଦାୟ ନ କରିବା। ପୁନଶ୍ଚ ସେମାନେ ତାଙ୍କ କଳାଟଙ୍କା ବିଦେଶରେ ଟିକସ ଭୂସ୍ୱର୍ଗରେ ରଖନ୍ତି, ଯେଉଁଠି ଟିକସ ପଡ଼େ ନାହିଁ ବା କମ୍ ପଡ଼େ। ଯେତେବେଳେ ସମ୍ବଳ ଅଭାବ ରହୁଛି, ସରକାର କର୍ପୋରେଟ ଟିକସ ହ୍ରାସ କରୁଛନ୍ତି। ବର୍ତ୍ତମାନ ସରକାର ଯେଉଁ ନୀତି କାର୍ଯ୍ୟକାରୀ କରୁଛନ୍ତି ତାହା ବିଶେଷକରି ଧନିକ ଶ୍ରେଣୀ, କର୍ପୋରେଟ ଓ ପୁଞ୍ଜିପତିଙ୍କ, କ୍ଷମତାଶାଳୀଙ୍କ ସୁହାଇଲା ପରି ହୋଇଛି, ଯାହା ଫଳରେ ଆମେ ଦୁଇଟି ଭାରତ ଦେଖିବାକୁ ପାଉଛୁ। ୩୦ କୋଟି ଥିଲାବାଲାଙ୍କୁ ପ୍ରତିନିଧିତ୍ୱ କରୁଥିବା ଉଜ୍ଜ୍ୱଳ ଭାରତ ବା ଏବଂ ଦୁଃଖପୂର୍ଣ୍ଣ ଜୀବନ ବିତାଉଥିବା ୧୦୦ କୋଟିର ଉଜୁଡ଼ା ଭାରତ।

skmohapatra67@gmail.com
ମୋ: ୯୪୩୭୨୦୮୭୬୨

# ଚେତନାର ଅମୃତ ଦିଗନ୍ତ ମା'



ବିମଳ ପ୍ରସନ୍ନ ଦାସ

ଫେବୃୟାରୀ ୨୧ ତାରିଖ ୧୮୭୮– ମଧୁମୟୀ ଦିବ୍ୟଜନନୀ ଶ୍ରୀମାଙ୍କର ୧୪୪ତମ ଶୁଭ ଜନ୍ମତିଥି। ଇତିମଧ୍ୟରେ କାଳବକ୍ଷରେ ୧୪୩ ବର୍ଷ ଅତିବାହିତ ହୋଇଗଲା। ଏ ବର୍ଷ ଆମେ ମା'ଙ୍କର ୧୪୪ ତମ ପବିତ୍ର ଜୟନ୍ତୀ ପାଳନ କରୁଛୁ। ଅଦ୍ଭୁତ ଦିବ୍ୟସଂଯୋଗ– ୧୮୭୮, ୨୧ ଫେବୃୟାରୀ ଯେପରି ଥିଲା ଗୁରୁବାର, ୨୦୧୯ରେ ୨୧ ଫେବୃୟାରୀ ମଧ୍ୟ ଗୁରୁବାର। ଗୁରୁବାର ଆମେ ମା' ମହାଲକ୍ଷ୍ମୀଙ୍କ ବାର ଭାବରେ ନିଷ୍ଠାର ସହ ପାଳନ କରିଥାଉ। ସେ ହିଁ ପ୍ରାଚୁର୍ଯ୍ୟ ଓ ଧନର ଆରାଧ୍ୟା ଦେବୀ। ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟଜନନୀଙ୍କର ଚାରୋଟି ମହାରୂପ ଆମ ଆଗରେ ବର୍ଣ୍ଣନା କରିଛନ୍ତି; ଯଥା ମହେଶ୍ୱରୀ, ମହାକାଳୀ, ମହାଲକ୍ଷ୍ମୀ ଏବଂ ମହାସରସ୍ୱତୀ। ମହାଯୋଗୀଙ୍କ ଦିବ୍ୟଦୃଷ୍ଟିରେ ମା' ହିଁ ସର୍ବୋତ୍ତମା ଶକ୍ତି, ସେ ହିଁ ଆଦିମାତା, ଅଦିତି। ମାନୁଷୀ ଶରୀରରେ ଆଉ ଜଣେ ପାର୍ଥିବ ଜନନୀଙ୍କ ଗର୍ଭରୁ ଜନ୍ମ ହେଲେ। ଯିଏ ଅନନ୍ତକାଳ, ସେ ପୁଣି କାଳ ହାତରେ ନିଜକୁ ସମର୍ପି ଦେଇ ଜନ୍ମ–ମୃତ୍ୟୁର ଘୂର୍ଣ୍ଣନ ମଧ୍ୟରେ ଆବିର୍ଭୂତା ହେଲେ। ଅସୀମା ହେଲେ ସୀମା। ଏହି ସୀମାଭୁକ୍ତ ପୃଥିବୀକୁ ଦିବ୍ୟ ରୂପାନ୍ତର ଦେଇ ଅମରାବତୀରେ ପରିଣତ କରିବା ଲାଗି ତାଙ୍କ ମାତୃ ହୃଦୟର ଏ ଅଲୌକିକ କରୁଣା। ପରା ପ୍ରକୃତିର ଅପରା ରୂପାୟନ। ଚିନ୍ମୟୀ ଶକ୍ତିଙ୍କର ମୃଣ୍ମୟୀ ରୂପ ଧାରଣ।

ଅତିମାନସ ଶକ୍ତି, ଜ୍ୟୋତି ଓ ଚେତନାର ଅବତାର ପୁରୁଷ ଶ୍ରୀଅରବିନ୍ଦଙ୍କର ସେ ସହ–ତପସ୍ୱିନୀ–ଉତ୍ତର ସାଧିକା। ଶ୍ରୀଅରବିନ୍ଦ ତ୍ୱ ହେଲେ ଶ୍ରୀମା ହେଉଛନ୍ତି ସେ ତ୍ୱ'ର ସରଳ, ପ୍ରାଞ୍ଜଳ ବ୍ୟାଖ୍ୟା। ଶ୍ରୀଅରବିନ୍ଦ ସାଧ ହେଲେ, ଶ୍ରୀମା ତାଙ୍କର ସାଧନା ଓ ସିଦ୍ଧି। ଶ୍ରୀଅରବିନ୍ଦ ତପଶକ୍ତି ହେଲେ, ଶ୍ରୀମା ତାଙ୍କର କ୍ରିୟାଶକ୍ତି। ଶ୍ରୀଅରବିନ୍ଦଙ୍କୁ ଆମର ମନ, ବୁଦ୍ଧି, ବାକ୍ୟ ସ୍ପର୍ଶ କରିପାରେନା। ସେ ଆମ ପାଖେ ପାଖେ ଥିଲେ ମଧ୍ୟ ଆମେ ତାଙ୍କର ସୌର ତେଜର ପ୍ରଚଣ୍ଡତା ସହ୍ୟ କରିପାରୁନା। କିନ୍ତୁ ମା' ଆମ ଦେହକୁ ଦେହ ଲାଗିକରି ଅଛନ୍ତି। ଆମ ପ୍ରାଣ ଓ ମନକୁ ମଧ୍ୟ ଲାଗିକରି ଅଛନ୍ତି। ମା'ଟିଏ ତା'ର ପିଲାକୁ ଦେହଲଗ୍ନ କରି ରଖିଲା ଭଳି ସେ ଆମକୁ ତାଙ୍କ ଦେହକୁ ଲଗାଇ ରଖିଛନ୍ତି। ମାଆ ସୂର୍ଯ୍ୟ ତେଜକୁ ଧାରଣ କରିଛନ୍ତି। ସେ ସ୍ୱୟଂ ସବୀତ୍ୱ, ଶକ୍ତି, ସାବିତ୍ରୀ। ସେ ମଧ୍ୟ ବ୍ରହ୍ମଶକ୍ତି ଗାୟତ୍ରୀ। ସେହିଁ ଚେତନାର ଅମୃତ ଦିଗନ୍ତ।

ଏ ସବୁ ସତ୍ତ୍ୱେ ସେ ସନ୍ତାନ ଲାଗି ସୁଧାମୟୀ, ପ୍ରେମମୟୀ, କଲ୍ୟାଣମୟୀ, ଶ୍ରୀମୟୀ ଆହ୍ଲାଦିନୀ ଚନ୍ଦ୍ରମା ଭଳି, ସେ ଆମକୁ ଅତିମାନସର ସ୍ନିଗ୍ଧ ଜ୍ୟୋସ୍ନାରେ ଆପ୍ଲୁତ କରି ରଖିଛନ୍ତି। ପ୍ରଚଣ୍ଡ ମାର୍ତ୍ତଣ୍ଡର ଅମ୍ଳାନ ତେଜକୁ ସେ ନିଜ ଭିତରେ ଧାରଣ କରିଛନ୍ତି, କିନ୍ତୁ ସେ ତେଜକୁ ଆମ ପାଇଁ ଚନ୍ଦ୍ରମାର ଶାନ୍ତ ଶୀତଳ ଜ୍ୟୋସ୍ନାରେ ରୂପାନ୍ତରିତ କରି ଅଜାଡି ଦେଇଛନ୍ତି। ମା'ଙ୍କ ବ୍ୟତିରେକେ ପ୍ରଚଣ୍ଡ ସୂର୍ଯ୍ୟପିଣ୍ଡ ସ୍ୱରୂପ ଶ୍ରୀଅରବିନ୍ଦଙ୍କ ସ୍ପର୍ଶ ଆମେ ପାଇ ନଥାନ୍ତୁ। ସେ ନିଜେ ଯେପରି କହିଛନ୍ତି ''ଶ୍ରୀଅରବିନ୍ଦଙ୍କ ବିନା ମୋର ସ୍ଥିତି ନାହିଁ ଏବଂ ମୋ ବିନା ତାଙ୍କର ପ୍ରକାଶ ନାହିଁ''। ପ୍ରଫେସର ମନୋଜ ଦାସଙ୍କ ଭାଷାରେ– ତାଙ୍କ ବିନା ମୁଁ ଅସ୍ତିତ୍ୱ ସହିତ ମୋ ବିନା ସେ ଅପ୍ରକଟିତ''। ଦୁଇଟି ମହାନ୍ ଆତ୍ମାର ମହାମିଳନ। ସତେଯେପରି ଶ୍ୱେତପଦ୍ମ ସହିତ ରକ୍ତପଦ୍ମର, ପ୍ରେମ ସହିତ ପ୍ରଜ୍ଞାର, ଭକ୍ତି ସହିତ ଜ୍ଞାନର, ମହାପୁରୁଷଙ୍କ ସହିତ ମହା ପ୍ରକୃତିର ଏବଂ ଜୀବାତ୍ମା ସହ ପରମାତ୍ମାର। ପୃଥିବୀକୁ ଅମରାବତୀରେ ପରିଣତ କରିବା ପାଇଁ ସତେଯେପରି ଏହି ମୁହୂର୍ତ୍ତ ବିଧିର ବିଧାନ ଏବଂ ପୂର୍ବ ନିର୍ଦ୍ଧାରିତ।

ଆମ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ମାତୃଶକ୍ତିକୁ ସବୁଠାରୁ ବେଶି ପ୍ରାଧାନ୍ୟ ଦିଆଯାଇଛି। ମଣିଷ ଜୀବନରେ ଏପରି କୌଣସି ଅବସ୍ଥା ନାହିଁ ଯେଉଁଠି ମହାଶକ୍ତିର ଉପଲବ୍ଧି ନାହିଁ। ମାତ୍ର ଆମ ଚେତନାର ଅବସ୍ଥା ଏପରି ଯେ ଆମେ କିଛି ଗ୍ରହଣ କରିବାକୁ ପ୍ରସ୍ତୁତ ନୋହୁଁ, କିନ୍ତୁ ଭାରତର ସମୃଦ୍ଧ ଚେତନା ଇତିହାସର ନିର୍ଯ୍ୟାସ। ଦୁର୍ଭାଗ୍ୟ ଯେ ଭାରତ ବସ୍ତୁବାଦକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିପାରୁ ନାହିଁ କିମ୍ବା ମାୟାବାଦକୁ ଅଗ୍ରାହ୍ୟକରି ପାରୁନାହିଁ। ତେଣୁ ବର୍ତ୍ତମାନ ମାନବ ଜାତି ଏକ ଛଳନାମୟ ମାୟା ଭିତରେ ଛନ୍ଦି ହୋଇଯାଇଛି। ଏଇଥିପାଇଁ ସମାଜରେ ଭ୍ରଷ୍ଟାଚାର, ଦୁର୍ନୀତି ବ୍ୟାପୁଛି। ମାତ୍ର ମା' ଶ୍ରୀଅରବିନ୍ଦଙ୍କ ଅମୃତମୟ ଦୃଷ୍ଟିରେ ଏ ଅବସ୍ଥା ବେଶି ସମୟ ରହିପାରିବ ନାହିଁ। ଶ୍ରୀମାଙ୍କ ଦିବ୍ୟ ମାତୃଶକ୍ତି ଆମକୁ ଏ ପରିସ୍ଥିତିରୁ ଉତ୍ତୀର୍ଣ୍ଣ କରିନେବ। ପ୍ରକୃତ ଚେତନା କ'ଣ ତା' ମାନବ ଜାତି ଆଗରେ ଉତ୍‌ଥାପନ କରିବ। ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୁଗ୍ମସତ୍ତାକୁ ପାଶ୍ଚାତ୍ୟ ମତାନୁଯୋଗୀ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସର୍ବୋତ୍ତମ ସମନ୍ୱୟ ବୋଲି କହୁଛନ୍ତି। ତାହା ନିଶ୍ଚୟ ଆଂଶିକ ସତ୍ୟ। ବରଂ ଆଧ୍ୟାତ୍ମିକତାର ଦୁଇଟି ଦିଗ। ଯୋଗ ଓ ତନ୍ତ୍ରର ଏକ ପୂର୍ଣ୍ଣାଙ୍ଗ ସତ୍ୟ ହେଉଛନ୍ତି ଶ୍ରୀମା ଓ ଶ୍ରୀଅରବିନ୍ଦ।

ସୁତରାଂ ଆମର ମା'ଙ୍କ ପ୍ରତି ଶ୍ରଦ୍ଧା, ଆନ୍ତରିକତା ଓ ସମର୍ପଣ ଯେତିକି ପୂର୍ଣ୍ଣତର ହେବ, ମା'ଙ୍କର ଅଭୟ ଓ କରୁଣା ସେତିକି ଆମକୁ ଘେରି ରହିବ। ମା'ଙ୍କ କୃପାରୁ ଅଳ୍ପ ଟିକିଏ ବି ଆମକୁ ସକଳ ବାଧା ବିପତ୍ତି ଓ ସଙ୍କଟରୁ ପାର କରିଦେବ। ନିରାପଦରେ ଆମ ପଥରେ ଆମେ ଚାଲିଯାଇ ପାରିବା। କାରଣ ସେ ପଥ ମା'ଙ୍କର। ଏ ଜଗତରେ ହେଉ ବା ଅଦୃଶ୍ୟଜଗତ ସମୂହରେ ହେଉ କୌଣସି ଶତ୍ରୁଶକ୍ତି ଆମକୁ ସ୍ପର୍ଶ କରିପାରିବ ନାହିଁ। ମା'ଙ୍କ କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ ଓ ଦୁର୍ବଳତା ଅମୋଘ ସାମର୍ଥ୍ୟରେ ରୂପାନ୍ତରିତ ହୋଇଯିବ। କାରଣ ଦିବ୍ୟଜନନୀଙ୍କ ଅନୁକମ୍ପା ହେଲା ପରମେଶ୍ୱରଙ୍କ ଅନୁମତି। ଏବେ ହେଉ ବା ପରେ ହେଉ ଏହାର ଫଳ ସୁନିଶ୍ଚିତ, ପୂର୍ବ ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ''କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତି ହିଁ ଆବରଣ ଛିନ୍ନ କରିଦେଇପାରେ। ଆଧାରକୁ ଗଢ଼ିପାରେ। ଆଜିର ତମିସ୍ରା, ମିଥ୍ୟା, ମୃତ୍ୟୁ, ବେଦନାପୂର୍ଣ୍ଣ ଜଗତରେ ଉତ୍ତାରି ଆଣିପାରେ ସତ୍ୟ, ଜ୍ୟୋତି, ଦିବ୍ୟଜୀବନ ଓ ଅମର ଆନନ୍ଦ'', ମା'ଙ୍କର ପ୍ରେମ ଓ କରୁଣା ଆମ ଚେତନାକୁ ଅମୃତାୟିତ କରୁ – ଏତିକି ପ୍ରାର୍ଥନା।

ମୋ: ୯୪୩୮୧୮୬୨୨୬

## ଏଇ ଭାରତରେ

ଏକ ବ୍ୟବସ୍ଥିତ ଓ ପ୍ରଭାବୀ ବର୍ଜ୍ୟ ପରିଚାଳନା ପାଇଁ କେଦାର ଶୋହୋନି ଏବଂ ତାଙ୍କ ଟିମ୍ ସମ୍ପୂର୍ଣ୍ଣ ସମର୍ପିତ। ସେମାନେ ମୁମ୍ବାଇ ଓ ଏହାର ଆଖପାଖ ୩ଟି ଗ୍ରାମରେ ବର୍ଜ୍ୟ ପରିଚାଳନା ଲାଗି ଅଭିଯାନ ଚଳାଇଛନ୍ତି। ଏଥିପାଇଁ ସେ ଗଠନ କରିଛନ୍ତି ଗ୍ରୀନ୍ କମ୍ୟୁନିଟି ଫାଉଣ୍ଡେଶନ। ତାଙ୍କ ଅନୁସୃତ ପଦ୍ଧତିରେ ଘରୁ ବାହାରୁଥିବା ନିତିଦିନିଆ ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତ ହେଉଛି। ମୁମ୍ବାଇରେ ସେ ରହୁଥିବା ଆପାର୍ଟମେଣ୍ଟରେ ପ୍ରଥମେ ବର୍ଜ୍ୟ ପରିଚାଳନା ଆରମ୍ଭ କରି ସଫଳ ହେବା ପରେ ଏହାକୁ ୨୨୦ଟି ଆପାର୍ଟମେଣ୍ଟକୁ ସମ୍ପ୍ରସାରିତ କରିଥିଲେ। ସେ ଏଠାରେ ମୋଟ ହଜାର ଟନ୍ ବର୍ଜ୍ୟକୁ ଜୈବିକ ଖତରେ ପରିଣତ କରିବାରେ ସକ୍ଷମ ହୋଇଛନ୍ତି। ଏହିସବୁ ଆପାର୍ଟମେଣ୍ଟରୁ ଦୈନିକ ପ୍ରାୟ ୪ କୁଇଣ୍ଟାଲ ବର୍ଜ୍ୟ ବାହାରୁଛି। ଆଉଟିକେ ଆଗକୁ ବଢ଼ି ସେ ତାଙ୍କ ବର୍ଜ୍ୟ ପରିଚାଳନା ୮୦୦ ଆପାର୍ଟମେଣ୍ଟରେ ପହଞ୍ଚାଇ ପାରିଛନ୍ତି ଓ ଦିନକୁ ୧ଟନ୍ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ମୁମ୍ବାଇ ଚାରିପାଖରେ ଥିବା ୩୦ଟି ଗ୍ରାମରେ ତାଙ୍କ ଟିମ୍ ଉକ୍ତ ପଦ୍ଧତିରେ ଖତ ପ୍ରସ୍ତୁତ କରି କୃଷକମାନଙ୍କୁ ଦେଉଛନ୍ତି। ଗୋଟିଏ ପଟେ ବର୍ଜ୍ୟ ପରିଚାଳନା ଓ ଅନ୍ୟପଟେ ଜୈବିକ ଖତ ପ୍ରସ୍ତୁତ କରିବା ସହ ଜୈବିକ ଖତ ପାଇଁ କୃଷକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି। କେଦାରଙ୍କ ବୟସ ୪୯। ସେ ଆନାଲିଟିକ୍ ଆଣ୍ଡ ରିସର୍ଚ୍ଚ ଏଣ୍ଟରପ୍ରିନ୍ୟୁୟର ଭାବେ କାର୍ଯ୍ୟ କରୁଥିଲେ। ୨୦୧୭ରୁ ଏହି କାର୍ଯ୍ୟରେ ଲାଗିଛନ୍ତି। ତାଙ୍କ ଟିମ୍ ମୁମ୍ବାଇକୁ ଏକ ବର୍ଜ୍ୟମୁକ୍ତ ସହର କରିବା ଲାଗି ଲକ୍ଷ୍ୟ ରଖିଛି ବୋଲି କୁହନ୍ତି କେଦାର।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଫେବୃୟାରୀ ୧୯୯୭**

- ଚୀନ୍‌ର ପ୍ରବାଦ ପୁରୁଷ ମହାନ୍ ବିପ୍ଳବୀ ବର୍ଷୀୟାନ ନେତା ଡେଙ୍ଗ ଜିଆଓପିଙ୍ଗଙ୍କ ୯୩ ବର୍ଷ ବୟସରେ ପରଲୋକ।
- ପେରୁର ଆଣ୍ଡେସ ଅଞ୍ଚଳରେ ମାଟି ଅତଡ଼ା ଖସି ଦୁଇଟି ଗ୍ରାମ ପୋତି ହୋଇ ପଡ଼ିବା ଫଳରେ ୩୦୦ ଲୋକଙ୍କ ପ୍ରାଣହାନୀ।
- ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ, ଗ୍ୟାସ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ଅଫ୍ ମଡର୍ଣ୍ଣ ଫୁଡ୍ ଇଣ୍ଡଷ୍ଟ୍ରିଜ୍‌ଲିଃ ଠାରୁ ଅଂଶଧନ ପ୍ରତ୍ୟାହାର କରିନେବା ପାଇଁ ପୁଞ୍ଜି ପ୍ରତ୍ୟାହାର କମିଶନଙ୍କ ସୁପାରିଶ।

## ସୁ–ଡୋ–କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | | 8 | | 4 |
| | | 4 | | 8 | 1 | | | 9 |
| 3 | | 6 | | | | | | |
| 2 | 6 | | | | | | | |
| | | | 2 | | 4 | | 7 | |
| | | | | | | 1 | | 8 |
| | | | 9 | | | | | |
| 7 | 5 | | | | 2 | | 6 | |
| | | | | | 3 | | 9 | 1 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 5 | 8 | 7 | 1 | 6 | 9 | 4 |
| 4 | 6 | 7 | 3 | 9 | 5 | 2 | 1 | 8 |
| 1 | 9 | 8 | 2 | 4 | 6 | 5 | 3 | 7 |
| 8 | 7 | 6 | 1 | 5 | 3 | 4 | 2 | 9 |
| 2 | 5 | 3 | 4 | 6 | 9 | 8 | 7 | 1 |
| 9 | 4 | 1 | 7 | 2 | 8 | 3 | 5 | 6 |
| 7 | 1 | 4 | 6 | 3 | 2 | 9 | 8 | 5 |
| 6 | 3 | 9 | 5 | 8 | 7 | 1 | 4 | 2 |
| 5 | 8 | 2 | 9 | 1 | 4 | 7 | 6 | 3 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପଞ୍ଚାୟତ ନିର୍ବାଚନ ପଞ୍ଚନାମା

ମହାଶୟ,

ଚଳିତବର୍ଷ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଲଢ଼େଇ ଅଧିକାଂଶ ସ୍ଥାନରେ ପାଠୁଆ ଝିଅ ପୁଅ ବନାମ ଅଭିଜ୍ଞଙ୍କ ମଧ୍ୟରେ ହେଉଛି। ମହିଳାଙ୍କ ପାଇଁ ସଂରକ୍ଷିତ ସ୍ଥାନରେ ପ୍ରାର୍ଥୀ ଖୋଜିବା ପାଇଁ ରାଜନୈତିକ ଦଳଗୁଡ଼ିକୁ ପୂର୍ବଭଳି ଖୋଜାଖୋଜି କରିବାକୁ ପଡ଼ିନାହିଁ। ଅନେକେ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାରୁ ରାଜନୀତିକୁ ଲମ୍ଫ ଡିଆଁ ମାରିଛନ୍ତି। ନାରୀ ସ୍ୱାବଲମ୍ବୀ ଓ ନାରୀ ଶିକ୍ଷାର ବ୍ୟାପକ ପ୍ରସାର ପାଇଁ ଏହା ସମ୍ଭବ ହୋଇପାରିଛି। ଗତଥର ସ୍ତ୍ରୀ ଜିତିବା ପରେ ଅନେକ ସରପଞ୍ଚ ସ୍ୱାମୀ କ୍ଷମତା ହାଇଜାକ୍ କରି ରବର ଷ୍ଟାମ୍ପ ଭଳି ଘରଣୀଙ୍କୁ କେବଳ ସରପଞ୍ଚର ଦସ୍ତଖତ ପାଇଁ ବ୍ୟବହାର କରିବା ବିଡ଼ମ୍ବନା। ଏଥର ରେକର୍ଡିଂ ନିର୍ବାଚନ ଗୀତ ପାଇଁ ଅଧିକ କାମ ନ ପାଇ କଳାକାର ହତାଶ ହୋଇଛନ୍ତି। କରୋନାର ଆର୍ଥିକ ଛାଟ ଜଳ ଜଳ ହୋଇ ଦିଶୁଛି। ଟେଲିଫୋନ ନେଟୱର୍କ ନ ଥିବାରୁ ଅନେକ ଗ୍ରାମବାସୀ ଡିଜିଟାଲ ନିର୍ବାଚନ ପ୍ରଚାରରେ ପଛରେ ପଡ଼ିଛନ୍ତି। ସଭାସମିତି ଓ ଭୋଜିଭାତ ମନା ଥିଲେ ହେଁ ଖାଇବା ଲୋକ ଖାଇ ଚାଲିଛନ୍ତି। କୁକୁଡ଼ା ଫାର୍ମ ମାଲିକ ଓ ଖୁଚୁରା ମଦବେପାରୀ ରାତି ଅଧରେ ଜିଦ୍‌ଖୋର୍ ଗରାଖ ହାବୁଡ଼ରେ ପଡ଼ି ହୀନସ୍ତା ହେଉଛନ୍ତି। ସମାନ ସଂଖ୍ୟାର ଭୋଟ ମିଳିବା ସ୍ଥଳରେ ପ୍ରାର୍ଥୀଙ୍କୁ ଧର୍ମଗୋଳାର ସାହାରା ନ ନେଇ ଉଭୟ ପ୍ରାର୍ଥୀଙ୍କୁ ଅଢ଼େଇ ଅଢ଼େଇ ବର୍ଷ କ୍ଷମତା ବାଣ୍ଟି ଦେଲେ ଭଲ ହୁଅନ୍ତା।

– ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

## ଚିରନ୍ତନୀ

ରୁଚି ବେଶଭୂଷା ନ ଥିଲେ ତୁମକୁ ଲାଗଇ ଲାଜ
ଶତ ପରିପାଟୀ କରି ଆପଣାର ଆବାସ ସାଜ,
ତା' ବିନେ ଭୁବନ ଅନ୍ଧାର ଦିଶେ ଗହନ ବତ
ତା' ପାଇଁ ମିଥ୍ୟା ଶିଖି ନାହିଁ କହି ନ ଜାଣେ ବ୍ୟାଜ।
(ମାନସୀ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ହିଜାବ ପସନ୍ଦ ନୁହେଁ, ଦାୟିତ୍ୱ

**କର୍ନାଟକରେ ଆରମ୍ଭ ହୋଇଥିବା ହିଜାବ ଝଡ଼ ଏବେ ସାରା ଦେଶର ଚର୍ଚ୍ଚିତ ପ୍ରସଙ୍ଗ। ବିଦେଶରୁ ମଧ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ପ୍ରତିକ୍ରିୟା ଏହି ବିବାଦକୁ ଖୋରାକ ଯୋଗାଇଛି। ଧର୍ମୀୟ ପରମ୍ପରାକୁ ନେଇ ସୃଷ୍ଟି ହିଜାବ ବିବାଦରେ ଦୁଇ ଭାଗ ହୋଇଛନ୍ତି ସେଲିବ୍ରିଟି। ଶିକ୍ଷାନୁଷ୍ଠାନରେ ମୁସଲମାନ ମହିଳା ହିଜାବ ପିନ୍ଧି ପାଠପଢ଼ିବାକୁ ଅନେକେ ସମର୍ଥନ କରୁଥିବାବେଳେ ଆଉ କେତେଜଣ ବିରୋଧ କରି ଏହା ଉପରେ ସମ୍ପୂର୍ଣ୍ଣ ବ୍ୟାନ ଦାବି କରିଛନ୍ତି। ସବାନା ଆଜ୍‌ମୀ, ରିଚା ଚଡ୍ଢା, ସୋନମ କପୁର, କଙ୍ଗନା ରାଣାୱତ୍, ଜାଭେଦ ଅଖତର, ହେମା ମାଲିନୀଙ୍କଠାରୁ ଆରମ୍ଭ କରି ମାଲାଲା ୟୁସୁଫଜାଇଙ୍କ ପରେ ହିଜାବ ବିବାଦରେ ସଦ୍ୟ ପ୍ରତିକ୍ରିୟା ଦେଇ ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍‌ର ଦଙ୍ଗଲ ଫେମ୍ ଜାଏରା ୱାଶିମ୍। ହିଜାବ ଏକ ଚଏସ୍ ନୁହେଁ ବରଂ ଦାୟିତ୍ୱ ବୋଲି ସେ ମନ୍ତବ୍ୟ ରଖିଛନ୍ତି।**





ଜାଏରା ୱାସିମ୍

**ଶ୍ରୀନଗର, ୨୦।୨:** ମୁସଲମାନ ମହିଳାଙ୍କ ପାରମ୍ପରିକ ପୋଷାକ ହିଜାବ ଏବେ ବିତର୍କର କେନ୍ଦ୍ରରେ। କର୍ନାଟକ ଶିକ୍ଷାନୁଷ୍ଠାନରେ ହିଜାବ ପରିଧାନକୁ ନେଇ ସୃଷ୍ଟି ବିବାଦରୁ ବଲିଉଡ୍ ବାଦ୍ ପଡ଼ିନି। ସେଲିବ୍ରିଟିମାନେ ଖୋଲାଖୋଲି ଏହା ଉପରେ ମତ ଦେଉଥିବାବେଳେ ରବିବାର ନିଜ ପ୍ରତିକ୍ରିୟା ରଖିଛନ୍ତି କଶ୍ମୀର ଝିଅ ଜାଏରା ୱାଶିମ୍। ବଲିଉଡ୍‌ର ଏହି ପୂର୍ବତନ ଅଭିନେତ୍ରୀ ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରି ହିଜାବ ବିବାଦ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

୨୧ ବର୍ଷୀୟା ଜାଏରା ଲେଖିଛନ୍ତି, ହିଜାବକୁ ଏକ ପସନ୍ଦ ବୋଲି ଭାବିବା ଭୁଲ ଧାରଣା। ଇସ୍‌ଲାମ୍‌ରେ ଏହା ଚଏସ୍ ନୁହେଁ, ବରଂ ଏକ ଦାୟିତ୍ୱ। ଯେଉଁ ମହିଳା ହିଜାବ ପିନ୍ଧୁଛନ୍ତି ସେମାନେ ଏହି ଦାୟିତ୍ୱ ପୂରଣ କରୁଛନ୍ତି। ଈଶ୍ୱରଙ୍କଠାରୁ ସେମାନଙ୍କୁ ଏହା ମିଳିଛି। ସେ ଏହାକୁ ଭଲ ପାଆନ୍ତି ଏବଂ ନିଜକୁ ଭଗବାନଙ୍କ ନିକଟରେ ସମର୍ପଣ କରିଛନ୍ତି। ସେ ମଧ୍ୟ ଜଣେ ମହିଳା ଏବଂ ସମ୍ମାନର ସହ ସେ ହିଜାବ ପିନ୍ଧନ୍ତି। ଯେଉଁଠି ମହିଳାଙ୍କୁ ହିଜାବ ପିନ୍ଧିବାକୁ ବାରଣ କରାଯାଉଛି ଏବଂ ଧର୍ମୀୟ ପରମ୍ପରା ମାନିବାକୁ ରୋକାଯିବା ସହ ସେମାନଙ୍କୁ ଅତ୍ୟାଚାର କରାଯାଉଛି ସେପରି ବ୍ୟବସ୍ଥାକୁ ସେ ସମ୍ପୂର୍ଣ୍ଣ ବିରୋଧ କରନ୍ତି। ମୁସଲମାନ ମହିଳାଙ୍କ ବିରୋଧରେ ଭେଦଭାବ କରାଯିବା ଏବଂ ହିଜାବ ଓ ଶିକ୍ଷା ମଧ୍ୟରୁ ଗୋଟିଏକୁ ବାଛିବା ପାଇଁ ବିକଳ୍ପ ରଖାଯିବାକୁ ବ୍ୟବସ୍ଥା ଅଣାଯିବା ସେମାନଙ୍କ ପ୍ରତି ଅନ୍ୟାୟ। ନିଜ ଏଜେଣ୍ଡା ଚଳାଇବାକୁ ଯାଇ ଏକ ନିର୍ଦ୍ଦିଷ୍ଟ ଜିନିଷ ଗ୍ରହଣ କରିବାକୁ ସେମାନଙ୍କୁ ବାଧ୍ୟ କରାଯାଉଛି ଏବଂ ପରେ ନିୟମରେ ଫସାଯାଇ ସମାଲୋଚନା କରାଯାଉଛି। ଏହା ପକ୍ଷପାତିତା ନୁହେଁ ତ ଆଉ କ'ଣ। ସଶକ୍ତୀକରଣ ନାମରେ ଏପରି କରାଯାଉଛି। ଏ ନେଇ ସେ ଦୁଃଖିତ ଏବଂ ଏହା ବିରୋଧୀ ବୋଲି ଜାଏରା ତାଙ୍କ ଇନ୍‌ଷ୍ଟା ପୋଷ୍ଟରେ ଲେଖିଛନ୍ତି।

ସୂଚନାଯୋଗ୍ୟ, ଜାଏରା ୨୦୧୬ରେ ଆମୀର ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ଦଙ୍ଗଲ' ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏତେ କମ୍ ବର୍ଷ ବୟସରେ ଫିଲ୍ମ ଫେୟାର ଏବଂ ନ୍ୟାଶନାଲ ଫିଲ୍ମ ଆୱାର୍ଡ ହାତେଇଥିବା ଜାଏରା ୨୦୧୮ରେ ଅଭିନୟ ଛାଡ଼ିବାକୁ ଘୋଷଣା କରି ସମସ୍ତଙ୍କୁ ଚକିତ କରିଦେଇଥିଲେ। ଅଭିନୟ କ୍ୟାରିୟର ବାଛିବା ଦ୍ୱାରା ଇସ୍‌ଲାମ ସହ ତାଙ୍କ ସମ୍ପର୍କ ବିପଦରେ ପଡ଼ିଥିବା ସେ କହିଥିଲେ। ଏହା ସହ ସୋସିଆଲ ମିଡିଆରୁ ତାଙ୍କ ଫଟୋକୁ ହଟାଇଦେବାକୁ ଜାଏରା ତାଙ୍କ ପ୍ରଶଂସକଙ୍କୁ କହିଥିଲେ।

# ମୁହଁଖୋଲି ବିବାଦରେ ସେଲିବ୍ରିଟି

**ମୁମ୍ବାଇ, ୨୦।୨: ହିଜାବ ଉପରେ ଜାଏରାଙ୍କ ସଦ୍ୟ ମନ୍ତବ୍ୟ ପୂର୍ବରୁ ମଧ୍ୟ ବଲିଉଡ୍‌ର ବହୁ କଳାକାର ଏହାକୁ ନେଇ ମତ ରଖିଛନ୍ତି। ସ୍କୁଲ କଲେଜରେ ମୁସଲମାନ ମହିଳାଙ୍କ ହିଜାବ ଅଭ୍ୟାସକୁ ଅନେକେ ସମର୍ଥନ ଦେଇଥିବାବେଳେ ଏହା ବିରୋଧୀ ପ୍ରତିକ୍ରିୟା ବି ପ୍ରକାଶ ପାଇଛି।**



" ଧର୍ମ ନିରପେକ୍ଷ ଲୋକଙ୍କ ନିକଟରେ ବୁର୍ଖା ଏବଂ ହିଜାବକୁ ବିରୋଧ କରିବାର ଅଧିକାର ରହିଛି। ମୁଁ ମଧ୍ୟ ଏହାକୁ ବିରୋଧ କରେ। କିନ୍ତୁ ହିଜାବ ପିନ୍ଧି ସ୍କୁଲ, କଲେଜ ଯାଉଥିବା ଛାତ୍ରୀମାନଙ୍କୁ କେତେକ ଗୋଷ୍ଠୀ ଅଟକାଇ ସେମାନଙ୍କୁ ଭୟଭୀତ କରିବା ଅନୁଚିତ।

**–ଜାଭେଦ ଅଖତର, ବଲିଉଡ୍ ଗୀତିକାର**



" ଯଦି ତୁମେ ସାହସ ଦେଖାଇବାକୁ ଚାହୁଁଛ ତେବେ ଆଫଗାନିସ୍ତାନ ଯାଇ ସେଠାରେ ବୁର୍ଖା ନ ପିନ୍ଧି ଦେଖାଅ। ନିଜକୁ ବନ୍ଦୀ ନ କରି ମୁକ୍ତ ଭାବେ ବଞ୍ଚିବା ଶିଖ।

**–କଙ୍ଗନା ରାଣାୱତ୍, ଅଭିନେତ୍ରୀ**



" ଆଫଗାନିସ୍ତାନ ଏକ ଧର୍ମୀୟ ଦେଶ। କିନ୍ତୁ ଶେଷ ଥର ପାଇଁ ଯେତେବେଳେ ଯାଞ୍ଚ କରିଥିଲି ଭାରତ ଏକ ଧର୍ମ ନିରପେକ୍ଷ ଗଣତାନ୍ତ୍ରିକ ଦେଶ ଥିଲା। (କଙ୍ଗନାଙ୍କ ପୋଷ୍ଟରେ ପ୍ରତିକ୍ରିୟା)

**–ଶବାନା ଆଜ୍‌ମୀ, ଅଭିନେତ୍ରୀ ତଥା ରାଜ୍ୟ ସଭା ସଦସ୍ୟ**



" ଯଦି ପଗଡ଼ି ଏକ ଚଏସ୍ ତେବେ ହିଜାବ କାହିଁକି ନୁହେଁ। (ଏକ ଫଟୋରେ ପଗଡ଼ି ପିନ୍ଧି ଥିବା ଜଣେ ଶିଖ୍ ବ୍ୟକ୍ତି ଏବଂ ଅନ୍ୟଟିରେ ଜଣେ ମହିଳା ହିଜାବ ପିନ୍ଧିଥିବାର ଫଟୋ ପୋଷ୍ଟ କରି)

**–ସୋନମ କପୁର, ଅଭିନେତ୍ରୀ**



" ନିଜ ପିଲାଙ୍କୁ ଉଚିତ ଶିକ୍ଷା ଦିଅ। ହିଜାବ ପିନ୍ଧିଥିବା ଜଣେ ଏକାକୀ ଛାତ୍ରୀଙ୍କୁ ଘେରି ଡରାଇବା ଭୀରୁତା। ଏଭଳି ପିଲାଙ୍କୁ ଭବିଷ୍ୟତରେ ବେକାରୀ ଓ ନିରାଶା ହିଁ ମିଳିବ। ଏମାନଙ୍କ ଉପରେ ମୁଁ ଛେପ ପକାଇବି। (କର୍ନାଟକରେ ଜଣେ ଛାତ୍ରୀଙ୍କୁ ଗେରୁଆ ଗାମୁଛା ପକାଇଥିବା କେତେଜଣ ଛାତ୍ର ଘେରିଯିବା ଭିଡିଓ ଉପରେ ପ୍ରତିକ୍ରିୟା)

**–ରିଚା ଚଡ୍ଢା, ଅଭିନେତ୍ରୀ**



" ଆମେ ବିଭାଜିତ। ଏହା ହିଁ ଆର୍‌ଏସ୍‌ଏସ୍‌ର ଗୁଣ୍ଡାମାନେ ଚାହାଁନ୍ତି। ଆମକୁ ଆମ ଭିତରୁ ଦୁର୍ବଳ କରି ଦିଆଯାଉଛି, ଯାହା ସୁସ୍ଥ ହେବା ସହଜ ନୁହେଁ। ଜନସାଧାରଣ ଜାଗ୍ରତ ହୁଅନ୍ତୁ। ଏଭଳି ଭାଇରସ୍ ସଂକ୍ରମଣ ହେବାରୁ ଅଟକାନ୍ତୁ।

**–ଓନଏର୍, ଫିଲ୍ମ ନିର୍ମାତା**



" ବିଦ୍ୟାଳୟ କେବଳ ଶିକ୍ଷା ପାଇଁ ଉଦ୍ଦିଷ୍ଟ। ଧର୍ମୀୟ ପ୍ରସଙ୍ଗ ସେଠାରେ ସ୍ଥାନ ନେବା ଉଚିତ ନୁହେଁ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଏକ ୟୁନିଫର୍ମ ଅଛି ଯାହାକୁ ସମ୍ମାନ ଦିଆଯିବା ଉଚିତ। ସ୍କୁଲ, କଲେଜ ବାହାରେ ଆପଣ ମନ ଇଚ୍ଛା ପୋଷାକ ପିନ୍ଧିପାରିବେ।

**–ହେମା ମାଳିନୀ, ଅଭିନେତ୍ରୀ ତଥା ଭାଜପା ଏମ୍‌ପି**



" ହିଜାବ ବିବାଦକୁ କେବଳ ଗୋଟିଏ ଦଳ ଗୁରୁତ୍ୱ ଦେଉଛି(ଭାଜପାକୁ ଇଙ୍ଗିତ କରି)। ଅନ୍ୟ କେଉଁ ପାର୍ଟି ଏହାକୁ ଏକ ପ୍ରସଙ୍ଗ ବୋଲି ମଧ୍ୟ ମନେ କରିନାହିଁ।

**–କମଲ ହାସନ, ଅଭିନେତା ତଥା ରାଜନେତା**



" ହିଜାବ ପିନ୍ଧିଥିବା ଛାତ୍ରୀଙ୍କୁ ସ୍କୁଲ ଯିବାରୁ ଅଟକାଇବା ଭୟଙ୍କର। ଭାରତୀୟ ନେତା ମୁସଲମାନ ମହିଳାଙ୍କ ଅଧିକାର ସଙ୍କୁଚିତ କରିବା ବନ୍ଦ କରନ୍ତୁ।

**–ମାଲାଲା ୟୁସୁଫଜାଇ, ନୋବେଲ ଶାନ୍ତି ବିଜୟିନୀ**



" ଭାରତରେ ହିନ୍ଦୁତ୍ୱବାଦୀମାନେ ହିଜାବ ପିନ୍ଧୁଥିବା ମୁସଲମାନ ମହିଳାଙ୍କୁ ହଇରାଣ କରୁଛନ୍ତି।

**–ପଲ୍ ପୋଗ୍‌ବା, ଫ୍ରାନ୍ସ ଫୁଟ୍‌ବଲ ଖେଳାଳି**

## ଖେଳ ଖବର

# ଶ୍ରୀଲଙ୍କାକୁ ଜିତାଇଲେ ମେଣ୍ଡିସ, ଶାନକା

**ମେଲବୋର୍ନ, ୨୦।୨(ଏପି)**

କୁସାଲ ମେଣ୍ଡିସ ଓ ଅଧିନାୟକ ଦାସୁନ ଶାନକାଙ୍କ ୮୩ରନର ପାର୍ଟନରଶିପ୍ ସହାୟତାରେ ଶ୍ରୀଲଙ୍କା ଏଠାରେ ରବିବାର ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ୫ମ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ରେ ୫ ଉଇକେଟରେ ବିଜୟ ହାସଲ କରିଛି। ସିରିଜରେ କ୍ରମାଗତ ୪ଟି ମ୍ୟାଚରେ ପରାଜୟ ପରେ ଦଳର ଏହା ହେଉଛି ଏକମାତ୍ର ସାନ୍ତ୍ୱନାମୂଳକ ବିଜୟ। ସ୍ଥାନୀୟ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ ମେଣ୍ଡିସ ୫୮ ବଲ୍‌ରୁ ୬୯ରନ କରି ଅପରାଜିତ ରହିଥିଲେ। ସେ ୫ ଚୌକା ଓ ଗୋଟି ଛକା ଲଗାଇଥିଲେ। ସେ ପୂରା ଇନିଂସ ଖେଳିଥିଲେ। ସେ ଶ୍ରୀଲଙ୍କାର ପ୍ରାରମ୍ଭିକ ବିପର୍ଯ୍ୟୟରେ ସୁଧାର ଆଣିଥିଲେ। ତାଙ୍କ ସହିତ ଶାନକା (୩୧ବଲ୍‌ରୁ ୩୫ରନ) ଯୋଗ ଦେବା ପୂର୍ବରୁ ଦୁଇଜଣ ବ୍ୟାଟ୍ସମ୍ୟାନ କାମିଲ ମିଶ୍ରା (୧) ଓ ଜେନିଥ ଲିୟାନେଜ୍ (୮)ରନ ଆଉଟ ହୋଇସାରିଥିଲେ। ଶ୍ରୀଲଙ୍କା ମ୍ୟାଚର ଅନ୍ତିମ ଓଭରରେ ଅଷ୍ଟ୍ରେଲିଆର ୧୫୪/୬ ସ୍କୋରକୁ ଅତିକ୍ରମ କରିଥିଲା। ଅନ୍ତର୍ଜାତୀୟ ଟି୨୦ରେ ମେଣ୍ଡିସଙ୍କର ଏହା ସର୍ବାଧିକ ସ୍କୋର। ସେ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୂର୍ବରୁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆର ଆରମ୍ଭ ମଧ୍ୟ ଉତ୍ସାହଜନକ ନ ଥିଲା। ଦଳ ଏକଦା ୮୨ରନ ସ୍କୋର କରି ୫ ଉଇକେଟ ହରାଇଥିଲା। ଉଇକେଟକିପର ମାଥ୍ୟୁ ୱେଡ୍‌ଙ୍କ ୨୭ବଲ୍‌ରେ ୪୩ ରନ ଏବଂ ଅଲରାଉଣ୍ଡର ଡାନିଏଲ ସାମ୍ସ (୧୫ବଲ୍‌ରୁ ୧୮)ଙ୍କ ସହିତ ୬୪ ରନର ପାର୍ଟନରଶିପ୍ ଯୋଗୁ ଅଷ୍ଟ୍ରେଲିଆ ୧୫୪/୬ ସ୍କୋର କରିପାରିଥିଲା।



କୁସାଲ ମେଣ୍ଡିସ

# ଓଡ଼ିଶା ଆଜି ବେଙ୍ଗାଲୁରୁକୁ ଭେଟିବ

**ବାମ୍ବୋଲିମ୍, ୨୦।୨ (ପି.ଟି.)**

ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍)ରେ ସୋମବାର ପୂର୍ବତନ ଚାମ୍ପିୟନ ବେଙ୍ଗାଲୁରୁ ଏଫ୍‌ସି ଓ ଓଡ଼ିଶା ଏଫ୍‌ସି ପରସ୍ପରକୁ ଭେଟିବେ। ଏଥିରେ ବିଜୟ ଉଭୟ ଦଳ ପାଇଁ ନିହାତି ଜରୁରୀ। ବେଙ୍ଗାଲୁରୁ ଏପର୍ଯ୍ୟନ୍ତ ୧୭ଟି ଗେମ୍‌ରୁ ୨୩ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଥିବା ବେଳେ ଓଡ଼ିଶା ସମ୍ମାନ

### ଇଣ୍ଡିଆନ ସୁପର ଲିଗ୍

ସଂଖ୍ୟକ ମ୍ୟାଚରୁ ୨୨ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି। ବେଙ୍ଗାଲୁରୁ ମୁଖ୍ୟ କୋଚ୍ ମାର୍କୋ ପେଜୋଲି କହିଛନ୍ତି, ଆମକୁ ଏହି ମ୍ୟାଚରେ ବିଶେଷ ଧ୍ୟାନ ଦେବାକୁ ହେବ। ଏଥିରେ ଜିତିଲେ ଆମେ ୩ ପଏଣ୍ଟ ପାଇବୁ, ଯାହାକି ଆମପାଇଁ ଅତ୍ୟନ୍ତ ଜରୁରୀ। ତେଣୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପଡ଼ିବ। ନର୍ଥ ଇଷ୍ଟ ୟୁନାଇଟେଡ ବିପକ୍ଷରେ ଆମେ ୨୦ ମିନିଟ ପାଇଁ ଭଲ ଖେଳିଥିଲୁ। ମାତ୍ର ପରେ ଧିମା ପ୍ରଦର୍ଶନ ଯୋଗୁ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ବରଣ କରିଥିଲୁ। ଓଡ଼ିଶା ଏକ ଭଲ ଦଳ। ସେମାନଙ୍କୁ ସୁଯୋଗ ଦେଲେ ଗୋଲ ସ୍କୋର କରିଦେବେ। ଦଳ ବିପକ୍ଷ ପ୍ରଥମ ମ୍ୟାଚରେ ଏହି କାରଣରୁ ଆମକୁ ପରାଜୟ ବରଣ କରିବାକୁ ହୋଇଥିଲା ବୋଲି ସେ କହିଛନ୍ତି। ବେଙ୍ଗାଲୁରୁ ଦଳ ଫର୍ମରେ ଥିବା ଏହାର ଫରୱାର୍ଡ ଖେଳାଳି କ୍ଲିଟନ ସିଲ୍‌ଭାଙ୍କ ପ୍ରଦର୍ଶନ ଉପରେ ବିଶେଷ ନିର୍ଭରଶୀଳ। ସେହିପରି ଓଡ଼ିଶା ଜୋନାଥାନ ଖ୍ରିଷ୍ଟିଆନଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରୁଛି। ବ୍ରାଜିଲ ଦେଶର ଏହି ଦୁଇ ଖେଳାଳି ସେମାନଙ୍କ ଦଳର ଅଗ୍ରଣୀ ସ୍କୋରର ରହିଛନ୍ତି। ସିଜନର ଟପ୍ ସ୍କୋରର ତାଲିକାରେ ସେମାନଙ୍କ ନାମ ରହିଛି। ଜୋନାଥନ ତାଙ୍କର ଗତ ୫ଟି ଲିଗ୍ ଗେମ୍‌ରେ ଗୋଲ ସ୍କୋର କରିଛନ୍ତି। ଓଡ଼ିଶା ଏଫ୍‌ସିର ଗତ ଗେମ୍‌ରେ ସେ ଚେନ୍ନାଇନ ଏଫ୍‌ସି ବିପକ୍ଷରେ ଗୋଲ ଦେଇ କ୍ରମାଗତ ୫ଟି ସିଧାସଳଖ ଲିଗ୍ ଗେମ୍‌ରେ ଗୋଲ୍ ସ୍କୋର କରିବାରେ ପ୍ରଥମ ଖେଳାଳି ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ କ୍ଲିଟନ ସିଲ୍‌ଭା ତାଙ୍କର ଗତ ଶେଷ ତିନୋଟି ଲିଗ୍ ଗେମ୍ ମଧ୍ୟରୁ ଦୁଇଟିରେ ସ୍କୋର କରିବାରେ ସମର୍ଥ ହୋଇଛନ୍ତି। ଚଳିତ ସିଜନରେ ଗୋଲ ସ୍କୋର କରିବାରେ କ୍ଲିଟନ ସିଲ୍‌ଭା (୬)ଙ୍କ ଆଗରେ କେବଳ ଗ୍ରେଗ୍ ଷ୍ଟିୱାର୍ଟ ରହିଛନ୍ତି।



ଅଭ୍ୟାସ ଅବସରରେ ଓଡ଼ିଶା ଏଫ୍‌ସି ଖେଳାଳି।

# ଫିନ୍‌ଲାଣ୍ଡକୁ ପ୍ରଥମ ଥର ହକିରେ ସ୍ୱର୍ଣ୍ଣ

**ବେଜିଂ, ୨୦।୨ (ଏପି)**

### ୱିଣ୍ଟର ଅଲିମ୍ପିକ୍ସ

ୱିଣ୍ଟର ଅଲିମ୍ପିକ୍ସରେ ଫିନ୍‌ଲାଣ୍ଡ ପ୍ରଥମ ଥର ପୁରୁଷ ହକିରେ ସ୍ୱର୍ଣ୍ଣ ପଦକ ଲାଭ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଫେଭରାଇଟ୍ ରୁଷିଆକୁ ୨-୧ ଗୋଲରେ ପରାସ୍ତ କରିଛି। ଫିନ୍‌ଲାଣ୍ଡ ଏହା ପୂର୍ବରୁ ପୁରୁଷ ହେଉ ଅବା ମହିଳା କୌଣସି ବିଭାଗରେ ସ୍ୱର୍ଣ୍ଣ ପଦକ ଲାଭ କରି ନ ଥିଲା। ପୂର୍ବରୁ ଏହି ଦେଶ ୨୦୦୬ରେ ଫାଇନାଲକୁ ଉନ୍ନୀତ ହୋଇଥିଲା ଏବଂ ସ୍ୱିଡେନଠାରୁ ହାରିଯାଇଥିଲା। ଗତଥରର ଚାମ୍ପିୟନ ରୁଷିଆକୁ ଏଥର ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା।

# ଗଣପତି କପ୍ କ୍ରିକେଟ: କୁସୁମେଯାର ଚାମ୍ପିୟନ

ନୂଆପଡ଼ା ଅଫିସ,୨୦।୨: ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବାଦୀବାହାଲ ଖେଳ ପଡିଆରେ ଚାଲିଥିବା ମା' ଗଣପତି ଗଢିଆଣି କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ କୁସୁମେଯାର ଓ ଡଙ୍ଗରିଗୁଡା ମଧ୍ୟରେ ହୋଇଥିଲା। ଟସ୍ ଜିଣି କୁସୁମେଯାର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ସମସ୍ତ ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଜବାବରେ ଡଙ୍ଗରିଗୁଡା ନିର୍ଦ୍ଧାରିତ ୧୦ଓଭରରେ ୪ ଉଇକେଟ ହରାଇ ୫୮ ରନ ସଂଗ୍ରହ କରିପରାଜିତ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଅତିଥିଭାବେ ତପସ୍ୱିନୀ ମାଝି, ବିକାଶ ଖର୍ସେଲ, ଉଦିତ ଖର୍ସେଲ, ବୃନ୍ଦାବତି ଖର୍ସେଲ, ଯୁଗେଶ୍ୱର ଖର୍ସେଲ, ଦୀପ୍ତି ଗଉଡ, ବିଜୁ ସେଠୀ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ।

TPWODL
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha) -768017
**NOTICE INVITING TENDER**
Tender Notice No. TPWODL/AB/O/SU/094
TP Western Odisha Distribution Limited, invites tender (2part bidding) from eligible vendors for the following package :
**Rate Contract for Supply of Poly phase Whole Current Meters**
Interested bidders to submit Tender Participation Fee and Authorization Letter through email on or before **3rd March 2022, 15:00 Hrs**, after which link from e-Tender system shall be shared.
For detailed tender documents of the above mentioned tender, please visit Tender section on website **www.tpwesternodisha.com**. Further details for participating in tender is given in the tender document.
All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.
Sd /- **Chief-Contracts and Stores**

## ନିଆଁ ପୋଉଥିବା ବେଳେ ବୃଦ୍ଧା ଗୁରୁତର

କୁତ୍ରା,(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାନପାଲି ଗୁଜିଆପଡା ଗ୍ରାମରେ ରବିବାର ସନ୍ଧ୍ୟାରେ ନିଆଁରେ ପୋଡ଼ି ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ଗ୍ରାମର ଲୁସିଆ ଏକ୍କା (୭୦) ଘର ଭିତରେ ଚୁଲିରେ ନିଆଁ ପୋଉଥିବାବେଳେ ହଠାତ ଶାଢ଼ିରେ ନିଆଁ ଲାଗିଯିବାରୁ ସେ ଜୋରରେ ଚିତ୍କାର କରିଥିଲେ। ପରେ ଘରଲୋକ ପାଟି ଶୁଣି ତାଙ୍କ ପାଖକୁ ଯାଇ ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ଅଧିକ ଗୁରୁତର ହେବାରୁ ତାଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି।

# ପିଙ୍କ ବୁଥ୍ ପରିଦର୍ଶନ କଲେ ଅଧିକାରୀ

ଦେବଗଡ଼,୨୦।୨(ଡି.ଏନ୍.ଏ.)



ଅଶୁରଖୋଳ ପ୍ରାଥମିକ ବିଦ୍ୟାଳୟରେ ଖୋଲା ଯାଇଥିବା 'ପିଙ୍କ' ବୁଥ୍।

■୭୯.୮୦ପ୍ରତିଶତ ଭୋଟରଙ୍କ ମତଦାନ

■ତିଲେଇବଣି ବ୍ଲକରେ ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶେଷ

ଦେବଗଡ ଜିଲାର ତିଲେଇବଣି ବ୍ଲକରେ ରବିବାର ଶାନ୍ତିଶୃଙ୍ଖଳାର ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ମତଦାନକୁ ନେଇ ଭୋଟରଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ତିଲେଇବଣି ବ୍ଲକର ୨ଟି ଜିଲା ପରିଷଦ ଜୋନ ସମେତ ୨୦ଟି ପଞ୍ଚାୟତ ପାଇଁ ମତଦାନ ହୋଇଥିବାବେଳେ ମୋଟ ୭୯.୮୦ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ରବିବାର ତୃତୀୟ ପର୍ଯ୍ୟାୟରେ ତିଲେଇବଣି ବ୍ଲକର ୨୮୬୫୧ ଜଣ ପୁରୁଷ ଓ ୨୯୧୬୮ ଜଣ ମହିଳାଙ୍କୁ ମିଶାଇ ମୋଟ ୫୭ହଜାର ୮୧୯ ମତଦାତା ମତଦାନ କରିବାର କାର୍ଯ୍ୟକ୍ରମ ରହିଥିଲା। ସେଥିମଧ୍ୟରୁ ୨୩୨୫୬ ଜଣ ମହିଳା ଓ ୨୩୦୧୩ ଜଣ ପୁରୁଷଙ୍କୁ ମିଶାଇ ମୋଟ ୪୬୨୬୯ ଜଣ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। କୋହଲା ପାଗ ସହ ସାମାନ୍ୟ ଝିପ୍‌ଝିପ୍ ବର୍ଷା ହୋଇଥିଲେ ହେଁ ବିଭିନ୍ନ ମତଦାନ କେନ୍ଦ୍ରରେ ସାଧାରଣ ଭୋଟରଙ୍କ ସମେତ ଦୁରାରୋଗ୍ୟ ବ୍ୟାଧିରେ ପୀଡିତ ଗୁରୁତର ରୋଗୀ, ବୃଦ୍ଧ ବୃଦ୍ଧା ଏବଂ ଦିବ୍ୟାଙ୍ଗମାନେ ମଧ୍ୟ ଉତ୍ସାହର ସହ ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରିବାକୁ ମତଦାନ କେନ୍ଦ୍ରରେ ଗହଳି ଲଗାଇଥିବା ଦେଖିବାକୁ ମିଳିଥିଲା। ତିଲେଇବଣି ବ୍ଲକ ଅଶୁରଖୋଳ ପ୍ରାଥମିକ ବିଦ୍ୟାଳୟରେ ଖୋଲା ଯାଇଥିବା 'ପିଙ୍କ' ବୁଥ ଭୋଟରଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଥିଲା। ଏହି ବୁଥରେ ପୋଲିଂ ଅଧିକାରୀଙ୍କ ଠାରୁ ଆରମ୍ଭ କରି ପ୍ରିଜାଇଡିଂ ଅଫିସର ଓ ସୁରକ୍ଷା କର୍ମୀଙ୍କ ପର୍ଯ୍ୟନ୍ତ ସମସ୍ତ ପଦବୀରେ ମହିଳାମାନଙ୍କୁ ଅବସ୍ଥାପିତ କରାଯାଇଥିଲା। ବିଜ୍ଞାନ ଶିକ୍ଷୟିତ୍ରୀ ଇପ୍ସିତା ପଟ୍ଟନାୟକ ଉକ୍ତ ପିଙ୍କ ବୁଥର ପ୍ରିଜାଇଡିଂ ଅଫିସର ଦାୟିତ୍ୱ ତୁଲାଇଥିଲେ। ଗୋଲାପୀ ରଙ୍ଗର ବେଲୁନ ଓ ତମ୍ବୁରେ ସୁସଜ୍ଜିତ ଏହି ପିଙ୍କ ବୁଥକୁ ନିର୍ବାଚନ ପର୍ଯ୍ୟବେକ୍ଷକ ଚନ୍ଦ୍ରମଣି ବଡନାୟକ, ଅମରେନ୍ଦ୍ର ନାୟକ ଓ ସୁଶାନ୍ତ ନାୟକ ପ୍ରମୁଖ ପରିଦର୍ଶନ କରିଥିଲେ। ମତଦାନ କେନ୍ଦ୍ରଗୁଡିକରେ ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଭୋଟରଙ୍କ ଭିଡ ଯୋଗୁ ଏକାଧିକ ମତଦାନ କେନ୍ଦ୍ରରେ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ମତଦାନ ପ୍ରକ୍ରିୟା ଜାରି ରହିଥିଲା। ପ୍ରତ୍ୟେକ ପୋଲିଂ ବୁଥରେ ଜଣେ ଲେଖାଏଁ ପ୍ରିଜାଇଡିଂ ଅଫିସର, ୨ଜଣ ଲେଖାଏଁ ପୋଲିଂ ଅଫିସର ଓ ଜଣେ ଲେଖାଏଁ ପୋଲିସ କର୍ମଚାରୀ ନିୟୋଜିତ ଥିଲେ। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଜିଲା ପୋଲିସ ପକ୍ଷରୁ ବହୁ ସଂଖ୍ୟକ ପୋଲିସ ଅଧିକାରୀ, ସୁରକ୍ଷା ବଳ ଓ ମୋବାଇଲ ପୋଲିସ ଟିମ୍ ମୁତୟନ କରାଯାଇଥିଲା। ତେବେ କୌଣସି ସ୍ଥାନରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିବା ଜିଲା ପୋଲିସ ଓ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏଠାରେ ସୂଚନାଯୋଗ୍ୟ ଯେ,ଦେବଗଡ ଜିଲାରେ ମୋଟ ତିନୋଟି ପର୍ଯ୍ୟାୟରେ ମତଦାନ ହେବାର କାର୍ଯ୍ୟକ୍ରମ ରହିଥିବାବେଳେ ତିଲେଇବଣି ବ୍ଲକରେ ରବିବାର ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଦେବଗଡ଼ ଜିଲାରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳାର ସହ ମତଦାନ ସମ୍ପନ୍ନ ହୋଇଥିବାରୁ ଜିଲାପାଳ ସୁଧାଂଶୁ ମୋହନ ସାମଲ ଜିଲାର ଭୋଟର, ନିର୍ବାଚନ ପରିଚାଳନା ଓ ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ସଂକ୍ଷେପରେ

### ବାଇକ୍ ଚୋରି ଉଦ୍ୟମ ବେଳେ ଛେଚା ଖାଇଲେ ଯୁବକ

କୁତ୍ରା,୨୦।୨ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ନମ୍ବର ରାଜ୍ୟ ରାଜପଥ ବିଜୁ ଏକ୍ସପ୍ରେସ ୱେ କୁତ୍ରା ବସଷ୍ଟାଣ୍ଡ ନିକଟରେ ରବିବାର ସନ୍ଧ୍ୟାରେ ଏକ ବାଇକ ଓଡି ୧୪ ଆର ୪୬୮୭ ଛିଡା ହୋଇଥିବା ବେଳେ ବିରିଙ୍ଗାଟୋଲି ଗ୍ରାମର ଜନୈକ ବ୍ରାହ୍ମଣ ଯୁବକ ସେହି ବାଇକକୁ ଚୋରି କରିବାକୁ ଉଦ୍ୟମ କରୁଥିଲେ। ସେ ସ୍ଥାନୀୟ ଲୋକଙ୍କ ହାବୁଡରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ସେଠାରେ ଉତ୍ତମ ମଧ୍ୟମ ଦେଲାପରେ କୁତ୍ରା ପୋଲିସକୁ ଜିମା ଦେଇଛନ୍ତି । ପୋଲିସ ଉକ୍ତ ଯୁବକଙ୍କୁ କୁତ୍ରା ଥାନାରେ ଅଟକ ରଖିଥିବା ଜଣାପଡିଛି ।

### ସଭାଗୃହ ଉଦ୍‌ଘାଟିତ

ରାଉରକେଲା ଅଫିସ,୨୦।୨: ଛେଣ୍ଡ୍ କଳିଙ୍ଗ ବିହାର ସ୍ଥିତ ରିଟାୟାର୍ଡ ଏମ୍ପ୍ଲଇଜ ଆସୋସିଏଶନର ନୂତନ ସଭାଗୃହ ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଆସୋସିଏଶନର ଅଧ୍ୟକ୍ଷ ବିଶ୍ୱମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସମାଜସେବୀ ହରିହର ରାଉତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ କାଉନସିଲର ଜର୍ଜ ଆନନ୍ଦ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ଗିରିଜା ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଷିକେଶ ନାୟକ, ଉଦୟନାଥ ଜେନା, ଗଜେନ୍ଦ୍ର କୁମାର ସାହାଣୀ, ବିଜୟ କୁମାର ପରିଡା, ଶରତ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

### ମନ୍ଦିର ପୂଜକଙ୍କ ପରଲୋକ

କୁତ୍ରା,୨୦।୨(ଡି.ଏନ.ଏ): ସୁନ୍ଦରଗଡ଼ ଜିଲା କୁତ୍ରା ଜଗନ୍ନାଥ ମନ୍ଦିରର ପୂଜକ ବିରକିଶୋର ଦାସଙ୍କ ରବିବାର ସନ୍ଧ୍ୟାରେ ଦେହାନ୍ତ ହୋଇଛି। ସେ ଅଞ୍ଚଳରେ ଭଲ ପୂଜକ ଭାବରେ ବେଶ ଜଣାଶୁଣା ଥିଲେ। ତା ସହିତ କୁତ୍ରା ଥାନାରେ ହୋମଗାର୍ଡ ଭାବରେ କାର୍ଯ୍ୟ କରୁଥିଲେ। ସେ ଦୀର୍ଘ ଏକ ବର୍ଷ ଧରି କର୍କଟରୋଗରେ ପୀଡିତ ଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲେ। କିଛିଦିନ ତଳେ ଘରକୁ ଫେରିଥିଲେ। ତାଙ୍କର ଦେହାନ୍ତ ଖବର ଶୁଣି ଜଗନ୍ନାଥ କଳା ପରିଷଦର ସଦସ୍ୟ,ସାର୍ ଜନିନ ଦୁର୍ଗା ପୂଜା କମିଟିର ସମସ୍ତ ସଦସ୍ୟ ତଥା କୁତ୍ରା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

## କୋଇଡ଼ା ବ୍ଲକରେ ସରିଲା ମତଦାନ

ଟେନ୍‌ସା, ୨୦।୨(ଡି.ଏନ.ଏ.)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରବିବାର ତୃତୀୟ ପର୍ଯ୍ୟାୟରେ କୋଇଡା ବ୍ଲକରେ ଭୋଟ କେନ୍ଦ୍ରରେ ଭୋଟ ଗ୍ରହଣ ହୋଇଥିଲା। ବ୍ଲକରେ ଥିବା ୧୮୩ ଟି ବୁଥରେ ରବିବାର ସକାଳ ୭ଟାରୁ ୧ଟା ପର୍ଯ୍ୟନ୍ତ ମତଦାତାମାନେ ମତଦାନ କରିଥିଲେ। ବ୍ଲକରେ ସମୁଦାୟ ଦୁଇଟି ଜିଲା ପରିଷଦ ଜୋନ 'କ' ଓ 'ଖ', ୧୫ଟି ସରପଞ୍ଚ, ୧୫ଟି ସମିତି ସଭ୍ୟ ଏବଂ ୧୮୩ଟି ୱାର୍ଡମେମ୍ବର ନିମନ୍ତେ ନିର୍ବାଚନ ହୋଇଥିଲା। ବିନା ପ୍ରତିଦ୍ୱନ୍ଦିତାରେ ଜାମୁଡି ଗ୍ରାମପଞ୍ଚାୟତରେ ନେଲସନ ମୁଣ୍ଡା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବାବେଳେ ,୧୨ଟି ୱାର୍ଡରେ କେହି ୱାର୍ଡମେମ୍ବର ପାଇଁ ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ବେଳେ ୯୯ଜଣ ୱାର୍ଡମେମ୍ବର ପ୍ରାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ନିର୍ବାଚିତ ହୋଇଥିଲେ। ୨ଜିଲା ପରିଷଦ ପାଇଁ ୧୧ଜଣ ପ୍ରାର୍ଥୀ, ବାକି୧୪ ଗ୍ରାମପଞ୍ଚାୟତକୁ ୧୪ ସରପଞ୍ଚ ପାଇଁ ୫୮ଜଣ ପ୍ରାର୍ଥୀ, ୧୪ ସମିତି ସଭ୍ୟ ପାଇଁ ୪୭ ପ୍ରାର୍ଥୀ, ୭୨ ୱାର୍ଡମେମ୍ବର ପାଇଁ ୧୮୮ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ମତଦାନ ଗ୍ରହଣ ପରେ ସମସ୍ତ ଭୋଟ ବାକ୍ସକୁ କୋଇଡା ବ୍ଲକ କାର୍ଯ୍ୟାଳୟ ପରିସର ନିକଟ କୋଇଡା କଲେଜରେ ଥିବା ଷ୍ଟ୍ରଙ୍ଗ ରୁମରେ କଡା ସୁରକ୍ଷା ବ୍ୟବସ୍ଥାରେ ରଖାଯାଇଛି। ଆସନ୍ତା ୨୬ ଓ ୨୭ ତାରିଖ ଦୁଇଦିନ ଧରି ଭୋଟ ଗଣତି କରାଯିବ ବୋଲି ଜଣାପଡିଛି ।

## ଭୋଟ ବର୍ଜନ କଲେ ଆରଆର କଲୋନୀବାସୀ

ସମ୍ବଲପୁର/ରେଙ୍ଗାଲି
୨୦।୨(ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟରେ ରେଙ୍ଗାଲି ଓ ଜମନକିରା ବ୍ଲକରେ ଭୋଟ ଗ୍ରହଣ ହୋଇଛି। ହେଲେ ରେଙ୍ଗାଲି ବ୍ଲକ ନିଶାନଭଙ୍ଗା ପଞ୍ଚାୟତର ଆରଆର କଲୋନୀବାସୀ ଭୋଟ ବର୍ଜନ କରିଛନ୍ତି। ପ୍ରାୟ ୩ ଶହ ଭୋଟର ମତ ସାବ୍ୟସ୍ତ କରିନାହାନ୍ତି। ମୌଳିକ ସୁବିଧା ନ ପାଇବାରୁ ଏଭଳି ନିଷ୍ପତ୍ତି ନେଇଥିବା ସେମାନେ କହିଛନ୍ତି। ସେମାନେ ଆହୁରି କହିଛନ୍ତି ଯେ, ବିସ୍ଥାପିତ ସମୟରେ କମ୍ପାନୀ ଓ ପ୍ରଶାସନ ଦେଇଥିବା ପ୍ରତିଶ୍ରୁତି ପାଳନ କରାଗଲା ନାହିଁ। ଆଜିକୁ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଏଥିପାଇଁ ଲଢେଇ କରି ଆସୁଛୁ। ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲାପରେ କିଛି ସୁଫଳ ମିଳିପାରିଲା ନାହିଁ। ଏପଟେ କମ୍ପାନୀର ପ୍ରଦୂଷଣରେ ଜୀବନ ଜିବିକା ପ୍ରଭାବିତ ହେଉଛି। ଭୋଟ ଘୋଷଣା ପରେ ମଧ୍ୟ ଭୋଟ ବର୍ଜନ କରିବାକୁ ଚେତାବନୀ ଦିଆଯାଇଥିଲା। ହେଲେ ସମାଧାନ ନ ହେବାରୁ ଭୋଟ ବର୍ଜନ କରିଥିବା କଲୋନୀବାସୀ କହିଛନ୍ତି।



ରେଙ୍ଗାଲି ବ୍ଲକ ଆରଆର କଲୋନୀବାସୀ ।

## ନିର୍ବାଚନ ଫଳାଫଳ ଘୋଷଣା କରି ସ୍ୱୀକୃତି ପ୍ରଦାନ ଦାବି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଆରଏସ୍‌ଏସ୍‌ର କର୍ମକର୍ତ୍ତା ।

ରାଉରକେଲା ଅଫିସ,୨୦।୨

ରାଉରକେଲା ସେକ୍ଟର-୧୮ ସ୍ଥିତ ରାଉରକେଲା ଶ୍ରମିକ ସଂଘ (ଆରଏସ୍‌ଏସ୍) କାର୍ଯ୍ୟାଳୟ ପରିସରରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମଳନୀରେ ଆରଏସ୍‌ପି ସ୍ୱୀକୃତି ନିର୍ବାଚନର ଫଳାଫଳ ଘୋଷଣା କରି ସଂଘକୁ ସ୍ୱୀକୃତି ପ୍ରଦାନ ପାଇଁ ଦୃଢ଼ ଦାବି କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆରଏସ୍‌ପି ଟ୍ରେଡ୍ ୟୁନିୟନ ସ୍ୱୀକୃତି ନିର୍ବାଚନ ପାଇଁ ୨୦୨୦ ନଭେମ୍ବର ୧୫ରେ ଭୋଟ୍ ଗ୍ରହଣ ହୋଇଥିଲା। ଏହି ନିର୍ବାଚନରେ ରାଉରକେଲା ଶ୍ରମିକ ସଂଘ ସର୍ବାଧିକ ଭୋଟରେ ବିଜୟୀ ହୋଇଥିଲେ ମଧ୍ୟ ଭୁବନେଶ୍ୱରର ଡେପୁଟି ଚିଫ୍ ଲେବର କମିଶନର କମ୍ ରିଟର୍ନିଂ ଅଫିସର ଏହି ନିର୍ବାଚନ ଫଳାଫଳ ବିଧିବଦ୍ଧ ଭାବେ ଘୋଷଣା କରିନାହାନ୍ତି।

ଆରଏସ୍‌ପି ଶ୍ରମିକ କର୍ମଚାରୀ ମାନଙ୍କ ନ୍ୟାଯ୍ୟ ଦାବି ପୂରଣ ତଥା ନ୍ୟାୟ ପାଇଁ ଗତ ୭ ତାରିଖରେ ପିଟିସନର ନିତ୍ୟ କିଶୋର ମହାନ୍ତି ତାଙ୍କ ପିଟିସନ ନଂ. ୩୨୮୬୭କୁ ପ୍ରତ୍ୟାହାର କରିବା ପାଇଁ ଦରଖାସ୍ତ କରିଥିଲେ। ହାଇକୋର୍ଟ ଏହା ଉପରେ ବିଚାର କରି ଗତ ୧୦ ତାରିଖରେ ଏହି ମାମଲା ବନ୍ଦ ତଥା ପ୍ରତ୍ୟାହୃତ ହେଲା ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଛନ୍ତି। ତେଣୁ ବର୍ତ୍ତମାନ ଆରଏସ୍‌ପି ସ୍ୱୀକୃତି ନିର୍ବାଚନ ଫଳାଫଳ ଘୋଷଣା କରିବାରେ ଆଉ କୌଣସି ବାଧକ ନାହିଁ ବୋଲି ସାଧାରଣ ସମ୍ପାଦକ ବେହେରା କହିଛନ୍ତି। ଖବରଦାତା ସମ୍ମିଳନୀରେ ଉପସାଧାରଣ ସମ୍ପାଦକ ଡି. କେ. ମହାପାତ୍ର, ଉପସଭାପତି ଅକ୍ଷୟ ଜେନା, ଫାରୁଖ ଖାଁ, କୁନ୍ଦୁର କିଷାନ, ଏସ୍. ପାଣିଗ୍ରାହୀ, ଭଗବାନ ସେଠୀ, ନିହାର ସାମଲ, ନିହାର ଦାସ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଲାପ୍‌ଟପ୍ ଚୋରି ଅଭିଯୋଗ, ଜଣେ ଗିରଫ

ରାଉରକେଲା ଅଫିସ,୨୦।୨

ଦୋକାନ ଭାଙ୍ଗି ଲାପ୍‌ଟପ୍ ଚୋରି ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଲଗୋଦାମ ଅଞ୍ଚଳର ସନ୍ତୋଷ ନାଗ(୨୬)। ତାଙ୍କୁ ରବିବାର କୋର୍ଟଚାଲାଣ କରିଛି। ବିରଜାପାଲି ଅଞ୍ଚଳର ନରେଶ ଚନ୍ଦ୍ର ଜେନା ରାଉରକେଲା କୋର୍ଟ ସମ୍ମୁଖରେ ଏକ ଜେରକ୍ସ ଦୋକାନ କରିଛନ୍ତି। ସେ ଶନିବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ଦୋକାନର ପଛପଟ ଟିଣକୁ କାଟି ସନ୍ତୋଷ ଏକ ଲାପ୍‌ଟପ୍ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଚୋରି ଲାପ୍‌ଟପ୍‌କୁ ଜବତ କରିଛି। ଏ ନେଇ ପୋଲିସ ଏକ (ନଂ.୩୬।୨୨) ରୁଜୁ ହୋଇଛି।

## ଯୁବ ବ୍ୟବସାୟୀ ସମୀରଙ୍କ ପରଲୋକ

ସମ୍ବଲପୁର,୨୦।୨(ବ୍ୟୁରୋ)

**ବିଭିନ୍ନ ମହଲରେ ଶୋକ**

ସମ୍ବଲପୁର ନନ୍ଦପଡାର ଯୁବ ବ୍ୟବସାୟୀ ସମୀର ରଞ୍ଜନ ବାବୁଙ୍କ ଶନିବାର ବିଳମ୍ବିତ ରାତ୍ରିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି ତାଙ୍କୁ ୫୧ ବର୍ଷ ବୟସ ହୋଇଥିଲା। ସମ୍ବଲପୁର ରାଜଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଇତିହାସରେ ଗଙ୍ଗାଧର ମେହେର କଲେଜରୁ ସ୍ନାତକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ବ୍ୟବସାୟରେ ମନୋନିବେଶ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ସେହିପରି ସେ ଜଣେ ସଫଳ ଚାଷୀ ଓ ଉଦ୍ୟାନ କୃଷିବିତ୍ ଭାବେ ଜଣାଶୁଣା ଥିଲେ। ସାଙ୍ଗଠନିକ କାର୍ଯ୍ୟରେ ମଧ୍ୟ ନିଜକୁ ସାମିଲ କରୁଥିଲେ । କଲେଜ ସମୟରେ ଛାତ୍ର ସଂସଦର ଉପସଭାପତି ଓ ସାହିତ୍ୟ ସଂସଦର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ସଂପ୍ରତି ସେ ସମ୍ବଲପୁର ଜିଲା କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ସକ୍ରିୟ ସଭ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ନନ୍ଦପଡା ଶୀତଳ ଷଷ୍ଠୀ ଯାତ୍ରା କମିଟି, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭ୍ୟ ଭାବେ କରି ବେଶ ପରିଚିତ ଥିଲେ। ତାଙ୍କ ପରଲୋକରେ ବିଭିନ୍ନ ମହାଲରେ ଶୋକ ପ୍ରକାଶ ପାଇଛି।



ସମୀର ରଞ୍ଜନ ବାବୁ।

## ୫ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ଲକ୍ଷ୍ୟରେ ବିଜେଡି

ଝାରସୁଗୁଡା ଅଫିସ୍, ୨୦।୨

**ନିର୍ବାଚନ ଫଳାଫଳ ଘୋଷଣା ନ ହେବା ପୂର୍ବରୁ ପଞ୍ଚାୟତ ସମିତି ଅଧକ୍ଷ ପଦ ପାଇଁ ଘୋଡାଦୌଡ ଆରମ୍ଭ**

ଝାରସୁଗୁଡା ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମତଦାନ ୨ପର୍ଯ୍ୟାୟରେ ଶେଷ ହୋଇଛି। ଏଥିମଧ୍ୟରେ ପ୍ରାର୍ଥୀଙ୍କ ଭାଗ୍ୟ ଭୋଟ୍‌ବାକ୍ସରେ ବନ୍ଦ ହୋଇ ରହିଛି। ଆସନ୍ତା ୨୬, ୨୭, ୨୮ତାରିଖରେ ପର୍ଯ୍ୟାୟକ୍ରମେ ଭୋଟ୍‌ଗଣତି ହୋଇ ବିଧିବଦ୍ଧଭାବେ ନିର୍ବାଚନ ଫଳାଫଳ ଘୋଷଣା ହେବ। ଏଥିମଧ୍ୟରେ ପ୍ରାର୍ଥୀଙ୍କ ହାର୍‌ଜିତ୍‌କୁ ନେଇ ଗାଁ ଛକର ପାନ ଦୋକାନ ଓ ଚା ଦୋକାନ ଆଦି ଖଟିମାନଙ୍କରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରାର୍ଥୀଙ୍କ ସମର୍ଥକମାନଙ୍କ ମଧ୍ୟରେ କିଏ କହୁଛି ବହୁ ଭୋଟ୍ ବ୍ୟବଧାନରେ ଆମେ ଜିତୁଛୁ ଆଉ କିଏ କହୁଛି କମ୍ ଭୋଟ୍‌ରେ ହେଲେ ମଧ୍ୟ ଆମେ ଜିତିବୁ। ଫଳାଫଳ ଘୋଷଣା ନ ହେବା ପୂର୍ବରୁ ପ୍ରାର୍ଥୀ ଓ ତାଙ୍କ ସମର୍ଥକମାନେ କୁହୁଡିରେ ପହଁରି ବିଜୟର ସ୍ୱପ୍ନ ଦେଖୁଛନ୍ତି। ଏଭଳି ସ୍ଥିତିରେ ରାଜନୈତିକ ଦଳମାନେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ପାଇଁ ଏବେଠାରୁ ଗୋଟିଚାଳନା ରଣକୌଶଳ ଆରମ୍ଭ କରିଦେଇଛନ୍ତି। ଏଥିରେ ବିଜେଡି ଦଳ ଆଗରେ ରହି ଜିଲାର ୫ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ପାଇଁ ଯୋଜନା ଚଳାଇଛି। ଏଥିମଧ୍ୟରେ ଅଣବିଜେଡି ଦଳମାନେ ମଧ୍ୟ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ହାତେଇବା ଆଶାରେ ରହିଛନ୍ତି। ଏଭଳି ସ୍ଥିତିରେ ଜିଲାରେ ନିର୍ବାଚନ ମତଦାନ ଶେଷ ହେବା ପରେ ଜିତିବା ସମ୍ଭାବନା ଥିବା ସମିତିସଭ୍ୟ ପ୍ରାର୍ଥୀମାନଙ୍କୁ ବିଜେଡି ଉଠାଇନେଇ ଜିଲା ବାହାରେ ଅଜ୍ଞାତ ସ୍ଥାନରେ ରଖିଥିବା ଚର୍ଚ୍ଚା ହେଉଛି। ଏହି ପ୍ରକ୍ରିୟା ଏବେ ଜାରି ରହିଛି। ପ୍ରାର୍ଥୀଙ୍କ ଜିତିବା ସମ୍ଭାବନାକୁ ନେଇ ବିଜେଡି ଦଳ ଦ୍ୱନ୍ଦରେ ରହିଥିବାବେଳେ ଗୋଟିଏ ପଞ୍ଚାୟତରୁ ଏକାଧିକ ପ୍ରାର୍ଥୀଙ୍କୁ ଉଠାଇ ନିଆଯାଇ ଜିଲା ବାହାରେ ପୃଥକ ଅଜ୍ଞାତବାସରେ ରଖାଯାଇଛି। ଫଳାଫଳ ଜଣାପଡିବା ପରେ ବିଜୟୀ ପ୍ରାର୍ଥୀଙ୍କୁ ରଖି ପରାଜିତ ପ୍ରାର୍ଥୀଙ୍କୁ ଦଳ ଛାଡି ଦେବ। ଏବେ ରାଜନୈତିକ ଦଳର ଚକ୍ରବିହୋରେ ବଜୟୀ ସମ୍ଭାବିତ ପ୍ରାର୍ଥୀମାନେ ରହିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ଏବେ ବିଭିନ୍ନ ରାଜନୈତିକ ଦଳ ତରଫରୁ ଘୋଡାଦୌଡ ଆରମ୍ଭ ହୋଇଛି। ଏହି ରେସ୍‌ରେ ବିଜେଡି ଦଳ ଆଗରେ ରହିଛି। ବିଜେଡି ଦଳ ତରଫରୁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦରେ ବସିବା ପାଇଁ ଏବେ ବହୁ ଆଶାୟୀ ପ୍ରାର୍ଥୀ ରହିଛନ୍ତି। ଏଥିପାଇଁ ନିଜର ସମର୍ଥକମାନଙ୍କୁ ନେଇ ଦଳରେ ଲବି ଆରମ୍ଭ ହୋଇଯାଇଛି। କିଏ କହୁଛି ଦଳରେ ଆମେ ପୁରୁଣା ଆଉ କିଏ କହୁଛି ଆମେ ନେତାଙ୍କ ପାଖଲୋକ ଏଭଳି କହି ଲବି ଆରମ୍ଭ ହୋଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦପାଇଁ ଯେଉଁପ୍ରାର୍ଥୀ ସବୁଠାରୁ ଅଧିକ ଖର୍ଚ୍ଚ କରିପାରିବ ଦଳ ସେମାନଙ୍କୁ ପ୍ରଥମେ ପ୍ରାଥମିକତା ଦେବ ବୋଲି ଚର୍ଚ୍ଚା ହେଉଛି। ଏହି ଦୌଡରେ ପ୍ରାର୍ଥୀମାନେ ନିଜକୁ ସାମିଲ କରିବା ପରେ ଏବେ ରାଜନୈତିକ ଦଳରେ ମୁଲଚାଲ ଆରମ୍ଭ ହୋଇଛି। ଏଥିପାଇଁ ଏବେ ଆଶାୟୀଙ୍କ ମଧ୍ୟରେ ଏବେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଦେଖାଯାଉ ହାତୀ କାହାମୁଣ୍ଡରେ ସୁନା କଳସ ଢାଳୁଛି ତାହା ସମୟ କହିବ ।

## ସଫ୍ଟବଲ ପ୍ରତିଯୋଗିତା ପାଇଁ ପ୍ରସ୍ତୁତି

ରାଉରକେଲା ଅଫିସ,୨୦।୨

ରାଉରକେଲା ହନୁମାନ ବାଟିକା ପରିସରରେ ସଫ୍ଟବଲ ଖେଳ ପ୍ରତିଯୋଗିତା ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ ସଫ୍ଟବଲ ଖେଳାଳୀ ଆଶିଷ ମହାନ୍ତି ସଭାପତିତ୍ୱ କରିଥିଲେ। ଜିଲାରେ ସଫ୍ଟବଲ ଖେଳର ବିକାଶ ସହିତ ଆଗାମୀ ଖରାଦିନ ଛୁଟିରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଓ ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ଶିବିର ଆୟୋଜନ ପାଇଁ ବିଧିବଦ୍ଧ ଆଲୋଚନା ହୋଇଥିଲା। ବରିଷ୍ଠ ଖେଳାଳି ଅଭିମନ୍ୟୁ ପଣ୍ଡା, ସୁଶାନ୍ତ ବେହେରା, ଦୀପ୍ତି ରଞ୍ଜନ ମହାନ୍ତି, ମନୋଜ ନାୟକ, ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ହିଣ୍ଡାଲ୍‌କୋରେ ସ୍ୱତନ୍ତ୍ର ସ୍ତ୍ରୀରୋଗ ଚିକିତ୍ସା ଶିବିର

ସମ୍ବଲପୁର,୨୦।୨(ବ୍ୟୁରୋ)

ହୀରାକୁଦ ହିଣ୍ଡାଲକୋ ପକ୍ଷରୁ ସ୍ୱତନ୍ତ୍ର ସ୍ତ୍ରୀ ରୋଗ ଚିକିତ୍ସା ଓ ମଧୁମେହ ପରୀକ୍ଷା ଶିବିର ଝାଙ୍କରପଡା ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଫଆରପି ପ୍ଲାଣ୍ଟ ମୁଖ୍ୟ ସୁରଜିତ ମିତ୍ର ଓ ଝାଙ୍କରପଡା ଗ୍ରାମର ଶାନ୍ତିପ୍ରକାଶ ପ୍ରଧାନ, ବିକାଶ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ଜୟସ୍ୱାଲ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ । ହିଣ୍ଡାଲକୋ ମୁଖ୍ୟ ଡାକ୍ତର ସୁବ୍ରତ ଚାଟର୍ଜୀ, ଡା ପାମେଲା ଚାଟର୍ଜୀ , ଡ. ପମା ଦାସ, ଦୀପକ ମହାନ୍ତି, ସୁକାନ୍ତ ମହାପାତ୍ର, ବି.ଖମାରୀ, ରାମନାରାୟଣ ପୂଜାରୀ, ବିବେକାନନ୍ଦ ବକ୍ସି, ସୁଶିଲ ସାହୁ ଉପସ୍ଥିତ ଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ବିଣାଶ୍ରୀ ସାହୁ ଓ ଶିକ୍ଷୟିତ୍ରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ । କମ୍ପାନୀ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କ୍ରିଷ୍ଣା ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ହୋଇଥିଲା । ଅଞ୍ଚଳର ଅଙ୍ଗନବାଡି କର୍ମୀ, ଆଶା କର୍ମୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୧୦୯ ଜଣ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା । ଏଥିସହ ୮୪ ଜଣଙ୍କ ମଧୁମେହ, ୮୯ ଜଣଙ୍କ ଇସିଜି ପରୀକ୍ଷା କରାଯାଇ ପରାମର୍ଶ ଦିଆଯାଇଥିଲା ।



ସ୍ୱତନ୍ତ୍ର ସ୍ତ୍ରୀରୋଗ ଚିକିତ୍ସା ଓ ମଧୁମେହ ପରୀକ୍ଷା ଶିବିରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ଭାଜପା ଯୁବମୋର୍ଚ୍ଚା ସଭାପତିଙ୍କ ସମେତ ୭ ଜେଲ ଗଲେ

ସମ୍ବଲପୁର,୨୦।୨(ବ୍ୟୁରୋ)

**ବିଜେଡି କର୍ମୀଙ୍କୁ ଅପହରଣ, ହତ୍ୟା ଉଦ୍ୟମ ଘଟଣା**

ସମ୍ବଲପୁର ଜିଲାରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ବିଜେଡି କର୍ମୀ ନିଶିକାନ୍ତ ଦୀକ୍ଷିତଙ୍କୁ ଅପହରଣ ଓ ହତ୍ୟା ଉଦ୍ୟମ ଅଭିଯୋଗରେ ଭାଜପାର ୭ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ସେମାନେ ହେଲେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି, କୁମୁଦ ପ୍ରସାଦ ପ୍ରଧାନ (୨୩), ଅଲେଖ ପଟ୍ଟନାୟକ ( ୨୪), ଦେବାଶିଷ ପର୍ଡିଆ (୨୪), ସଞ୍ଜୟ ଖଡିଆ ( ୨୩), ଦିନେଶ କୁମାର ସାହୁ ( ୩୩), ସୁଦିପ୍ତ କୁମାର ପରିଡା ( ୩୦ ) । ରବିବାର କୁଚିଣ୍ଡା ସବ୍ ଡିଭିଜନାଲ କୋର୍ଟରେ ସେମାନଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଥାନାରେ ଦଫା ୩୦୭, ୩୬୪, ୨୯୪, ୩୪ ଆଇପିସିରେ ଏକ ମାମଲା(୧୯/୨୨) ରୁଜୁ ହୋଇଛି ।

ସୂଚନାଯୋଗ୍ୟ, ବିଜେଡି କର୍ମୀ ନିଶିକାନ୍ତ କାର (ନଂ ଓଡି୦୨ଏଚ୧୫୦୦)ରେ ସମ୍ବଲପୁରରୁ ଖର୍ସନମାଲ ଆସୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଏକ ବୋଲେରୋ (ନଂ ଓଡି ୧୫କ୍ୟୁ-୮୭୭୩) ଯୋଗେ ତାଙ୍କୁ ସମ୍ବଲପୁରରୁ ପିଛା କରି ଖର୍ସନମାଲ ଗ୍ରାମ ନିକଟରେ ଅଟକାଇଥିଲେ। ପରେ ସେମାନେ କାରରୁ ନିଶିକାନ୍ତଙ୍କୁ ଟାଣି ନେଇ ବୋଲେରୋରେ ଅପହରଣ କରି ନେଇଥିଲେ। ଏହାପରେ କୁଲୁଣ୍ଡି ଜଙ୍ଗଲ ପଟକୁ ନେଇ ମାରପିଟ କରିବା ସହ ଜୀବନରେ ମାରି ଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଟିମ୍ ପିଛା କରିବା ଜାଣିବା ପରେ ଅପହରଣକାରୀମାନେ ତାଙ୍କୁ ଜଙ୍ଗଲରେ ଛାଡି ଦେଇ ଫେରାର ହୋଇଯାଇଥିଲେ। ପରେ ପୋଲିସ ପହଞ୍ଚି ନିଶିକାନ୍ତଙ୍କୁ ଉଦ୍ଧାର କରିଥିଲା। ଏ ସମ୍ପର୍କରେ ଏସ୍‌ପି ବାତୁଲା ଗଙ୍ଗାଧର କହିଛନ୍ତି ଯେ, ଅଭିଯୋଗ ପାଇବା ପରେ ପୋଲିସ ଉଦ୍ଧାର କରିବାକୁ ଟିମ୍ ଗଠନ କରିଥିଲା। ପରେ ଜଙ୍ଗଲ ଭିତରୁ ନିଶିକାନ୍ତଙ୍କୁ ଉଦ୍ଧାର କରାଯାଇଥିଲା ବୋଲି ସେ କହିଥିଲେ।



ସମ୍ବଲପୁର ଭାଜପା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି।

## ସମୁଦ୍ରରେ ଖସିଲା ହେଲିକପ୍ଟର

ଆମେରିକାର ଫ୍ଲୋରିଡା ଅନ୍ତର୍ଗତ ମିଆମି ବେଳାଭୂମି ନିକଟରେ ଏକ ହେଲିକପ୍ଟର ଶନିବାର ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିଛି। ହେଲିକପ୍ଟରରେ ୩ ଜଣ ଯାତ୍ରୀ ଥିଲେ। ସେହି ସମୟରେ ବେଳାଭୂମିରେ ପ୍ରବଳ ଗହଳି ଥିଲା। ସନ୍ତରଣ ଓ ସୂର୍ଯ୍ୟସ୍ନାନ ପାଇଁ ବହୁସଂଖ୍ୟାରେ ଲୋକ ମିଆମି ବେଳାଭୂମିକୁ ଆସିଥାନ୍ତି। ରବିନସନ ଆର୍୪୪ ହେଲିକପ୍ଟର ଦୁର୍ଘଟଣା ସମ୍ପର୍କରେ ଫେଡେରାଲ ଆଭିଏଶନ ପ୍ରଶାସନ ତଦନ୍ତ କରୁଛି। ଆହତ ହୋଇଥିବା ଦୁଇ ଯାତ୍ରୀଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

## ସଂକ୍ଷେପରେ

### ପଶ୍ଚିମବଙ୍ଗ ମନ୍ତ୍ରୀ ସାଧନ ପାଣ୍ଡେଙ୍କ ପରଲୋକ



**କୋଲକାତା,୨୦।୨:** ପଶ୍ଚିମବଙ୍ଗର କ୍ୟାବିନେଟ ମନ୍ତ୍ରୀ ତଥା ବରିଷ୍ଠ ଟିଏମ୍‌ସି ନେତା ସାଧନ ପାଣ୍ଡେଙ୍କର ରବିବାର ସକାଳେ ମୁମ୍ବାଇରେ ପରଲୋକ ହୋଇଯାଇଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ଫୁସ୍‌ଫୁସ୍ ସଂକ୍ରମଣ ଯୋଗୁ ସେ ଦୀର୍ଘଦିନ ହେଲା ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାରୁ ତାଙ୍କୁ ମୁମ୍ବାଇ ସ୍ଥାନାନ୍ତର କରାଯାଇଥିଲା ଓ ସେ ଭେଣ୍ଟିଲେଟରରେ ଥିଲେ। ତାଙ୍କ ପରଲୋକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ସୋମବାର ସାଧନଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ।

### ହାଥ୍‌ରସ୍‌ରେ ଭାଜପା କର୍ମୀଙ୍କୁ ହତ୍ୟା

**ଲକ୍ଷ୍ନୌ,୨୦।୨:** ଉତ୍ତରପ୍ରଦେଶର ହାଥ୍‌ରସ୍ ଜିଲାରେ ରବିବାର ଜଣେ ଭାଜପା ଯୁବ କର୍ମୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଆଲିଗଡ଼ ଟ୍ରମା ସେଣ୍ଟରକୁ ନିଆଯାଇଥିଲେ ହେଁ, ଡାକ୍ତର ମୃତ ଘୋଷଣା କରିଥିଲେ। ସିକନ୍ଦର ରାଓ ନିର୍ବାଚନ ମଣ୍ଡଳୀର ଗୌସଗଞ୍ଜ ମୋହଲ୍ଲା ଅଞ୍ଚଳରେ ଏହି ହତ୍ୟାକାଣ୍ଡ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଛି। କ୍ରିଷ୍ଣା ଯାଦବ (୨୫) ନାମକ ଏହି ଯୁବକ ଭାଜପା ଯୁବମୋର୍ଚ୍ଚାର ସାଧାରଣ ସମ୍ପାଦକ ଥିଲେ।

### ଷ୍ଟାର ପ୍ରଚାରକ ସୀମା କାଏମ ରଖିଲେ ଇସି

**ନୂଆଦିଲ୍ଲୀ,୨୦।୨:** କୋଭିଡ୍ ସଂକ୍ରମଣ ଏବଂ ସକ୍ରିୟ ମାମଲା ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବାରୁ ନିର୍ବାଚନ କମିଶନ (ଇସି) ଭୋଟ ହେଉଥିବା ରାଜ୍ୟଗୁଡ଼ିକ ଲାଗି ଷ୍ଟାର ପ୍ରଚାରକ ପୂର୍ବ ସୀମା କାଏମ ରଖିବାକୁ ରବିବାର ନିଷ୍ପତ୍ତି ନେଇଛନ୍ତି। ସେହି ଅନୁଯାୟୀ ଜାତୀୟ ଏବଂ ରାଜ୍ୟ ଦଳଗୁଡ଼ିକ ନିର୍ବାଚନ ପ୍ରଚାର ଲାଗି ୪୦ ଜଣ ଷ୍ଟାର ପ୍ରଚାରକଙ୍କୁ ନିୟୋଜିତ କରିପାରିବେ। ସେହିପରି ପଞ୍ଜୀକୃତ ହୋଇଥିବା କିନ୍ତୁ ସ୍ୱୀକୃତି ପାଇ ନ ଥିବା ଦଳ ୨୦ ଜଣ ତାରକା ପ୍ରଚାରକଙ୍କୁ ନିୟୋଜିତ କରିପାରିବେ ବୋଲି ଇସି କହିଛନ୍ତି। ମଣିପୁର ବିଧାନସଭା ନିର୍ବାଚନ ଏବଂ ୟୁପିର ଅବଶିଷ୍ଟ ପର୍ଯ୍ୟାୟ ନିର୍ବାଚନ ଲାଗି ଅତିରିକ୍ତ ତାରକା ପ୍ରଚାରକଙ୍କ ତାଲିକା ନିର୍ବାଚନ କମିଶନ କିମ୍ବା ସମ୍ପୃକ୍ତ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେବୃୟାରୀ ୨୩ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି।

### ସୋନୁଙ୍କ ଗାଡ଼ି ଜବତ କଲା ପଞ୍ଜାବ ପୋଲିସ



**ଅମୃତସର,୨୦।୨:** ବିଧାନସଭା ନିର୍ବାଚନ ପାଇଁ ରବିବାର ପଞ୍ଜାବରେ ଆରମ୍ଭ ହୋଇଯାଇଛି ପ୍ରଥମ ପର୍ଯ୍ୟାୟ ମତଦାନ। ମୋଗା ଜିଲାରେ ଭୋଟ ଗ୍ରହଣ ଚାଲିଥିବାବେଳେ ବଲିଉଡ୍ ଅଭିନେତା ସୋନୁ ସୁଦ ପୋଲିଂ ବୁଥ୍ ମଧକୁ ପ୍ରବେଶ ଉଦ୍ୟମ କରିଥିଲେ। ଯାହାଫଳରେ ପଞ୍ଜାବ ପୋଲିସ ତାଙ୍କ ଗାଡିକୁ ଜବତ କରି ତାଙ୍କୁ ଘରକୁ ପଠାଇ ଦେଇଥିଲେ। ବୁଥ୍‌ରେ ବିରୋଧୀ ଦଳ ପକ୍ଷରୁ ଟଙ୍କା ନେଣ-ଦେଣ କାରବାର ହେଉଥିବା ସୂଚନା ପାଇ ସୋନୁ ବୁଥ ଆଡକୁ ଯାଉଥିବା କହିଥିଲେ। ସୋନୁଙ୍କ ଭଉଣୀ ମୋଗା ଜିଲା ବିଧାନସଭା ଆସନରୁ ନିର୍ବାଚନ ଲଢୁଥିବାବେଳେ ଗତମାସ ୧୦ ତାରିଖରେ ସେ କଂଗ୍ରେସରେ ଯୋଗଦେଇଥିଲେ। ସୋନୁ ପୋଲିସ ନିର୍ଦ୍ଦେଶକୁ ଅମାନ୍ୟ କରିଥିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାନ୍ତା ବୋଲି ସ୍ଥାନୀୟ ପ୍ରଶାସନ କହିଛି।

# ଗୁଳି ବର୍ଷୁଛି, ଆମେ ଲୁଚିଛୁ

## ଭୟ ବଖାଣିଲେ ପୂର୍ବ ୟୁକ୍ରେନବାସୀ





ପୂର୍ବ ୟୁକ୍ରେନ୍‌ର ଲୁହାନ୍‌ସ୍କ ଅଞ୍ଚଳରେ ଏକ ବିଲ୍ଡିଂ ସେଲ୍ ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି।

**କ୍ୱିଭ୍, ୨୦।୨**

'ଘର ନିକଟରେ ବ୍ୟାଗ୍ ଧରି ଛିଡ଼ା ହୋଇଥିଲି। ହଠାତ୍ ପ୍ରଚଣ୍ଡ ଶବ୍ଦ ହେବା ସହ ଗଛ ଜଳିବାକୁ ଲାଗିଲା। ଭୟରେ ଦୌଡ଼ି ଆସି ନିକଟରେ ଥିବା ଦୋକାନରେ ପଶିଗଲି। ମୋ ଶରୀରରେ ଯନ୍ତ୍ରଣା ହେଲା। ତଳକୁ ଚାହିଁଲା ବେଳକୁ ଅଣ୍ଟା ଓ ଆଙ୍ଗୁଠିରୁ ରକ୍ତ ବୋହିବାରେ ଲାଗିଥିବା ଦେଖିବାକୁ ପାଇଲି। ରୁଷିଆ ଆକ୍ରମଣର ଭୟ ଭିତରେ ବିଚ୍ଛିନ୍ନତାବାଦୀ ଓ ୟୁକ୍ରେନ ସୈନ୍ୟଙ୍କ ଭିତରେ ଲଢ଼େଇ ଚାଲିଛି। ଏପରି ସ୍ଥିତିରେ ଏଠାରେ ଜୀବନ ଧରି ବଞ୍ଚିବା କଷ୍ଟକର। ଚାରିପଟୁ ଗୁଳି ଗୋଳା ଚାଲିଛି। ବଞ୍ଚିବା ପାଇଁ ଲୁଚିଛପି ରହୁଛୁ।' ଏହା ହେଉଛି ପୂର୍ବ ୟୁକ୍ରେନରେ ବିଚ୍ଛିନ୍ନତାବାଦୀ ଗୋଷ୍ଠୀଙ୍କ ଆକ୍ରମଣର ଶିକାର ହୋଇଥିବା ୬୫ ବର୍ଷୀୟା ବୃଦ୍ଧା ଭାଲେଣ୍ଟିନା ଗୋରଡେୟେଭାଙ୍କ କାହାଣୀ। ୟୁକ୍ରେନ ଉପରେ ରୁଷିଆର ଆକ୍ରମଣ ସଙ୍କଟ ଘନେଇଥିବାବେଳେ ପୂର୍ବ ୟୁକ୍ରେନରେ ବ୍ୟାପକ ହିଂସାକାଣ୍ଡ ଦେଖିବାକୁ ମିଳିଛି। ରୁଷିଆ ସମର୍ଥିତ ବିଚ୍ଛିନ୍ନତାବାଦୀ ଗୋଷ୍ଠୀ ୟୁକ୍ରେନ ସୈନ୍ୟଙ୍କୁ ଟାର୍ଗେଟ କରି ଗୁଳିଗୋଳା ଚଲାଇଛନ୍ତି। ମୋର୍ଟାର, ସେଲ ମାଡ଼ରେ ଅନେକ ଘର, ସ୍କୁଲ, ଗାଡ଼ି ଆଦି ନଷ୍ଟ ହୋଇଛି। ଏପରି ସ୍ଥିତିରେ ଭୟ ଓ ଆଶଙ୍କାରେ ଦିନ କାଟୁଛନ୍ତି ଡୋନେଟସ୍କ, ଲୁହାନ୍‌ସ୍କ ଏବଂ ମାରିନ୍‌କା ସହରର ବାସିନ୍ଦା।

ବିଚ୍ଛିନ୍ନତାବାଦୀମାନେ ପ୍ରାୟ ସପ୍ତାହେ ହେଲାଣି ସେଠାରେ ହିଂସାକାଣ୍ଡ ଘଟାଉଛନ୍ତି। ମାରିୟୁପୋଲ ନିକଟରେ ମୁତୟନ ୟୁକ୍ରେନ ସୈନ୍ୟ ଆକ୍ରମଣର ସାମ୍ନା କରୁଛନ୍ତି। ଶନିବାର ମୋର୍ଟାର, ସେଲ୍ ମାଡ଼ରେ ଦୁଇ ୟୁକ୍ରେନ ସୈନ୍ୟ ନିହତ ହୋଇଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ସୁଦ୍ଧା ସେଠାରେ ୨ ହଜାରରୁ ଉର୍ଦ୍ଧ୍ୱ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇଛି। ସେପଟେ ଯୁଦ୍ଧ ଟାଳିବା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ରୁଷିଆ ପ୍ରତିପକ୍ଷ ଭ୍ଲାଡିମିର ପୁଟିନ୍‌ଙ୍କ ଆଲୋଚନା ପ୍ରସ୍ତାବ ଦେଇଛନ୍ତି। ପୁଟିନ୍ କ'ଣ ଚାହୁଁଛନ୍ତି ତାହା ମୁଁ ଜାଣେ ନାହିଁ। କିନ୍ତୁ ଏକ ବୈଠକ ହେବା ଆବଶ୍ୟକ। ପୁଟିନ୍ କଥାବାର୍ତ୍ତା ହେବାର ସ୍ଥାନ ଚୟନ କରିପାରିବେ। ୟୁକ୍ରେନ୍ କୂଟନୈତିକ ରାସ୍ତାରେ ଚାଲିବା ଜାରି ରଖିବ ବୋଲି ଜେଲେନ୍‌ସ୍କି କହିଛନ୍ତି। ସେହିପରି ୟୁକ୍ରେନ ପ୍ରସଙ୍ଗରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁ ଫୋନ୍ ଯୋଗେ ରବିବାର ପୁଟିନ୍‌ଙ୍କ ସହ ଆଲୋଚନା କରିଛନ୍ତି। ୟୁକ୍ରେନରେ ଅସ୍ତ୍ରବିରତି ଉଲ୍ଲଂଘନ ରୋକିବା ପାଇଁ ପଦକ୍ଷେପ ନେବାକୁ ପୁଟିନ୍ ରାଜି ହୋଇଥିବା ଜଣାଯାଇଛି। ସୋମବାର ଏହି ଦୁଇ ଦେଶର ବହିର୍ବ୍ୟାପାର ମନ୍ତ୍ରୀଙ୍କ ମଧ୍ୟରେ ଏକ ବୈଠକ ଆୟୋଜନ ହେବାକୁ ସ୍ଥିର ହୋଇଛି। ରବିବାର ଆଲୋଚନାକୁ ମିଶାଇ ଚଳିତ ବର୍ଷ ଇମାନୁଏଲ ୫ମ ଥର ପାଇଁ ପୁଟିନ୍ ସହ କଥା ହୋଇଛନ୍ତି। ଅନ୍ୟପକ୍ଷରେ ରୁଷିଆ ଓ ବେଲାରୁଷ ମଧ୍ୟରେ ରବିବାର ଶେଷ ହେବାକୁ ଥିବା ସାମରିକ ଅଭ୍ୟାସକୁ ବର୍ଦ୍ଧିତ କରାଯାଇଛି। ଡୋନ୍‌ବାସରେ ଉତ୍ତେଜନା ଲାଗି ରହିଥିବାରୁ ଉତ୍ତର ୟୁକ୍ରେନ ସୀମା ନିକଟରେ ବେଲାରୁଷ ରୁଷିଆ ସହ ସମରାଭ୍ୟାସ ଜାରି ରଖିବ ବୋଲି ବେଲାରୁଷ ପ୍ରତିରକ୍ଷା ମନ୍ତ୍ରୀ ଭିକ୍ଟର ଖ୍ରେନିନ୍ କହିଛନ୍ତି।

## ୟୁକ୍ରେନ୍ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୨୦।୨**

ରୁଷିଆର ଆକ୍ରମଣ ଆଶଙ୍କା ବଢୁଥିବାରୁ ୟୁକ୍ରେନ୍‌ରେ ଥିବା ଭାରତୀୟମାନଙ୍କୁ ସାମୟିକ ଭାବେ ଦେଶ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଜରୁରୀ ଆବଶ୍ୟକତା ନ ଥିଲେ ସେଠାରୁ ପଳାଇ ଆସିବା ଲାଗି ରବିବାର ୟୁକ୍ରେନ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସାନି ଆଡଭାଇଜରି ଜାରି କରାଯାଇଛି। ୟୁକ୍ରେନ୍ ସଙ୍କଟକୁ ନେଇ ରୁଷିଆ ଓ ନାଟୋ ଦେଶଗୁଡ଼ିକ ମଧ୍ୟରେ ଉତ୍ତେଜନା ବଢୁଥିବାରୁ ଭାରତୀୟ ଦୂତାବାସ ପକ୍ଷରୁ ଏଭଳି ପରାମର୍ଶ ଦିଆଯାଇଛି। ଭାରତୀୟ ଛାତ୍ରୀଛାତ୍ରଙ୍କୁ ତୁରନ୍ତ ବ୍ୟବସାୟିକ ବିମାନ କିମ୍ବା ଚାର୍ଟାର୍ଡ ବିମାନରେ ୟୁକ୍ରେନ୍ ଛାଡ଼ି ଚାଲିଆସିବାକୁ କୁହାଯାଇଛି। ସୂଚନାଯୋଗ୍ୟ, ୟୁକ୍ରେନ୍‌ରେ ପ୍ରାୟ ୧୮,୦୦୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

## ମହାରାଣୀ ଏଲିଜାବେଥ କରୋନା ସଂକ୍ରମିତ



**ଇଂଲଣ୍ଡ ୨୦।୨**

ଇଂଲଣ୍ଡ ମହାରାଣୀ ଏଲିଜାବେଥ କରୋନାରେ ସଂକ୍ରମିତ ହୋଇଛନ୍ତି। ରାଜବାଟି ପକ୍ଷରୁ ରବିବାର ଏହି ସୂଚନା ଦିଆଯାଇଛି। କିଛିଦିନ ଧରି ସେ ଜ୍ୱରରେ ପୀଡ଼ିତ ଥିବାବେଳେ ସାମାନ୍ୟ ଅସୁସ୍ଥ ଅନୁଭବ କରୁଥିଲେ। କରୋନା ଟେଷ୍ଟ ପରେ ସେ ସଂକ୍ରମିତ ଥିବା ଜଣାପଡିଛି। ୯୫ ବର୍ଷିୟା ମହାରାଣୀଙ୍କଠାରେ କରୋନାର ସାମାନ୍ୟ ଲକ୍ଷଣ ଦେଖିବାକୁ ମିଳିଛି। ବର୍ତ୍ତମାନ ସେ ସଙ୍ଗରୋଧରେ ଥିବାବେଳେ ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରୁଥିବା କୁହାଯାଉଛି। ଚଳିତ ମାସ ପ୍ରଥମ ସପ୍ତାହରେ ରାଜକୁମାର ଚାର୍ଲସ୍ ଏବଂ ପତ୍ନୀ କାମିଲ୍ଲା କରୋନାରେ ଆକ୍ରାନ୍ତ ହୋଇଥିଲେ।

## ବିନା ଟିକେଟ ରେଳଯାତ୍ରା ବଢୁଛି

### ୯ ମାସରେ ୧.୭୮ କୋଟି ଯାତ୍ରୀ ଧରାପଡ଼ିଛନ୍ତି

**ନୂଆଦିଲ୍ଲୀ,୨୦।୨(ପି.ଟି.)**

ବିନା ଟିକେଟରେ ରେଳଯାତ୍ରା କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ୯ ମାସରେ ୧.୭୮ କୋଟିରୁ ଉର୍ଦ୍ଧ୍ୱ ଯାତ୍ରୀ ବିନା ଟିକେଟରେ ଏବଂ ଲଗେଜ୍ ବୁକ୍ ନ କରି ଯାତ୍ରା କରୁଥିବାବେଳେ ଧରାପଡ଼ିଛନ୍ତି। କୋଭିଡ୍ ପୂର୍ବରୁ ଅର୍ଥାତ୍ ୨୦୧୯-୨୦ ଆର୍ଥିକ ବର୍ଷ ତୁଳନାରେ ଏହା ୭୯ ପ୍ରତିଶତ ଅଧିକ ବୋଲି ଆର୍‌ଟିଆଇ ଆବେଦନ ବଳରେ ଜଣାପଡ଼ିଛି। ଏପରିକି ୨୦୨୦-୨୧ରେ କରୋନା ଜନିତ କଟକଣା ଲାଗୁ ହୋଇଥିବାବେଳେ ୨୭ ଲକ୍ଷ ବିନା ଟିକେଟ ଯାତ୍ରୀ ଧରାପଡ଼ିଥିଲେ। ମଧ୍ୟପ୍ରଦେଶର ଚନ୍ଦ୍ରଶେଖର ଗୌର ନାମକ ଆର୍‌ଟିଆଇ କର୍ମୀଙ୍କ ଆବେଦନ ଉପରେ ରେଲୱେ ବୋର୍ଡ ଉପରୋକ୍ତ ତଥ୍ୟ ପ୍ରଦାନ କରିଛି। ଗତବର୍ଷ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୧.୭୮ କୋଟିରୁ ଉର୍ଦ୍ଧ୍ୱ ଲୋକ ବିନା ଟିକେଟ, ଅନୁପଯୁକ୍ତ ଟିକେଟ କିମ୍ବା ଲଗେଜ୍ ବୁକ୍ ନ କରି ଯାତ୍ରା କରୁଥିବାବେଳେ ଧରାପଡ଼ିଥିଲେ। ସେମାନଙ୍କଠାରୁ ୧,୦୧୭.୪୮ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କୋଭିଡ୍ କଟକଣା ହଟିଥିଲେ ମଧ ଅଧିକାଂଶ ଏକ୍ସପ୍ରେସ୍ ଓ ସୁପରଫାଷ୍ଟ ଟ୍ରେନ୍ ପାଇଁ ଅନ୍‌ଲାଇନ ଟିକେଟ ବୁକ୍ ହେବା ବିନା ଟିକେଟ ଯାତ୍ରା ବଢ଼ିବାର ଅନ୍ୟତମ ମୁଖ୍ୟ କାରଣ ବୋଲି କୁହାଯାଉଛି। ୨୦୧୯-୨୦ ଆର୍ଥିକ ବର୍ଷରେ ୧.୧୦ କୋଟି ବିନା ଟିକେଟ ଯାତ୍ରୀ ଧରାପଡ଼ିଥିଲେ ଓ ସେମାନଙ୍କଠାରୁ ୫୬୧.୭୩ କୋଟି ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ୨୭.୫୭ ଲକ୍ଷ ଧରାପଡ଼ିଥିଲେ ଓ ସେମାନଙ୍କଠାରୁ ୧୪୩.୮୨ କୋଟି ଟଙ୍କା ଜରିମାନା ଆଦାୟ କରାଯାଇଥିଲା।



ନେପାଳକୁ ଆମେରିକାର ପ୍ରସ୍ତାବିତ ସହାୟତାକୁ ନେଇ ରବିବାର କାଠମାଣ୍ଡୁସ୍ଥିତ ପାର୍ଲାମେଣ୍ଟରେ ଆଲୋଚନା ଚାଲିଥିବାବେଳେ ଏହାକୁ ବିରୋଧ କରି ବାହାରେ ବିକ୍ଷୋଭକାରୀମାନେ ପୋଡ଼ାଜଳା କରୁଛନ୍ତି। ଏହି ହିଂସାରେ ୧୨ ଜଣ ଆହତ ହୋଇଛନ୍ତି।

## ନଦୀରେ କାର୍ ଖସି ବର ସମେତ ୯ ମୃତ

**କୋଟା (ରାଜସ୍ଥାନ),୨୦।୨(ପି.ଟି.)**

ରାଜସ୍ଥାନରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଏକ କାର୍ ରବିବାର ସକାଳେ ଭାରସାମ୍ୟ ହରାଇ ଚମ୍ବଲ ନଦୀ ମଧ୍ୟକୁ ଖସିପଡ଼ିବାରୁ ବର ସମେତ ୯ ଜଣଙ୍କ ମୃତ୍ୟୁ ଘଟିଛି। ବିବାହ ପାଇଁ ବର ଓ ବରଯାତ୍ରୀମାନେ ଏକ ମାରୁତି ଏର୍ଟିଗାରେ ମଧ୍ୟପ୍ରଦେଶର ଉଜ୍ଜୟିନୀ ଯାଉଥିବାବେଳେ ଚମ୍ବଲ ନଦୀ ବ୍ରିଜ୍ ଉପରେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ରାଜ୍ୟ ସରକାର ମୃତକଙ୍କ ପରିବାର ଲାଗି ୨ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଦେବାକୁ କହିଥିବାବେଳେ ୨ କିମ୍ବା ଅଧିକ ସଦସ୍ୟଙ୍କୁ ହରାଇଥିବା ପରିବାର ଲାଗି ୫ ଲକ୍ଷ ଟଙ୍କା ଘୋଷଣା କରାଯାଇଛି।

ପୋଲିସ କହିବା ଅନୁଯାୟୀ ଭୋର ସମୟରେ ଏହି ଦୁର୍ଘଟଣା ଘଟିଥିଲା। ସକାଳ ୭ଟା ୫୦ରେ ନୟାପୁରା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କାର ଭିତରୁ ୭ ମୃତଦେହ ମିଳିଥିଲା। ପରେ ଅନ୍ୟ ଦୁଇଟି ମୃତଦେହକୁ ଠାବ କରାଯାଇଥିବା ଏସ୍‌ପି କେଶର ସିଂ ଶେଖାୱତ୍ କହିଛନ୍ତି। ରାଜସ୍ଥାନର ସୱାଇ ମାଧୋପୁର ଜିଲା ଅନ୍ତର୍ଗତ ଚୌଥ କା ବରୱାରା ଗ୍ରାମରୁ ବର ମଧ୍ୟପ୍ରଦେଶର ଉଜ୍ଜୟିନୀ ଯାଉଥିଲା। ମୃତକଙ୍କ ମଧ୍ୟରେ ବର ଅବିନାଶ ବାଲ୍ମୀକି (୨୩), ତାଙ୍କ ଭାଇ କେଶବ (୩୦), କାର ଡ୍ରାଇଭର ଇସ୍‌ଲାମ ଖାନ୍ (୩୫) ଓ ଅନ୍ୟମାନେ ରହିଛନ୍ତି। ବର ଏବଂ ବରଯାତ୍ରୀମାନଙ୍କ ଅକାଳ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଏବଂ ଲୋକ ସଭା ବାଚସ୍ପତି ତଥା କୋଟା ବୁନ୍ଦି ଏମ୍‌ପି ଓମ୍ ବିର୍ଲା ଶୋକବ୍ୟକ୍ତ କରିଛନ୍ତି। ପିଡବ୍ଲୁଡି ମନ୍ତ୍ରୀ ଭଜନଲାଲ୍ ଯାତଭ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।



## ନାବାଳିକା ବଳାତ୍କାର ଓ ହତ୍ୟା ମାମଲା: ୨ ଜଣଙ୍କୁ ମୃତ୍ୟୁଦଣ୍ଡାଦେଶ

**ଗୁରୁଗ୍ରାମ,୨୦।୨**

ଜଣେ ୧୨ ବର୍ଷର ବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲାର ବିଚାର କରି ପାନିପତ୍‌ର ଏକ ଫାଷ୍ଟ ଟ୍ରାକ୍ କୋର୍ଟ ୨ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ମୃତ୍ୟୁଦଣ୍ଡାଦେଶ ଦେଇଛନ୍ତି। ୪ ବର୍ଷ ପୂର୍ବେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ପୋକ୍ସୋ ମାମଲାରେ ହରିୟାଣାରେ ଏହା ସମ୍ଭବତଃ ପ୍ରଥମ ଡବଲ ମୃତ୍ୟୁଦଣ୍ଡାଦେଶ ବୋଲି କୁହାଯାଉଛି। ଅଭିଯୁକ୍ତ ପ୍ରଦୀପ (୩୮) ଏବଂ ସାଗର (୩୬) ନାବାଳିକାଙ୍କ ଗାଁରେ ରହୁଥିଲେ। ୨୦୧୮ ଜାନୁୟାରୀରେ ସେମାନେ ନାବାଳିକାଙ୍କୁ ଅପହରଣ କରିନେଇ ନିର୍ଯାତନା ଦେବା ସହ ବଳାତ୍କାର କରିଥିଲେ। ଏହା ପରେ ନିଜର ପରିଚୟ ଲୁଚାଇବାକୁ ଯାଇ ସେମାନେ ପୀଡ଼ିତାଙ୍କୁ ହତ୍ୟା କରିଥିଲେ। ଏହା ପରେ ସେମାନେ ଝିଅର ପୋଷାକକୁ ପୋଡ଼ିଦେବା ସହ ମୃତଦେହକୁ ଏକ ପୋଖରୀରେ ଫିଙ୍ଗିଦେଇଥିଲେ। ଏହା ଅତ୍ୟନ୍ତ ପୈଶାଚିକ ଅପରାଧ ବୋଲି ଦର୍ଶାଇ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସୁମିତ୍ ଗର୍ଗ ଶୁକ୍ରବାର ଅଭିଯୁକ୍ତମାନଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ଏହା ବିରଳରୁ ବିରଳତମ ଅପରାଧ ହୋଇଥିବାରୁ ମୃତ୍ୟୁଦଣ୍ଡାଦେଶ ସହ ଜେଲ୍ ଓ ଜରିମାନା ଦଣ୍ଡ ମଧ ଦିଆଯାଇଛି।

## ପଞ୍ଜାବରେ ୬୮, ୟୁପିରେ ୫୭% ମତଦାନ

**ଚଣ୍ଡିଗଡ଼/ଲକ୍ଷ୍ନୌ,୨୦।୨(ପି.ଟି.)**

ପଞ୍ଜାବର ସମସ୍ତ ୧୧୭ ଆସନରେ ରବିବାର କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମତଦାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମତଦାନ ହାର ୬୮ ପ୍ରତିଶତ ଥିବା ଜଣାପଡ଼ିଛି। ସକାଳ ୮ରୁ ଭୋଟଗ୍ରହଣ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା। ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ମତଦାନ ପାଇଁ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳର ୭୦୦ କମ୍ପାନୀ ଯବାନଙ୍କ ସମେତ ରାଜ୍ୟ ପୋଲିସ ମୁତୟନ ହୋଇଥିଲେ। ୯୩ ମହିଳାଙ୍କ ସମେତ ମୋଟ ୧,୩୦୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯାଇଛି।

ଫିରୋଜପୁର ସହରାଞ୍ଚଳ ନିର୍ବାଚନ ମଣ୍ଡଳୀରେ ଭାଜପା ସମର୍ଥକଙ୍କ ଆକ୍ରମଣରେ ଏଏପି କର୍ମୀ ସୁର୍‌ଜିତ ସିଂ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।



ଅମୃତସରରେ ପଞ୍ଜାବ କଂଗ୍ରେସ ସଭାପତି ନବଜ୍ୟୋତ୍ ସିଂ ସିଦ୍ଧୁ ଏବଂ ଏସ୍‌ଏଡି ନେତା ବିକ୍ରମ ସିଂ ମାଜିଥିଆ ପରସ୍ପରର ସାମ୍ନାସାମ୍ନି ହୋଇଥିଲେ। ସେମାନେ ଅମୃତସର ପୂର୍ବ ଆସନରେ ପରସ୍ପର ବିରୋଧରେ ପ୍ରାର୍ଥୀ ହୋଇଛନ୍ତି। ଅମୃତସରର ଯୋଡ଼ା ଯମଜ ସୋହନ ସିଂ ଓ ମୋହନ ସିଂ ପ୍ରଥମ ଥର ପାଇଁ ଭୋଟ ଦେଇଛନ୍ତି।

ରବିବାର ଉତ୍ତରପ୍ରଦେଶରେ ତୃତୀୟ ପର୍ଯ୍ୟାୟରେ ୫୯ ଆସନ ଲାଗି ମତଦାନ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ସୂଚନା ଅନୁଯାୟୀ ଅପରାହ୍ନ ସୁଦ୍ଧା ସେଠାରେ ହାରାହାରି ୫୭.୫୮ ପ୍ରତିଶତ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ୬୨୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳ ୧୬ ଜିଲାର ୨.୧୫ କୋଟି ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀମାନଙ୍କ ମଧ୍ୟରେ ରହିଛନ୍ତି ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ, ଭାଜପାରୁ କେନ୍ଦ୍ରମନ୍ତ୍ରୀ ଏସ୍.ପି. ସିଂ ବଘେଲ, ଅଖିଳେଶଙ୍କ ଦାଦା ଶିବପାଲ ସିଂ ଯାଦବ। ଅଖିଳେଶ ଓ ବଘେଲ କରହଲ ଆସନରୁ ଲଢୁଥିବାବେଳେ ଶିବପାଲ ଯଶୱନ୍ତନଗର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ୨୦୧୭ ବିଧାନସଭା ନିର୍ବାଚନରେ ଭାଜପା ଏଠାର ୫୯ ଆସନ ମଧ୍ୟରୁ ୪୯ଟିରେ ବିଜୟୀ ହୋଇଥିଲାବେଳେ ଏସ୍‌ପିକୁ ୯ ଓ କଂଗ୍ରେସକୁ ଗୋଟିଏ ଆସନ ମିଳିଥିଲା।

## ଚଷମା ପିନ୍ଧି ଭୋଟ ଦେଲେ ଯମଜ

**ଅମୃତସର,୨୦।୨**

ମତଦାନ ହେଉଛି ପ୍ରତ୍ୟେକ ଭାରତୀୟ ନାଗରୀକଙ୍କ ମୌଳିକ ଅଧିକାର। ମତଦାନ ଯେତିକି ଆବଶ୍ୟକ ଏହାର ଗୋପନୀୟତା ରକ୍ଷା କରିବା ମଧ ସେତିକି ଜରୁରୀ। ରବିବାର ପଞ୍ଜାବରେ ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ । ସକାଳୁ ଭୋଟ ଦେବା ପାଇଁ ଅମୃତସର ପୋଲିଂ ବୁଥ୍‌ରେ ପହଞ୍ଚିଥିଲେ ଯମଜ ସୋହନ ଏବଂ ମୋହନ। ଦୁହେଁ ଯମଜ ହେବା ସତ୍ତ୍ୱେ ସେମାନଙ୍କ ଭୋଟ ଦୁଇଟି । ଗୋପନୀୟତା ରକ୍ଷା ଦୃଷ୍ଟିରୁ ଦୁହିଁଙ୍କ ଭୋଟ ଗ୍ରହଣ ବେଳର ଭିଡିଓ ତିଆରି କରିବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ବାଚନ କମିଶନର ନିର୍ଦ୍ଦେଶ ଦେଇଥିଲେ। ଗୋପନୀୟତାକୁ କେନ୍ଦ୍ର କରି ସେମାନଙ୍କ ମତଦାନର ଭିଡିଓ ହେବା ସହ ଦୁଇ ଭାଇଙ୍କୁ ଚଷମା ପିନ୍ଧା ଯାଇଥିଲା, ଯେମିତି କେହି କାହାର ଭୋଟ ଦେଖି ନ ପାରିବେ।



୧୯ ବର୍ଷୀୟ ସୋହନ ଗତବର୍ଷ ଡିସେମ୍ବର ୨୦ ତାରିଖରେ ବିଦ୍ୟୁତ ବିଭାଗରେ ଚାକିରି ପାଇଥିଲେ। ଦୁହିଁଙ୍କ ଶରୀର ପରସ୍ପର ସହ ସଂଲଗ୍ନ ଥିବାରୁ ସୋହନ ଚାକିରି କରୁଥିବାବେଳେ କାମରେ ମୋହନ ତାଙ୍କୁ ସାହାଯ୍ୟ କରନ୍ତି। ୨୦୦୩ ଜୁନ୍ ୧୪ ତାରିଖରେ ରାଜଧାନୀ ଦିଲ୍ଲୀରେ ଜନ୍ମ ହୋଇଥିଲେ ସୋହନ-ମୋହନ। ସେମାନଙ୍କ ଶରୀରରେ ଦୁଇଟି ହୃତପିଣ୍ଡ, ବୃକକ, ମେରୁଦଣ୍ଡ ଥିବାବେଳେ ଦୁଇ ଭାଇ ଗୋଟିଏ ଯକୃତ ସାହାଯ୍ୟରେ ଜୀବିତ ଅଛନ୍ତି।

## ସଂକ୍ଷେପରେ

### ୧ ହଜାରରୁ ଊର୍ଦ୍ଧ୍ୱଙ୍କୁ ନିଯୁକ୍ତି ଦେବ ଟାଟା ଗ୍ରୁପ୍

**ନୂଆଦିଲ୍ଲୀ,୨୦।୨:** ଗ୍ରାହକମାନଙ୍କ ଚାହିଦା ମେଣ୍ଟାଇବା ଉଦ୍ଦେଶ୍ୟରେ ଟାଟା ଗ୍ରୁପ୍ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ଅତିକମ୍‌ରେ ୧ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ଏଥିସହିତ କମ୍ପାନୀ ୧୨ ମାସ ଅବଧି ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ଇନୋଭେଟର୍ସଙ୍କୁ ନିଯୁକ୍ତି ଦେବାର ଯୋଜନା ରଖିଥିବା ସମ୍ପର୍କରେ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଗତ ଜାନୁଆରୀରେ କମ୍ପାନୀ ନିଜ 'ବିସ୍ତାରିତ ପ୍ରତିଭା ନିଯୁକ୍ତି' କାର୍ଯ୍ୟକ୍ରମ ଦ୍ୱାରା ୩ ହଜାରରୁ ଊର୍ଦ୍ଧ୍ୱ ଇନୋଭେଟର୍ସଙ୍କୁ ନିଯୁକ୍ତି ଦେବ ବୋଲି ଘୋଷଣା କରିଥିଲା।

### ଏମ୍-କ୍ୟାପ୍‌ରେ ୮୬ ହଜାର କୋଟି ଯୋଗ

**ନୂଆଦିଲ୍ଲୀ,୨୦।୨:** ଗତ ସପ୍ତାହରେ ଟପ୍-୧୦ ମୂଲ୍ୟବାନ ଫାର୍ମଗୁଡ଼ିକ ମଧ୍ୟରୁ ୫ଟି ଫାର୍ମ ଏକତ୍ର ବଜାର ମୂଲ୍ୟାଙ୍କନରେ ପ୍ରାୟ ୮୬ ହଜାର କୋଟି ( ୮୫,୭୧୨.୫୬) ଟଙ୍କା ଯୋଡ଼ିଛନ୍ତି। ସେଥିମଧ୍ୟରୁ ଟାଟା କନ୍ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ସର୍ବାଧିକ ଲାଭବାନ ହୋଇଛି। ଟିସିଏସ୍‌ର ବଜାର ମୂଲ୍ୟାଙ୍କନରେ ୩୬, ୬୯୪.୫୯ କୋଟି ଟଙ୍କା ବୃଦ୍ଧି ପାଇ ୧୪,୦୩,୭୧୬.୦୨ କୋଟିରେ ପହଞ୍ଚିଛି। ଏଥିସହିତ ରିଲାୟାନ୍ସ ଇଣ୍ଡଷ୍ଟ୍ରିଜ୍(ଆର୍‌ଆଇଏଲ୍)ର ବଜାର ମୂଲ୍ୟାଙ୍କନରେ ୩୨,୦୧୪.୪୭ କୋଟି ବୃଦ୍ଧି ପାଇ ୧୬,୩୯,୮୭୨.୧୬ କୋଟି ଟଙ୍କା ହୋଇଛି। ସେହିପରି ହିନ୍ଦୁସ୍ତାନ ୟୁନିଲିଭର ମୂଲ୍ୟାଙ୍କନ ୧୨,୭୮୧.୭୮ କୋଟି ଟଙ୍କା ବୃଦ୍ଧି ପାଇ ୫,୪୩,୨୨୫.୫ କୋଟିରେ ପହଞ୍ଚିଛି। ଏହାଛଡ଼ା, ଏଚ୍‌ଡିଏଫ୍‌ସି ବଜାର ମୂଲ୍ୟାଙ୍କନରେ ୨,୭୦୩.୬୮ କୋଟି ବୃଦ୍ଧି ପାଇ ୪,୪୨,୧୬୨.୯୩ କୋଟିରେ ପହଞ୍ଚିଥିବା ବେଳେ ବଜାଜ ଫାଇନାନ୍ସର ମୂଲ୍ୟାଙ୍କନରେ ୧,୫୧୮.୦୪ କୋଟି ଟଙ୍କା ବୃଦ୍ଧି ଘଟି ୪,୨୪,୪୫୬.୬ କୋଟିରେ ପହଞ୍ଚିଛି।

# ଇଭି କ୍ଷେତ୍ରରେ ନିବେଶ କରିବ ଅଶୋକ ଲେଲାଣ୍ଡ

ଭୁବନେଶ୍ୱର,୨୦।୨



ଦେଶର ପ୍ରମୁଖ ଭାରିଯାନ ଅଟୋଶିଳ୍ପ କମ୍ପାନୀ ହିନ୍ଦୁଜା ଗ୍ରୁପର୍ ଫ୍ଲାଗଶିପ୍ ଅଶୋକ ଲେଲାଣ୍ଡ ଇଲେକ୍ଟ୍ରି ଭେଇକିଲ (ଇଭି) କ୍ଷେତ୍ରକୁ ପ୍ରବେଶ କରିବାକୁ ଯୋଜନା କରିଥିବା ସୂଚନା ମିଳିଛି। ବର୍ତ୍ତମାନର ପରିସ୍ଥିତି ଓ ସରକାରଙ୍କ ଆହ୍ୱାନ ଏବଂ ଏକ ସବୁଜ ପରିବେଶ ସୃଷ୍ଟି ଓ ଏହାର ଗତିଶୀଳତାକୁ ନଜରରେ ରଖି କମ୍ପାନୀ ଇଭି ଯାନବାହନ ଚଳାଚଳ କରିବା ପାଇଁ କମ୍ପାନୀ ଯୋଜନା କରୁଥିବା ଏହାର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଚେନ୍ନାଇର ଏକ ଫାର୍ମ ଏହାର ବ୍ୟବସାୟିକ ଯାନ ପରିସର ପାଇଁ ସିଏନଜି ହାଇଡ୍ରୋଜେନ ଏବଂ ଇଲେକ୍ଟ୍ରିକ୍ ଭଳି ବିକଳ୍ପ ଇନ୍ଧନ ଉପରେ ଆଧାର କରି ପାୱାର୍ ଟ୍ରେନ୍ ବିକାଶ ପାଇଁ ୫୦୦ କୋଟି ଟଙ୍କା ବିନିଯୋଗ କରିଛି। ସେହିଭଳି ଇଲେକ୍ଟ୍ରିକ୍ ମୋବିଲିଟି ପାଇଁ ଏହାର ୟୁକେଭିତ୍ତିକ ମୋବିଲିଟି ମାଧ୍ୟମରେ କମ୍ପାନୀ ୨୦୦ ମିଲିୟନ୍ ଡଲାର୍ (ପ୍ରାୟ ୧,୫୦୦ କୋଟି) ବିନିଯୋଗ ଘୋଷଣା କରିସାରିଛି।

ଏ ସମ୍ପର୍କରେ ଅଶୋକ ଲେଲାଣ୍ଡର ଇଡି ଧୀରଜ ହିନ୍ଦୁଜା କହିଛନ୍ତି, ଭାରତରେ ଆମେ ଅଶୋକ ଲେଲାଣ୍ଡ ସହିତ ଏହାର ଉପଲବ୍ଧ ସୁବିଧାକୁ ସୁଦୃଢ଼ କରିବୁ କିନ୍ତୁ ମୁଁ ନିଶ୍ଚିତ ଯେ ଖୁବ୍‌ଶୀଘ୍ର ଆମକୁ ଏକ ସ୍ୱାଧୀନ ସୁବିଧା ମଧ୍ୟ ଆବଶ୍ୟକ ହେବ ବୋଲି ସେ ମତବ୍ୟକ୍ତ କରିଛନ୍ତି। ବର୍ତ୍ତମାନ ସମୟରେ କମ୍ପାନୀ ଆସନ୍ତା ଦୁଇ ବର୍ଷ ପାଇଁ ଉତ୍ପାଦନ କ୍ଷମତା ସମ୍ବନ୍ଧରେ ନିଜକୁ ଆରାମଦାୟକ ଅନୁଭବ କରୁଛି। ଏପରିକି ଆସନ୍ତା ୨୪ ମାସ କିମ୍ବା ତା'ଠାରୁ ଅଧିକ ସମୟ ପାଇଁ ଆଶୋକ ଲେଲାଣ୍ଡ ଆବଶ୍ୟକ ବୈଦ୍ୟୁତିକ ଉତ୍ପାଦ ଯୋଗାଇବାରେ ସକ୍ଷମ ହେବ।

### ପ୍ରଥମ ପର୍ଯ୍ୟାୟରେ ୫୦୦କୋଟି ବିନିଯୋଗ

# ଶମ୍ଭାବୀ ପୁରସ୍କାର ୨୦୨୨ ଘୋଷଣା

ଭୁବନେଶ୍ୱର,୨୦।୨

### ବିଆଇପିଏଫ୍ ପକ୍ଷରୁ ସମ୍ମାନିତ ହେବେ ରତ୍ନାକର, ଚିନ୍ମୟୀ




ରାଜ୍ୟର ଏକ ପ୍ରତିଷ୍ଠିତ ଘରୋଇ ସଂସ୍ଥା ଇମ୍ଫା ଗ୍ରୁପର ସିଏସ୍‌ଆର ୟୁନିଟ (ଆର୍ମ) ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍ (ବିଆଇପିଏଫ୍) ପକ୍ଷରୁ ଚଳିତ ବର୍ଷ ପାଇଁ ଦକ୍ଷ ବିଚାରକମଣ୍ଡଳୀ ଦ୍ୱାରା ଗଠିତ କମିଟି ସର୍ବସମ୍ମତି କ୍ରମେ ସମ୍ମାନଜନକ 'ଶମ୍ଭାବୀ ପୁରସ୍କାର-୨୦୨୨'ର ଘୋଷଣା କରାଯାଇଛି। ଚଳିତ ବର୍ଷ ଏହି ପୁରସ୍କାର ରାଜ୍ୟର ୨ ଜଣ ସାମାଜିକକର୍ମୀଙ୍କୁ ପ୍ରଦାନ କରାଯାଉଛି ବୋଲି ବିଆଇପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମାନିତ ହେଉଥିବା ପ୍ରତିଭାଙ୍କ ମଧ୍ୟରେ ଅଛନ୍ତି ଖୋର୍ଦ୍ଧା ଜିଲାର ସାମାଜିକକର୍ମୀ ରତ୍ନାକର ସାହୁ ଏବଂ ଅନୁଗୋଳର ଜରପଡ଼ା ନିବାସୀ ଚିନ୍ମୟୀ ଦାସ। ବିଶେଷକରି ଶିକ୍ଷାକ୍ଷେତ୍ର ପାଇଁ ଉତ୍ନାକରଙ୍କୁ ଏବଂ ସ୍ୱାସ୍ଥ୍ୟ ସେବାରେ ବଳିଷ୍ଠ ଯୋଗଦାନ ଲାଗି ଚିନ୍ମୟୀଙ୍କୁ ଉକ୍ତ ପୁରସ୍କାର ଦିଆଯିବ ବୋଲି ଜଣାପଡ଼ିଛି। ଚଳିତ ବର୍ଷ ୧୪ ମାର୍ଚ୍ଚରେ ବିଆଇପିଏଫ୍‌ର ପ୍ରତିଷ୍ଠା ଦିବସ ଅବସରରେ ଉଭୟଙ୍କୁ ଏହି ପୁରସ୍କାର ଦିଆଯିବ। ସମାଜ ପରିବର୍ତ୍ତନର ମାଧ୍ୟମ ସାଜିଥିବା ସମସ୍ତ ନାଗରିକଙ୍କୁ ୨୦୧୪ରୁ ଫାଉଣ୍ଡେସନ୍ ଏହି ପୁରସ୍କାର ପ୍ରଦାନ କରିଆସୁଛି।

# ଟାଟା ଷ୍ଟିଲ୍ ମାଇନିଂକୁ ଗ୍ଲୋବାଲ ସିଏସ୍‌ଆର୍ ପୁରସ୍କାର

ଭୁବନେଶ୍ୱର,୨୦।୨




ଦେଶର ପ୍ରମୁଖ ଘରୋଇ କମ୍ପାନୀ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ (ଟିଏସ୍‌ଏମ୍‌ଏଲ୍)କୁ ଆଉ ଏକ ବଡ଼ ସଫଳତା ମିଳିଛି। ନିକଟରେ କମ୍ପାନୀ ପ୍ଲାଟିନମ୍ ବିଭାଗରେ ସମ୍ମାନଜନକ 'ଏନର୍ଜି ଓ ଏନ୍‌ଭାଇରନମେଣ୍ଟ ଫାଉଣ୍ଡେଶନ୍(ଇଇଏଫ୍)ର ଗ୍ଲୋବାଲ ସିଏସ୍‌ଆର ପୁରସ୍କାର-୨୦୨୨' ଭାବେ ପୁରସ୍କୃତ ହୋଇଛି। ନିଜ କାର୍ଯ୍ୟକ୍ଷେତ୍ରରେ ସ୍ଥାନୀୟ ଲୋକମାନଙ୍କ କଲ୍ୟାଣ ଓ ଅନ୍ତର୍ଭୁକ୍ତକାରୀ ବିକାଶକୁ ସୁନିଶ୍ଚିତ କରିବା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କମ୍ପାନୀକୁ ଏଭଳି ଏକ ସମ୍ମାନରେ ସମ୍ମାନିତ କରାଯାଇଛି। ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ଏହି ପୁରସ୍କାର ବିତରଣୀ ସମାରୋହରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଟିଏସ୍‌ଏମ୍‌ଏଲ୍‌ର ଫେରୋକ୍ରୋମ ବିଭାଗ ବରିଷ୍ଠ ମହାପ୍ରବନ୍ଧକ ବିଭୁଦତ୍ତ ମହାନ୍ତି କମ୍ପାନୀ ପକ୍ଷରୁ ଉକ୍ତ ପୁରସ୍କାରକୁ ଗ୍ରହଣ କରିଥିଲେ। ଏହାର ଆୟୋଜକମାନଙ୍କୁ ଧନ୍ୟବାଦ ଜଣାଇ ମହାନ୍ତି କହିଥିଲେ ଯେ ଉଭୟ ବ୍ୟବସାୟ ଓ ସମାଜ ଉପରେ ସକାରାତ୍ମକ ଭାବ ସୃଷ୍ଟି କରିବା ହେଉଛି ଆମର ପ୍ରଥମ କାର୍ଯ୍ୟ । ଆମର ଦାୟିତ୍ୱ ଓ କାର୍ଯ୍ୟକ୍ରମ ଯୋଗୁ ଏନର୍ଜି ଓ ଏନ୍‌ଭାଇରନମେଣ୍ଟ ଫାଉଣ୍ଡେଶନ୍ ଦ୍ୱାରା ଆଜି ଏହି ସ୍ୱୀକୃତି ମିଳିଛି। କମ୍ପାନୀ ତାର ସିଏସ୍‌ଆର କାର୍ଯ୍ୟକ୍ରମଗୁଡ଼ିକୁ ନିଜ କାରବାର ବ୍ୟବସ୍ଥାରେ ଏକ ପ୍ରମୁଖ ସ୍ଥାନ ଦେବା ଫଳରେ ଆମକୁ ଏଭଳି ଏକ ସମ୍ମାନ ମିଳିଛି। ଏହା ଆମକୁ ସ୍ଥାନୀୟ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଦିଗରେ କାର୍ଯ୍ୟ ଜାରି ରଖିବା ପାଇଁ ପ୍ରେରଣା ଯୋଗାଇବ। ସେହିଭଳି ଏହି ପୁରସ୍କାର ସମାଜର ସେବା ଓ ସ୍ଥାନୀୟ ଲୋକମାନଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଟାଟା ଷ୍ଟିଲ ମାଇନିଂର ନିରନ୍ତର ଉଦ୍ୟମକୁ ସ୍ୱୀକୃତି ପ୍ରଦାନ କରିଛି ବୋଲି ସତିଜା କହିଛନ୍ତି।

ଏହି ପୁରସ୍କାର ପାଇ ଆମେ ନିଜକୁ ଗୌରବାନ୍ୱିତ ଅନୁଭବ କରୁଛୁ। ଉକ୍ତ ପୁରସ୍କାର ଆମକୁ ଏ ଦିଗରେ କାର୍ଯ୍ୟ ଜାରି ରଖିବା ପାଇଁ ପ୍ରେରଣା ଯୋଗାଇବ। ଆମ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଂଚଳରେ ରହୁଥିବା ଲୋକମାନଙ୍କ ଜୀବନରେ ଦୀର୍ଘସ୍ଥାୟୀ ପରିବର୍ତ୍ତନ ଆଣିବା ସହିତ ଅଭିନବ ସାମାଜିକ-ଅର୍ଥନୈତିକ ପଦକ୍ଷେପ ମାଧ୍ୟମରେ ସାମଗ୍ରିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ରହିଛୁ ।

# ବନ୍ଧନ ବ୍ୟାଙ୍କର ୩ୟ ତ୍ରୟମାସିକ ଫଳାଫଳ

ଭୁବନେଶ୍ୱର,୨୦।୨:

ବନ୍ଧନ ବ୍ୟାଙ୍କ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସର ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବ୍ୟାଙ୍କର ମୋଟ କାରବାର (ଜମା ଓ ଅଗ୍ରିମ) ୨୦୨୧ ଡିସେମ୍ବର ୩୧ ସୁଦ୍ଧା ବର୍ଷକ ଭିତରେ ୧୫% ବୃଦ୍ଧି ପାଇ ୧.୭୩ ଲକ୍ଷ କୋଟି ଟଙ୍କା ହୋଇଛି। ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୟମାସରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୟମାସ ତୁଳନାରେ ୧୯% ବୃଦ୍ଧି ପାଇଛି। ମୋଟ ଜମା ଏବେ ୮୪,୫୦୦ କୋଟି ଟଙ୍କା ରହିଛି। (କରେଣ୍ଟ) ଚଳନ୍ତି ଓ ସଞ୍ଚୟ ଖାତା ପୁସ୍ତିକା (କାସା) ବର୍ଷକ ଭିତରେ ୨୬% ବୃଦ୍ଧି ପାଇଛି ଏବଂ କାସା ଜମା ଏବେ ମୋଟ ଜମାର ୪୫%ରୁ ଅଧିକ ରହିଥିବା ବେଳେ ବ୍ୟାଙ୍କର ଖୁଚୁରା ଜମାରେ ଉଲ୍ଲେଖନୀୟ ବୃଦ୍ଧି ଘଟି ୨୪% ବର୍ଷକୁ ବର୍ଷ ଅଭିବୃଦ୍ଧି ସହ ୭୧,୪୪୦ କୋଟି ଟଙ୍କା ହୋଇଛି। ଅଗ୍ରିମ କ୍ଷେତ୍ରରେ ବ୍ୟାଙ୍କ ପୂର୍ବବର୍ଷର ସମାନ ତ୍ରୟମାସ ତୁଳନାରେ ୧୧% ବୃଦ୍ଧି ହାସଲ କରିଛି।

# ଆଇଆଇଟି ଧାନବାଦ ସହ ଜେଏସ୍‌ଏଲ୍‌ର ଚୁକ୍ତିନାମା

ଭୁବନେଶ୍ୱର,୨୦।୨

ଦେଶର ପ୍ରମୁଖ ଷ୍ଟେନ୍‌ଲେସ ଷ୍ଟିଲ୍ ନିର୍ମାଣକାରୀ କମ୍ପାନୀ ଜିନ୍ଦଲ ଷ୍ଟେନ୍‌ଲେସ ଲିମିଟେଡ (ଜେଏସ୍‌ଏଲ୍) ପକ୍ଷରୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜି (ଆଇଆଇଟି) ଧାନବାଦ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଏ ସମ୍ପର୍କରେ ଜେଏସ୍‌ଏଲର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଦେଶରେ ଦୀର୍ଘସ୍ଥାୟୀ ଧାତୁ ନିର୍ମାତା ଭାବେ ଉତ୍ପାଦନ କ୍ଷେତ୍ରରେ ପରିବେଶ ଉପଯୋଗୀ ପ୍ରୟାସ ସମୂହକୁ କାର୍ଯ୍ୟକାରୀ କରିବା ନେଇ ଆମେ ଗୌରବାନ୍ୱିତ ମନେ କରୁଛୁ। ଖଣିଜ ଏବଂ ଆନୁଷଙ୍ଗିକ ସାମର୍ଥ୍ୟରେ ଦମଦାର ସାମର୍ଥ୍ୟ ରହିଥିବା ଆଇଆଇଟି ଧାନବାଦ ଏକ ପୁରାତନ ପ୍ରତିଷ୍ଠାନ।

ଶିଳ୍ପ କ୍ଷେତ୍ରର ଉତ୍କର୍ଷକୁ ପ୍ରତିପାଦିତ କରୁଥିବା ଏବଂ ପ୍ରତିଷ୍ଠାନର ବୈଷୟିକ ଶକ୍ତି ପ୍ରଦର୍ଶନ କରୁଥିବା ପ୍ରକଳ୍ପଗୁଡ଼ିକୁ ଆମେ ହାତକୁ ନେବୁ। ସେହିଭଳି ଆଇଆଇଟି ଧାନବାଦର ନିର୍ଦ୍ଦେଶକ ରାଜୀବ ଶେଖର କହିଛନ୍ତି, ଜେଏସ୍‌ଏଲ୍ ସହିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ଆମର ଶିକ୍ଷା ବ୍ୟବସ୍ଥା ଏବଂ ଶିଳ୍ପ ସହଯୋଗିତା କ୍ଷେତ୍ରରେ ଆଉ ଏକ ମାଇଲଖୁଣ୍ଟ ହୋଇଛି।

## ଫୁର୍‌ସତ୍

# ରାତାରାତି ଭାଇରାଲ

**ସୋସିଆଲ ମିଡିଆ ଅନେକ ଲୋକଙ୍କ ଜୀବନଶୈଳୀ ବଦଳାଇ ଥିବାବେଳେ ଏହା ଜରିଆରେ ରୋଜଗାରକ୍ଷମ ହୋଇପାରିଛନ୍ତି। ସେ ଫେସ୍‌ବୁକ ହେଉ କି ଇନ୍‌ଷ୍ଟାଗ୍ରାମ ଅବା ୟୁଟ୍ୟୁବ, ଏଥିରେ ଛୋଟ ଛୋଟ ଭିଡିଓ ଅପଲୋଡ୍ କରି ୟୁଜର ଲୋକପ୍ରିୟ ହେବା ସହ ପ୍ରଶଂସା ସାଉଁଟିବାରେ ଲାଗିଛନ୍ତି। ଯେମିତି ବର୍ତ୍ତମାନ ସମୟରେ ଟ୍ରେଣ୍ଡ ପାଲଟିଛି କଚା ବାଦାମ ଗୀତ। ଏହାପୂର୍ବରୁ ଅନେକ ୟୁଜର ଗୀତ ଗାଇ ଓ ନାଚି ରାତାରାତି ଲୋକପ୍ରିୟ ହେବାର ନଜିର ରହିଛି। ସେମିତି କିଛି ଟ୍ରେଣ୍ଡି ଗୀତ ବିଷୟରେ ଜାଣିବା...**



**କଚାବାଦାମ:** ଛୋଟ ପିଲାଠାରୁ ଆରମ୍ଭ କରି ଯୁବପିଢି ଏବଂ ସୋସିଆଲ ମିଡିଆରେ ସକ୍ରିୟ ଥିବା ବରିଷ୍ଠ ନାଗରିକ ବର୍ତ୍ତମାନ କଚା ବାଦାମ ଗୀତରେ ଝୁମୁଥିବା ଦେଖିବାକୁ ମିଳିଛି। ଏ ନେଇ ଇନ୍‌ଷ୍ଟାଗ୍ରାମରେ ପ୍ରଚଳିତ ରିଲ୍ସରେ ସ୍ୱତନ୍ତ୍ର ପ୍ରକାର ଡ୍ୟାନ୍ସିଂ ଷ୍ଟେପ୍ ମଧ୍ୟ ବାହାରିଛି । ଏହି ଗୀତ କେଉଁଠୁ ଆସିଲା ତା' ବିଷୟରେ ଜାଣିନେବା...ପଶ୍ଚିମବଙ୍ଗ ବୀରଭୂମ ଅଞ୍ଚଳର ବାଦାମ ବ୍ୟବସାୟୀ ଭୁବନ ବଦ୍ୟକର। ସାହି-ସାହି ବୁଲି ବାଦାମ ବିକୁଥିବା ଭୁବନ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଜ ମନରୁ ଏହି 'କଚା ବାଦାମ' ଗୀତଟି ଗାଇ-ଗାଇ ବାଦାମ ବିକନ୍ତି। ଜଣେ ସୋସିଆଲ ମିଡିଆ ୟୁଜର ଭୁବନଙ୍କ ଏହି ଗୀତର ଗୋଟିଏ ମୁଖଡାର ଭିଡିଓ ସୋସିଆଲ ମିଡିଆରେ ଅପଲୋଡ କରିଥିଲେ। ଯାହାପରେ କିଛି ଘଣ୍ଟା ମଧ୍ୟରେ ଏହି ଗୀତ ସୋସିଆଲ ମିଡିଆରେ ଟ୍ରେଣ୍ଡ ପାଲଟିଯାଇଥିଲା। ଭୁବନଙ୍କ ଏହି ଗୀତ ଖାଲି ସୋସିଆଲ ମିଡିଆରେ ସୀମିତ ନାହିଁ। ଏହାକୁ ନେଇ ଅନେକ ସଙ୍ଗୀତ ନିର୍ଦ୍ଦେଶକ ଗୀତ ମଧ୍ୟ ପ୍ରସ୍ତୁତ କରିଛନ୍ତି। ଏହି ଗୀତରେ ଗୋଧୁଳିବେଳା ମ୍ୟୁଜିକ୍ ହାଉସ୍ ରିମିକ୍ସ ଦେବା ସହ ତାଙ୍କର ଅଡିଓ-ଭିଡିଓ ମଧ୍ୟ ରେକର୍ଡ କରିଥିଲା। ନିକଟରେ ଭୁବନଙ୍କୁ ଉକ୍ତ ମ୍ୟୁଜିକ୍ କମ୍ପାନୀ ଭାଇରାଲ ଗୀତ 'କାଚା ବାଦାମ୍' ପାଇଁ ୩ ଲକ୍ଷ ଟଙ୍କା ଦେଇଛି।

**ବଚପନକା ପ୍ୟାର୍:** ୧୦ ବର୍ଷର ବାଳକ ସହଦେବ ଡିରଡୋ। ଛତିଶଗଡ଼ର ମାଓପ୍ରବଣ ଅଞ୍ଚଳ ସୁକୁମା ଜିଲାରେ ତାଙ୍କ ଘର। ବର୍ତ୍ତମାନ ସମୟରେ ଏହି ୧୦ ବର୍ଷର ବାଳକ ଜଣାଶୁଣା ଚେହେରା ପାଲଟିଯାଇଛନ୍ତି। ୨୦୧୯ରେ ସହଦେବଙ୍କ 'ବଚପନକା ପ୍ୟାର୍' ସୋସିଆଲ ମିଡିଆରେ ୟୁଜରଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



ଖାଲି ସେତିକି ନୁହେଁ ବଲିଉଡ଼ର ଜଣାଶୁଣା ଗାୟକ ବାଦଶାହା ତାଙ୍କ ସହ ବଚପନ କା ପ୍ୟାର୍ ମ୍ୟୁଜିକ୍ ଭିଡିଓ ମଧ୍ୟ ତିଆରି କରିଥିଲେ। ଏହି ଗୀତରେ ବଲିଉଡ଼୍‌ର ଅନେକ କଳାକାର ମଧ୍ୟ ଏହି ଗୀତରେ ଝୁମୁଥିବା ଦେଖିବାକୁ ମିଳିଥିଲା।

**ମାନିକେ ମାଗେ ହିଥେ:** ଫେମସ୍ ତଥା ଲୋକପ୍ରିୟ ହେବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଭାଷାର ଆବଶ୍ୟକତା ନ ଥିବା ପ୍ରମାଣିତ କରିଛି ମାନିକେ ମାଗେ ହିଥେ ଗୀତ। ଶ୍ରୀଲଙ୍କା ଗାୟିକା ୟୋହାନି ରୋଜ୍ ଏହି ଗୀତଟିକୁ ଗାଇ ଏକ ୟୁଟ୍ୟୁବ ଚ୍ୟାନେଲରେ ଅପ୍‌ଲୋଡ କରିଥିଲେ। ଗୀତଟି ଶ୍ରୀଲଙ୍କାର ସିଂହଳୀ ଭାଷାରେ ଗାନ କରାଯାଇଥିଲେ ମଧ୍ୟ ଏହାର ଟ୍ୟୁନ୍ ଲୋକଙ୍କୁ ଆକୃଷ୍ଟ କରିଥିଲା, ଯାହାପାଇଁ ରାତାରାତି ଏହି ଗୀତକୁ ଭାରତର ଅନେକ ଆଞ୍ଚଳିକ ଭାଷାରେ ରେକର୍ଡ କରାଯାଇଥିଲା। ଖାଲି ସେତିକି ନୁହେଁ ଏହା ଜରିଆରେ ବଲିଉଡ଼ରେ କାମ କରିବା ପାଇଁ ମଧ୍ୟ ୟୋହାନିଙ୍କୁ ଅଫର ମିଳିଥିଲା।

### ଚର୍ଚ୍ଚାରେ ତାଞ୍ଜାନିଆର ଭଉଣୀ-ଭାଇ

ତାଞ୍ଜାନିଆର କିଲି ପଲ୍ ଏବଂ ତାଙ୍କ ଭଉଣୀ ନୀମା ପଲ୍ ବଲିଉଡ୍‌ର ଅନେକ ଗୀତରେ ଝୁମି ରାତାରାତି ଫଲୋୟର୍ସଙ୍କ ସଂଖ୍ୟା ବଢାଇପାରିଛନ୍ତି। ହିନ୍ଦୀ ଭାଷା ନ ବୁଝିପାରିଲେ ମଧ୍ୟ ଏଥିରେ ଠିକ୍ ବିଟ୍ ମୁତାବକ ଇନ୍‌ଷ୍ଟାଗ୍ରାମ ରିଲ୍ସରେ ଝୁମୁଛନ୍ତି ଭଉଣୀ-ଭାଇ। ଯାହାକୁ ନେଇ ତାଞ୍ଜାନିଆର ଏହି ଭଉଣୀ-ଭାଇ ଏବେ ଚର୍ଚ୍ଚାରେ।

# ଜନ୍ମର ୧୬ ବର୍ଷ ପରେ ଦମ୍ପତିଙ୍କୁ ମିଳିଲା ଝିଅ

**ମେକ୍ସିକୋ ସିଟି:** ନବଜାତ ଶିଶୁ ଜନ୍ମର ୧୬ ବର୍ଷ ପରେ ଛୁଆକୁ ଫେରି ପାଇଲେ ମାତା-ପିତା। ଏପରି ମେକ୍ସିକୋ ବାସିନ୍ଦା ୟାସିର ମସିୟସ୍ ଏବଂ ରୋଜାଲିଆ ଲୋପେଜ୍‌ଙ୍କର ୨୦୦୫ ଡିସେମ୍ବରରେ ଝିଅଟିଏ ହୋଇଥିଲା। ରୋଜାଲିଆ ଡାକ୍ତରଖାନାରେ ଥିବାବେଳେ ଜଣେ ନକଲି ନର୍ସ ଛୁଆକୁ ନେଇଯାଇଥିଲେ। ଗତ ସେପ୍ଟେମ୍ବରରେ ଜଲିସ୍କୋ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍‌ସିକ୍ ସାଇନ୍ସ କଲେଜରେ ପିଲାଙ୍କ ଫଟୋରେ ଇନ୍ ଡେପ୍ଥ ଫେସିଆଲ ଆନାଲିସିସ୍‌ର ପ୍ରୟୋଗ କରାଯାଇଥିଲା। ଝିଅଟିର ଫଟୋ ଜଣେ ବ୍ୟକ୍ତିଙ୍କ ସହ ମିଶୁଥିଲା। ଏହାର ମାସେ ପରେ ଝିଅର ଡିଏନ୍‌ଏ ଟେଷ୍ଟ କରିବାରୁ ଝିଅଟି ସେହି ଦମ୍ପତିଙ୍କ ଝିଅ ବୋଲି ଜଣାପଡ଼ିଥିଲା।

**MISSING**



ନାମ: ଶାନ୍ତିଲତା ମାଝୀ, ବୟସ: ୫୨ବର୍ଷ, ତାରିଖ: ୦୧।୦୨।୨୦୨୨, ସମୟ: ସକାଳ ୮ଘଟିକା, ନିଖୋଜ ସ୍ଥାନ: ପାହାଳ, ଭୁବନେଶ୍ୱର, ଫୋନ୍ ନଂ.- 7205781448, 9438689362, 9668264078, 8658516702 ପାହାଳ ଥାନା କିମ୍ବା ନିକଟସ୍ଥ ପୋଲିସ୍ ଷ୍ଟେସନ୍‌କୁ ଯୋଗାଯୋଗ କରନ୍ତୁ। ଓ.ଆଇ.ସି- 9438411083.
ଧ-୨୩୧୫୮

# ମନେ ପଡ଼ନ୍ତି

ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସଂଯୁକ୍ତା କୁମାରୀ ପ୍ରଧାନ
(ଶିକ୍ଷୟିତ୍ରୀ)
ଭୁବନପୁର, ସ୍ୱାଧୀନ କଲୋନୀ, ନିମାପଡ଼ା, ପୁରୀ
ଆବିର୍ଭାବ: ବୈଶାଖ କୃଷ୍ଣ ଦଶମୀ (୨୦।୦୮।୧୯୬୦)
ତିରୋଧାନ: ଫାଲ୍‌ଗୁନ କୃଷ୍ଣ ପଞ୍ଚମୀ (୦୩।୦୨।୨୦୧୦)
ପୁରୁଣା ସ୍ମୃତିକୁ ସୁମରି ସୁମରି
ଦିନତ ଯାଉଛି ବିତି,
ତୋ ଅନୁପସ୍ଥିତିର ଶୂନ୍ୟତା ସବୁ
ଏ ମନ ଭାବଇ ନିତି।
ତୁମର ପବିତ୍ର ଆତ୍ମାକୁ ଶ୍ରୀଜଗନ୍ନାଥ ଶାନ୍ତି ଦିଅନ୍ତୁ।
ଶୋକସନ୍ତପ୍ତ: ସ୍ୱା- ଗୁଣନିଧି, ଝିଅ: ଜି.ଏସ.ବର୍ଷା, ଜ୍ୱାଇଁ: ପାର୍ଥ, ପୁତୁରା: ନଣ୍ଡା, ଅନ୍ୟସବୁ ପୁତୁରା, ଝିଆରୀ ଓ ବନ୍ଧୁବର୍ଗ ।
ଧ-୨୩୧୬୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅର୍ଜୁନ ଛୁଆଳସିଂହ
ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ-୩୦।୧୦।୧୯୩୦
ତିରୋଧାନ- ୦୮।୦୨।୨୦୧୫
ଆପଣଙ୍କ ସ୍ନେହ ଓ ଉତ୍ସର୍ଗୀକୃତ ମନୋଭାବ ଆମ୍ଭମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୨୩୨୧୩

# ମାତୃଭାଷାର ବିକାଶରେ ସମାଜର ବିକାଶ

### ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଜନ୍ମ ପରେ ଶିଶୁ ନିଜର ମାତୃଭାଷାରେ ହିଁ ଭାବର ଆଦାନ ପ୍ରଦାନ କରିବା ଲାଗି ଶିକ୍ଷାଲାଭ କରିଥାଏ। ମାତୃଭାଷା ମାଧ୍ୟମରେ ଶିଶୁର ବୋଧଗମ୍ୟତାର ପରିପ୍ରକାଶ ଘଟିଥାଏ। ମାତୃଭାଷା ଶିଶୁର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ମାତୃଭାଷାର ଗୁରୁତ୍ୱକୁ ଉପଲବ୍ଧି କରିବା ଲାଗି ପ୍ରତିବର୍ଷ ଫେବୃଆରୀ ୨୧ରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ କରାଯାଇଥାଏ। ୟୁନେସ୍କୋ ଦ୍ୱାରା ପ୍ରଥମେ ୧୭ ନଭେମ୍ବର ୧୯୯୯ରେ ଏହି ଦିବସ ପାଳନ ସମ୍ପର୍କରେ ଘୋଷଣା କରାଯାଇଥିଲା। ୨୦୦୨ରେ ଜାତିସଂଘ ସାଧାରଣ ସଭାରେ ଏହାକୁ ଆନୁଷ୍ଠାନିକ ସ୍ୱୀକୃତି ମିଳିଥିଲା। ପୃଥିବୀର ବିଭିନ୍ନ ଅଞ୍ଚଳରେ ବ୍ୟବହୃତ ହେଉଥିବା ସମସ୍ତ ଭାଷାର ସଂରକ୍ଷଣ ଏବଂ ସୁରକ୍ଷା ଲାଗି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ୧୯୫୨ ଫେବୃଆରୀ ୨୧ରେ ବାଂଲାଦେଶରେ ବଙ୍ଗଳା ଭାଷା ଆନ୍ଦୋଳନକୁ ସ୍ମରଣ କରାଯାଇ ଏହି ଦିବସ ପାଳନ କରାଯାଇଥାଏ।

# ଅଫସାନା ଖାନ୍, ସିଙ୍ଗର ସାଜଙ୍କ ପଡ଼ିଲା ହାତଗଣ୍ଠି



**ମୁମ୍ବାଇ:** ବିବାହ ବନ୍ଧନରେ ବାନ୍ଧି ହେଲେ ସିଙ୍ଗର ତଥା ବିଗବସ୍ ୧୫ର ପ୍ରତିଯୋଗୀ ଅଫସାନା ଖାନ ଏବଂ ସିଙ୍ଗର ସାଜ୍। ଶନିବାର ଦୁହେଁ ଚଣ୍ଡିଗଡରେ ବିବାହ ସମ୍ପନ୍ନ କରିଛନ୍ତି। ତାଙ୍କର ଏହି ଉତ୍ସବରେ ବିଗ୍‌ବସ୍‌ର କେତେକ ପ୍ରତିଯୋଗୀ ସାମିଲ ହୋଇଥିଲେ। ସେଠାରେ ରାକ୍ଷୀ ସାୱନ୍ତ, ହିମାଂଶୀ ଖୁରାନା, ରଶ୍ମି ଦିଶାଇ, ଉମର ରିଆଜ, ଯୁବିକା ଚୌଧୁରୀଙ୍କ ସମେତ ଅନେକ ଲୋକ ସାମିଲ ହୋଇଥିଲେ। ଅଫସାନା ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଉଭୟଙ୍କ ବିବାହ ଫଟୋ ଶେୟାର କରି ଲେଖିଛନ୍ତି, 'ଏବେ ଆମ ଖୁସି ଆରମ୍ଭ ହେଲା।' ସୋସିଆଲ ମିଡିଆରେ ବିବାହ ଫଟୋ ଭଇରାଲ ହେବା ପରେ ତାଙ୍କୁ ପ୍ରଶଂସକଙ୍କ ଶୁଭେଚ୍ଛାର ସୁଅ ଛୁଟିଛି। ଅଫସାନା ତାଙ୍କ ବିବାହ ପୂର୍ବର ଅନେକ ଭିଡିଓ ମଧ୍ୟ ଶେୟାର କରିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

BALAJI FINANCE
(Reg. No.- 003367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8902403341

ଲୋନ୍ ଲୋନ୍ ଲୋନ୍
ଗୁରୁକୃପା ଫାଇନାନ୍ସ ଦ୍ୱାରା ଲୋନ୍ ।
1 ଲକ୍ଷରୁ 90 ଲକ୍ଷ ପର୍ଯ୍ୟନ୍ତ ।
0% ସୁଧ, 35% ରିହାତି ।
ମାର୍କଶିଟ୍, ପ୍ରପର୍ଟି, ବିଜ୍‌ନେସ୍, ହୋମ୍ ଲୋନ୍, ଏଗ୍ରୀକଲ୍ଚର ଏବଂ ସମସ୍ତ ଲୋନ୍ ମାତ୍ର ୫୨୦ ଟଙ୍କାରେ ।
9870683762

BIDISHA FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ, କୃଷି, ଗାଈ, ଛେଳି, ମାଛଚାଷ ଓ କୁକୁଡ଼ା ପାଳନ ଇତ୍ୟାଦି ପାଇଁ ସମସ୍ତ ପ୍ରକାର LOAN 2% ସୁଧରେ ଯୋଗାଇ ଦିଆଯାଉଛି। ଅନ୍‌ଲାଇନ୍ ସୁବିଧା, Agent ପାଇଁ Call:
M.: 8280679245 7653803952
Asrayagad, Gulaijang, Gajapati

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ସକାରାତ୍ମକ ମାନସିକତା



ହୃତ୍‌ପିଣ୍ଡ ବା ହାର୍ଟ ଆମ ଶରୀରର ଏକ ପ୍ରମୁଖ ଅଙ୍ଗ। ଏହା ସୁସ୍ଥ ରହିଲେ ଆମେ ନୀରୋଗ ରହିବା। ଶରୀରରେ ରକ୍ତ ସଞ୍ଚାଳନରେ ବ୍ୟାଘାତ ସୃଷ୍ଟି ହେଲେ ତାହାର ପ୍ରଭାବ ହାର୍ଟ ଉପରେ ପଡ଼ିଥାଏ। ତା'ସହ ଡାଇବେଟିସ୍, ରକ୍ତଚାପ ଆଦି ସମସ୍ୟା ଏବଂ ନିଶାଦ୍ରବ୍ୟ ସେବନ ପାଇଁ ହୃଦ୍‌ଘାତ ହେବାର ଆଶଙ୍କା ରହିଛି। ତେବେ ହାର୍ଟ କିପରି ସୁସ୍ଥ ରହିବ, ସେ ବିଷୟରେ ଆମେ ସଚେତନ ହେବା ନିହାତି ଜରୁରୀ। ଏ ନେଇ ଏକ ସରଳ ତଥା ସହଜ ଉପାୟ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତି, ତେବେ ତାଙ୍କର ହାର୍ଟ ଆହୁରି ସକ୍ରିୟ ଭାବେ କାର୍ଯ୍ୟ କରିବ। 'ସକାରାତ୍ମକ ମାନସିକତା ଏବଂ ସୁସ୍ଥ ହାର୍ଟ' ଶୀର୍ଷକ ବିଷୟକୁ ନେଇ ଲଣ୍ଡନ ୟୁନିଭର୍ସିଟିର ହୃଦ୍‌ଶଲ୍ୟ ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କର ମାନସିକତାକୁ ତନ୍ନ ତନ୍ନ କରି ତର୍ଜମା କରାଯାଇଥିଲା। ଏଥିରୁ ଜଣାପଡ଼ିଥିଲା ଯେ, ଯେଉଁମାନଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହୁଛି, ସେମାନଙ୍କର ହାର୍ଟ ଅଧିକ ସକ୍ରିୟ ଭାବରେ କାମ କରୁଛି। ତେଣୁ ଜଣେ ବ୍ୟକ୍ତି ଯେତେସମ୍ଭବ ନିଜକୁ ଚାପମୁକ୍ତ ରଖିବା ସହ ନିଜର ମାନସିକତାକୁ ସକାରାତ୍ମକ ରଖିବା ପାଇଁ ସେମାନେ ପରାମର୍ଶ ଦେଇଛନ୍ତି।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ କ୍ଷୀର



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ଯଦି ଜଣେ ବ୍ୟକ୍ତି ନିୟମିତ କ୍ଷୀର ପିଅନ୍ତି, ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ସନ୍ତୁଳିତ ରହିଥାଏ। ବିଶେଷଭାବରେ ଡାଇବେଟିସ୍ ସମସ୍ୟା ଥିଲେ ଖାଦ୍ୟପେୟ ସହ ଜୀବନଶୈଳୀ ପ୍ରତି ନଜର ଦେବାକୁ ପଡ଼େ। କ୍ଷୀର ପିଇବା ଦ୍ୱାରା ସୁଗାର ଲେବୁଲ କେତେକାଂଶରେ ସନ୍ତୁଳିତ ରହିଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେରୁ ଜାଣିପାରିଛନ୍ତି। ପୁଣି ହଳଦୀମିଶ୍ରିତ କ୍ଷୀର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହି କ୍ଷୀରରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଣ୍ଟାରି ଗୁଣ ଡାଇବେଟିସଠାରୁ କେତେକାଂଶରେ ଦୂରେଇ ରଖିଥାଏ। ଡାଲଚିନି ଏବଂ କ୍ଷୀରରେ ଭରପୂର ମାତ୍ରାରେ କ୍ୟାଲ୍‌ସିୟମ, ଆଇରନ୍ ଏବଂ ଭିଟାମିନ୍ ଅଛି। ଏଥିସହ ବିଟା କାରୋଟିନ, ଆଲ୍‌ଫା କାରୋଟିନ୍ ଏବଂ ଲାଇକୋପିନ୍ ରହିଛି, ଯାହା ସୁଗାରକୁ ନିୟନ୍ତ୍ରଣରେ ରଖିଥାଏ। ବାଦାମ କ୍ଷୀର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ କ୍ୟାଲୋରି କମ୍ ରହିଥାଏ ଏବଂ ଭିଟାମିନ୍-ଡି ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଥାଏ, ଯାହା ଶରୀର ପାଇଁ ବେଶ୍ ଉପକାରୀ।

## ପାଚନ ସମସ୍ୟା ଓ ଜିରା



ଠିକ୍ ସମୟରେ ଖାଦ୍ୟ ନ ଖାଇବା କିମ୍ବା ଯାଉସାଉ ଖାଇବା ଦ୍ୱାରା ତାହାର ପ୍ରଭାବ ପାଚନ କ୍ରିୟା ଉପରେ ପଡ଼ିଥାଏ। ଏହାଫଳରେ ଡାଇରିଆ, ବାନ୍ତି କିମ୍ବା ପେଟ କାଟିବା ଭଳି ସମସ୍ୟା ଦେଖାଦେଇଥାଏ। ତେବେ ଏଥିରୁ ଉପଶମ ଲାଭ କରିବାକୁ ଆପଣ ଏକ ଉପାୟ ଆପଣେଇ ପାରନ୍ତି। ତାହା ହେଲା ଜିରାର ବ୍ୟବହାର। ଜିରାରେ ଔଷଧୀୟ ଗୁଣ ଭରି ରହିଛି। ଏହା ଆମ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଜିରାରେ ଥିବା ଏନାଲ ଜେସିକ ତତ୍ତ୍ୱ ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ। ଜିରାକୁ ଭାଜି ସେଥିରେ ଅଳ୍ପ ଲୁଣ ସହିତ ଚୋବାଇ ଖାଇ ଉଷୁମ ପାଣି ପିଇବା ଦ୍ୱାରା ପେଟ ସମସ୍ୟା ଦୂର ହୋଇଥାଏ। ମାସିକ ଋତୁସ୍ରାବଜନିତ ଯନ୍ତ୍ରଣା ପାଇଁ ଜିରା ଲାଭଦାୟକ ସାବ୍ୟସ୍ତ ହୋଇଥାଏ। ଜିରାଗୁଣ୍ଡ ସହିତ ସୈନ୍ଧବ ଲୁଣକୁ ମିଶାଇ ଖାଇପାରନ୍ତି। ଶରୀରରେ ଆଇରନର ମାତ୍ରା କମିଗଲେ ରକ୍ତହୀନତା ସମସ୍ୟା ଦେଖାଦେଇଥାଏ। ତା'ସହ ଦୁର୍ବଳ ଲାଗିଥାଏ। ତେବେ ଦିନକୁ ଦୁଇଥର ଜିରାଗୁଣ୍ଡ କିମ୍ବା ଗୋଟା ଜିରା ଖାଇପାରନ୍ତି। ଜିରାମିଶ୍ରିତ ପାଣି ପିଇଲେ ତାହା ମେଦବହୁଳତା ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖିଥାଏ।

# କ୍ଷତିକାରକ ପଲିଥିନ୍





କମଳାକାନ୍ତ ଜେନା

''ସମୁଦ୍ର ଭିତରେ ଦିନକୁ ଦିନ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧିପାଉଛି। ୧୯୯୭ ମସିହାରେ ପ୍ରଶାନ୍ତ ମହାସାଗରରେ ପଲିଥିନ୍ ଓ ପ୍ଲାଷ୍ଟିକ୍‌ର ବୃହତ୍ ଆବର୍ଜନା ବିଷୟରେ ସୂଚନା ମିଳିଥିଲା। ଏହି ଆବର୍ଜନାକୁ ମାଛ, କଇଁଛ ଇତ୍ୟାଦି ଜଳଜୀବ ଖାଇ ମୃତ୍ୟୁମୁଖରେ ପଡ଼ନ୍ତି। ଏହା ସମୁଦ୍ର ଜଳକୁ ବିଷାକ୍ତ କରେ।''

ବ୍ୟସ୍ତ ଜୀବନ ଭିତରେ ବଜାରକୁ ଯିବା ସମୟରେ ମନେ ପକେଇ ସଉଦାଥଳି ନେବା ଆମ ପାଇଁ ଭାରି କଷ୍ଟ କାମ। ଆମର ଠିକ୍ ମନେପଡ଼ନ୍ତା, ଯଦି ଦୋକାନୀ ପଲିଥିନ୍ ବ୍ୟାଗ୍‌ରେ ପୂରେଇ ସଉଦା ନ ଦିଅନ୍ତା। ଅବଶ୍ୟ ଏବେ ଟିକେ ଟିକେ ମନେପଡୁଛି, କାହିଁକି ନା ଦୋକାନୀ ଭାଇମାନେ ପଲିଥିନ୍ ବ୍ୟାଗ୍ ଦେବାକୁ ମନା କଲେଣି। ଶପିଙ୍ଗ୍ ମଲ୍‌ରେ ବି ବ୍ୟାଗ୍ ପାଇଁ ପଇସା ମାଗିଲେଣି। ତଥାପି ଆମେ କିଣୁଛୁ। ପଲିଥିନ୍ ବ୍ୟାଗ୍ ଓ ପ୍ଲାଷ୍ଟିକ୍ ବୋତଲକୁ ଆମେ ଛାଡ଼ିପାରିବା ନାହିଁ। ସେ ପରା ଆମ ସୁନାପୁଅ। ଆମେ ୬୦ ଲକ୍ଷ ବର୍ଷ ତଳେ ପୃଥିବୀରେ ଆବିର୍ଭାବ ହେଲୁ, ୫୦୦୦ ବର୍ଷ ତଳେ ଚାଷ କାମ ଶିଖିଲୁ। ୨୫୦ ବର୍ଷ ତଳେ ଶିଳ୍ପ ବିପ୍ଲବ ଆରମ୍ଭ ହେଲା। କଳକାରଖାନା ଗଢ଼ି ଉଠିଲା। ଜନସାଧାରଣଙ୍କର ସୁଖସୁବିଧା ସକାଶେ ବୈଜ୍ଞାନିକମାନେ ଗବେଷଣା କଲେ ଓ ଆମ ସୁନାପୁଅ ପଲିଥିନ୍‌କୁ ଆମ ହାତରେ ଧରେଇ ଦେଲେ। ଆମକୁ ଭିନ୍ନ ଭିନ୍ନ ମୋଟେଇର ଭିନ୍ନ ଭିନ୍ନ ଆକାରର ରଙ୍ଗବେରଙ୍ଗର ହାଲୁକା ପଲିଥିନ୍ ଥଳି ମିଳିଗଲା।

ଆମ ସୁନାପୁଅର କରାମତି ବଖାଣିଲେ ସରିବନି। କାଚ ପରି ସ୍ୱଚ୍ଛ, କିନ୍ତୁ କାଚ ତୁଳନାରେ ଢେର ହାଲୁକା। ତଳେ ପଡ଼ିଲେ ଭାଙ୍ଗିବନି କି ଫାଟିବନି। ପାଣିରେ ଭିଜିଗଲେ ଛିଣ୍ଡି ଯିବନି। ପୂରା ମଜଭୁତ, ମାତ୍ର ୩ ଗ୍ରାମ୍ ପଲିଥିନ୍ ବ୍ୟାଗ୍ ଭିତରେ ୫ କେଜି ଡାଲିଚାଉଳ ଝୁଲେଇ ଝୁଲେଇ ବଜାରରୁ ଫେରିହେବ। ଯେଉଁଠି ଅଧ କେଜି ବସ୍ତୁତ୍ୱର କାଚ ବୋତଲ ଭିତରେ ରହୁଥିଲା ମାତ୍ର କେଜିଏ ପାଣି, ସେଠି ମାତ୍ର ୨୦ ଗ୍ରାମ୍ ପଲିଥିନ୍‌ରୁ ତିଆରି ପ୍ଲାଷ୍ଟିକ୍ ବୋତଲରେ ରହୁଛି ୧ ଲିଟର ପାଣି। ଟେକିପିଇବା ସହଜ, ଧରିକି ଯିବା ବି ସହଜ। ଏତେ ଗୁଣବାନ୍ ଚିଜଟା ସୁନାପୁଅ ହେବନି ତ ଆଉ କିଏ ହେବ? ୧୯୩୩ ମସିହାରେ ଇଂଲଣ୍ଡରେ ପଲିଏଥିଲିନ୍ ଜନ୍ମ ନେଲା। ୧୯୬୫ରେ ପଲିଥିନ୍ ବ୍ୟାଗ୍ ରୂପରେ ୟୁରୋପ ବଜାରକୁ ଆସିଲା। ୧୯୭୯ ବେଳକୁ ୟୁରୋପରେ ପଲିଥିନ୍ ବ୍ୟାଗ୍‌ର ବ୍ୟବହାର ୮୦ ପ୍ରତିଶତକୁ ଛୁଇଁଗଲା। ଧୀରେ ଧୀରେ ଆମେରିକା ଓ ଅନ୍ୟ ଦେଶରେ ଏହାର ଆଦର ବଢ଼ିଲା। ସୁନାପୁଅ ପ୍ରତି ଆମ ଆଦର ଦେଖି ବୈଜ୍ଞାନିକମାନେ ତାକୁ ଆହୁରି ଶସ୍ତା ଓ ସୁନ୍ଦର କରିବା ଦିଗରେ ମନ ଦେଲେ। ୨୦୧୧ ବେଳକୁ ସାରା ପୃଥିବୀରେ ୧



ମିନିଟ୍‌ରେ ୧୦ ଲକ୍ଷ ପ୍ଲାଷ୍ଟିକ୍ ଥଳି ବ୍ୟବହାର ହେଲା। ଆଜି ୨୦୨୦ ମସିହାରେ ବ୍ୟବହାର ୮ ଗୁଣକୁ ବୃଦ୍ଧି ପାଇଛି।

ପ୍ଲାଷ୍ଟିକ୍‌ରେ ଆଣ୍ଟିମନି, ବେନ୍‌ଜିନ୍, ଡାଇଅକ୍ସିନ୍, ସୀସା ଓ ଷ୍ଟାଇରିନ୍ ସହିତ ଆଲୁମିନିୟମ୍ ଓ ସିଆନାଇଡ୍ ଭଳି ବିଷ ରହିଛି। ଏସବୁ ବିଷାକ୍ତ ଉପାଦାନର ବାନ୍ତି, ଚର୍ମରୋଗ, ମୁଣ୍ଡବିନ୍ଧା, ପେଟରେ ଘା' ଓ କର୍କଟ ସୃଷ୍ଟି କରାଇବା କ୍ଷମତା ରହିଛି। ଜୀବନକୁ ଦୁର୍ବିଷହ କରିବା ଲାଗି ଆଉ ଅଧିକ କ'ଣ ଦରକାର? ବୋତଲ ପାଣିରେ ମିଶୁଥିବା କ୍ଷୁଦ୍ରାତିକ୍ଷୁଦ୍ର ପ୍ଲାଷ୍ଟିକ୍ କଣିକା (ମାଇକ୍ରୋ-ପ୍ଲାଷ୍ଟିକ୍) ପେଟ ଭିତରକୁ ଗଲା ପରେ ଅନ୍ତନାଡ଼ିର କାନ୍ଥ ଅତିକ୍ରମ କରି ରକ୍ତରେ ମିଶିବାର ଆଶଙ୍କା ରହିଛି। ମାଇକ୍ରୋକଣିକା ପାଇଁ ଏହା କିଛି ଅସମ୍ଭବ ନୁହେଁ।

ପଲିଥିନ୍ ଆସିବା ଆଗରୁ ବଜାର ପାଇଁ କନାରେ ତିଆରି ସଉଦାଥଳି ଥିଲା। କାଗଜ ଠୁଙ୍ଗାରେ ଡାଲିଚାଉଳ ପୂରେଇ ଦୋକାନୀ ଦେଉଥିଲା। ତାକୁ ଥଳିରେ ପୂରେଇ ମଣିଷ ବଜାରରୁ ଆସୁଥିଲା। ଘରକୁ ଆସିଲେ ଡାଲି ଚାଉଳକୁ ଟିଣ ଡବା ଭିତରେ ଢାଳିଦେଇ କାଗଜଠୁଙ୍ଗାକୁ ସାଇତି ରଖୁଥିଲା। ସାଇତି ନ ରଖି ବାହାରେ ଫିଙ୍ଗିଦେଲେ ବି ୨-୪ ସପ୍ତାହରେ କାଗଜଠୁଙ୍ଗା ଶଢ଼ିଯାଇ ମାଟିରେ ମିଶିଯାଉଥିଲା। କିନ୍ତୁ ପଲିଥିନ୍ ସେମିତି ପଡ଼ିରହିଥିବ ୫୦୦ ବର୍ଷ। ତା'ପରେ କ୍ଷୁଦ୍ର କଣିକା ରୂପରେ ମାଟିରେ ମିଶି ମୃତ୍ତିକା ପ୍ରଦୂଷଣ କରିବ। ଆଜି ତୈଳ ସଂପଦ ସରିବାକୁ ବସିଲାଣି। କିନ୍ତୁ ପଲିଥିନ୍ ତିଆରି ପାଇଁ ଏଥିରୁ ୮ ପ୍ରତିଶତ ଖର୍ଚ୍ଚ ହୁଏ। ତିଆରି ବେଳେ ପରିବେଶକୁ ଦୂଷିତ କରେ। ଜୀବନର ଶେଷ ପାହାଚରେ ମଧ୍ୟ ମାଟିରେ ପଡ଼ି ମାଟିକୁ ଖରାପ କରେ। ଆମେ ବି ଆବର୍ଜନା ସଫେଇ ନାମରେ ପଲିଥିନ୍‌କୁ ଏକାଠି କରି ଜାଳିଦେଉ। କିନ୍ତୁ ପଲିଥିନ୍ ଜଳିଲେ ଆହୁରି ବିପଦ। ବରଂ ପଲିଥିନ୍ ବା ପ୍ଲାଷ୍ଟିକ୍‌କୁ ଗୋଟିଏ ଗାତ ଭିତରେ ସେମିତି ପକେଇଦେଲେ, କମ୍ କ୍ଷତି ହେବ। ପଲିଥିନ୍ ଜଳିଲେ ସେଥିରୁ ବିଷାକ୍ତ ଡାଇଅକ୍ସିନ୍, ପାରଦ, ବିସିପି ଓ ଫ୍ୟୁରାନ୍ ବାହାରି ବାୟୁମଣ୍ଡଳରେ ମିଶେ। ଏହା ଉଭୟ ପ୍ରାଣିଜଗତ ଓ ଉଦ୍ଭିଦ ଜଗତ ଉପରେ କୁପ୍ରଭାବ ପକାଏ।

ସମୁଦ୍ର ଭିତରେ ଦିନକୁ ଦିନ ପ୍ଲାଷ୍ଟିକ୍ ଆବର୍ଜନା ବୃଦ୍ଧି ପାଉଛି। ୧୯୯୭ ମସିହାରେ ପ୍ରଶାନ୍ତ ମହାସାଗରରେ ପଲିଥିନ୍ ଓ ପ୍ଲାଷ୍ଟିକ୍‌ର ବୃହତ୍ ଆବର୍ଜନା ବିଷୟରେ ସୂଚନା ମିଳିଥିଲା। ଏହି ଆବର୍ଜନାକୁ ମାଛ, କଇଁଛ ଇତ୍ୟାଦି ଜଳଜୀବ ଖାଇ ମୃତ୍ୟୁମୁଖରେ ପଡ଼ନ୍ତି। ଏହା ସମୁଦ୍ର ଜଳକୁ ବିଷାକ୍ତ କରେ। ପଲିଥିନ୍ ଓ ପ୍ଲାଷ୍ଟିକ୍ ଆବର୍ଜନା ବଡ଼ ବଡ଼ ସହରର ଜଳ ନିଷ୍କାସନ ବ୍ୟବସ୍ଥାକୁ ଅଚଳ କରୁଛି। ତେଣୁ ବର୍ଷା ହେଲେ ସହରର ଜଳ ନିଷ୍କାସନ ହୋଇ ନ ପାରି କୃତ୍ରିମ ବନ୍ୟା ସୃଷ୍ଟି ହେଉଛି। ଏମିତି ଅନେକ କାରଣକୁ ଆଧାର କରି ୨୦୦୨ ମସିହାରେ ପଲିଥିନ୍ ବ୍ୟାଗ୍‌କୁ ବର୍ଜନ କରିବା ପାଇଁ ସର୍ବପ୍ରଥମେ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ପରବର୍ତ୍ତୀ ସମୟରେ ପୃଥିବୀର ଅନ୍ୟ ଦେଶଗୁଡ଼ିକ ସୁନାପୁଅକୁ ବର୍ଜନ କରିବା ସକାଶେ ଆଗେଇ ଆସିଲେ। ୨୦୧୮ ମସିହା ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ମୁଖ୍ୟ ଚିନ୍ତନ ଥିଲା- 'ପ୍ଲାଷ୍ଟିକ୍ ପ୍ରଦୂଷଣ କମ୍ କର'। ଏବେ ଆମ ସୁନାପୁଅ ଉପରେ ସମସ୍ତଙ୍କର କଡ଼ା ନଜର। ଗେଲବସରରେ ବଞ୍ଚି ଆସିଥିବା ଆମ ସୁନାପୁଅ ବିଚରାଟା ଆଜି ସମସ୍ତଙ୍କ ଘୃଣାର ପାତ୍ର ସାଜିଛି।

'ଦ ୱାର୍ଲଡ୍ କାଉଂସ୍ ସାଇଟ୍'ର ଗଣତି ଅନୁଯାୟୀ ୨୦୨୦ ମସିହା ଡିସେମ୍ବର ୯ ତାରିଖ ସୁଦ୍ଧା ଏ ବର୍ଷ ପ୍ରାୟ ୪,୭୦,୯୯୦ କୋଟି ପ୍ଲାଷ୍ଟିକ୍ ବ୍ୟାଗ୍ ତିଆରି ସରିଛି ଓ ୧୧୯ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ଆବର୍ଜନା ସମୁଦ୍ରରେ ମିଶିଛି। ୨୦୦୪ ମସିହାରେ ପୃଥିବୀରେ ଅତି କମ୍‌ରେ ୩୦,୦୦୦ କୋଟି ପ୍ଲାଷ୍ଟିକ୍ ବୋତଲ ତିଆରି ହୋଇଥିଲା। ସେହିପରି ୨୦୧୪ରେ ୪୭,୫୦୦ କୋଟି, ୨୦୧୬ରେ ୪୮,୫୦୦ କୋଟି ତିଆରି ହୋଇଛି। ୨୦୨୧ରେ ୫୮,୦୦୦ରୁ ଅଧିକ ସଂଖ୍ୟକ ବୋତଲ ବଜାରକୁ ଆସିବାର ଯୋଜନା ରହିଛି। ଗତ ୭୦ ବର୍ଷ ଭିତରେ (୧୯୫୦ ମସିହାରୁ) ୮୩୦ କୋଟି ଟନ୍ ଆବର୍ଜନା ସୃଷ୍ଟି ହୋଇଛି। ଭାରତରେ ବର୍ଷକୁ ପ୍ରାୟ ୧୮୦ ଲକ୍ଷ ଟନ୍ ପ୍ଲାଷ୍ଟିକ୍ ବ୍ୟବହୃତ ହେଉଛି ଓ ୯୫ ଲକ୍ଷ ଟନ୍ ଆବର୍ଜନା ସୃଷ୍ଟି ହେଉଛି। ଏକଥା ସତ, ଭାରତରେ ବ୍ୟବହୃତ ବୋତଲର ବ୍ୟବହାର ପ୍ରତି ବର୍ଷ ବଢୁଛି। କିନ୍ତୁ ପୁନଃ ଚକ୍ରୀକରଣ ପ୍ରକ୍ରିୟାରେ ଭାରତସାରା ପୃଥିବୀରେ ଆଗୁଆ ଅଛି। ବ୍ୟବହୃତ ପ୍ଲାଷ୍ଟିକ୍‌ର ପୁନଃ ଚକ୍ରୀକରଣ କରି ୮୦ ପ୍ରତିଶତ ଜିନିଷ ତିଆରି କରୁଛି। ଆମେରିକା ଓ ୟୁରୋପ ତୁଳନାରେ ମଧ୍ୟ ଆଗୁଆ ରହିଛି। ୨୦୨୪ ମସିହା ସୁଦ୍ଧା ୧୦୦ ପ୍ରତିଶତ ପୁନଃ ଚକ୍ରୀକରଣ ସମ୍ଭବ ହେବାର ଯୋଜନା ରହିଛି।

ଶେଷରେ ସୁନାପୁଅ ସମ୍ପର୍କରେ ଗୋଟିଏ କଥା କହିବି। ପଲିଥିନ୍ ଓ ପ୍ଲାଷ୍ଟିକ୍ ପଦାର୍ଥ ତିଆରି ହୋଇ ବଜାରକୁ ଆସିବା ପରେ ସାଧାରଣ ଜନତାଙ୍କୁ ସଚେତନ କରାଯାଉଛି ବ୍ୟବହାର ନ କରିବା ପାଇଁ। ଯଦି ମୂଳରୁ ତିଆରି ହୁଅନ୍ତା ନାହିଁ, ତେବେ ବାଉଁଶ ରହନ୍ତା ନାହିଁ କି ବଇଁଶୀ ବାଜନ୍ତା ନାହିଁ।

- ସହକାରୀ ପ୍ରଫେସର
କୋଅର୍ଡିନେଟର, ସ୍ନାତକୋତ୍ତର ପ୍ରାୟୋଗିକ ପଦାର୍ଥ ବିଜ୍ଞାନ ବିଭାଗ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ
ମୋ: ୯୪୩୯୫୦୧୬୫୧

## ନୋବେଲ୍ ବିଜ୍ଞାନୀ

# ହିଡେକି ୟୁକାୱା

ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ ଭାବେ ଜାପାନରେ ସୁଖ୍ୟାତି ଅର୍ଜନ କରିଥିଲେ ବିଶିଷ୍ଟ ହିଡେକି ୟୁକାୱା। ନ୍ୟୁକ୍ଲିୟର ଫୋର୍ସେସରେ 'ମେସୋନ୍' ନାମକ ପାର୍ଟିକିଲ ଆବିଷ୍କାର ପାଇଁ ତାଙ୍କୁ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ନୋବେଲ ପୁରସ୍କାର (୧୯୪୯) ପ୍ରଦାନ କରାଯାଇଥିଲା। ୧୯୦୭ ମସିହା ଜାନୁୟାରୀ ୨୩ରେ ଜନ୍ମିତ ୟୁକାୱା ନିଜର ଚାରି ଭାଇ ଓ ଦୁଇ ଭଉଣୀଙ୍କ ସହ ଜାପାନରେ ରହୁଥିଲେ। ଜଣେ ମେଧାବୀ ଛାତ୍ର ହୋଇ ନ ଥିବାରୁ ତାଙ୍କ ବାପା ତାଙ୍କୁ ୟୁନିଭର୍‌ସିଟିକୁ ନ ପଠାଇ ଏକ ଟେକ୍ନିକାଲ କଲେଜକୁ ପଠାଇଥିଲେ। ହେଲେ, ପରବର୍ତ୍ତୀ ସମୟରେ ଗଣିତରେ ତାଙ୍କର ଅଧିକ ଦକ୍ଷତା ଥିବା ସେହି କଲେଜର ପ୍ରିନ୍ସିପାଲ୍‌ଙ୍କଠାରୁ ତାଙ୍କ ବାପା ଜାଣିବାକୁ ପାଇଲେ। ୧୯୨୯ ମସିହାରେ ଡିଗ୍ରୀ ହାସଲ କରିସାରିବା ପରେ ସେ ୪ ବର୍ଷ ପାଇଁ ଅଧ୍ୟାପନା କରିଥିଲେ। ହେଲେ, ପରେ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନରେ ବିଶେଷକରି ଏଲିମେଣ୍ଟାରି ପାର୍ଟିକିଲ୍ ଉପରେ ଗବେଷଣା କରିବାକୁ ସେ ଇଚ୍ଛା ପ୍ରକାଶ କଲେ। ୧୯୩୦ ମସିହାରେ 'ମେସୋନ୍' ନାମକ ଏକ ଥିଓରି ବାହାର କରିଥିଲେ। ପ୍ରୋଟୋନ୍ ଓ ନ୍ୟୁଟ୍ରନ୍‌କୁ ନେଇ ଗଠିତ ହୋଇଥାଏ ଆଟମିକ୍ ନ୍ୟୁକ୍ଲି, ଯାହା ମଧ୍ୟରେ ଷ୍ଟ୍ରଙ୍ଗ୍ ଫୋର୍ସ ବା ବଳ ରହିଛି। ହେଲେ, ଉକ୍ତ ଥିଓରି ଅନୁଯାୟୀ ଏହି ଫୋର୍ସ ବା ବଳ ପ୍ରୋଟୋନ୍ ଆଉ ନ୍ୟୁଟ୍ରନ୍ ମଧ୍ୟରେ ହିଁ ରହିଛି ଏବଂ ବଳ ଆଉ ଏଗୁଡ଼ିକର ବସ୍ତୁତ୍ୱ ବା ମାସ୍ ଭିତରେ କିଛି ସମ୍ବନ୍ଧ ରହିଛି। ଏହି ଦୁଇଟିକୁ ନେଇ ସେ ଏକ ପାର୍ଟିକିଲ୍ ବାହାର କଲେ, ଯାହାର ବସ୍ତୁତ୍ୱ ଇଲେକ୍‌ଟ୍ରୋନ୍‌ର ବସ୍ତୁତ୍ୱଠାରୁ ୨୦୦ଗୁଣ ଅଧିକ। ଏହି ନୂଆ ପାର୍ଟିକିଲ୍‌ର ନାଁ ସେ 'ମେସୋନ୍' ଦେଇଥିଲେ। ପରବର୍ତ୍ତୀ ସମୟରେ ଏହି ପାର୍ଟିକିଲ୍ ବିଷୟରେ ଅଧିକ ତଥ୍ୟ ଲୋକଲୋଚନକୁ ଆଣିବାରେ



ସକ୍ଷମ ହୋଇଥିଲେ ଏହି ବିଶିଷ୍ଟ ପଦାର୍ଥବିତ୍। ୧୯୩୫ ମସିହାରେ ଓସାକା ୟୁନିଭର୍‌ସିଟିରେ ଥିବା ବେଳେ 'ଅନ୍ ଦ ଇଣ୍ଟରାକ୍ସନ ଅଫ୍ ଏଲିମେଣ୍ଟାରି ପାର୍ଟିକିଲ୍' ଉପରେ ତାଙ୍କର ଏକ ନିବନ୍ଧ ପ୍ରକାଶିତ ହୋଇଥିଲା। ୧୯୩୭ ମସିହାରେ ଆମେରିକାର ପଦାର୍ଥ ବିଜ୍ଞାନୀମାନଙ୍କ ଦ୍ୱାରା ମଧ୍ୟ ଏହା ପ୍ରଶଂସିତ ହୋଇଥିଲା। ୧୯୪୦ ମସିହାରେ 'ଦ ଇମ୍ପେରିଆଲ୍ ପ୍ରାଇଜ୍ ଅଫ୍ ଦ ଜାପାନ୍', ୧୯୪୩ ମସିହାରେ 'ଡେକୋରେସନ୍ ଅଫ୍ କଲ୍‌ଚରାଲ୍ ମେରିଟ୍' ଆଦି ପୁରସ୍କାରରେ ସେ ସମ୍ମାନିତ ହୋଇଥିଲେ। ୧୯୮୧ ସେପ୍ଟେମ୍ବର ୮ରେ ଏହି ନୋବେଲ ବିଜ୍ଞାନୀ ପରଲୋକ ଗମନ କରିଥିଲେ।

# ଉପକାରୀ ଅଙ୍ଗୁର

ଶରୀରକୁ ଉଭୟ ଶାରୀରିକ ଓ ମାନସିକ ଭାବେ ସୁସ୍ଥ ରଖିବାରେ ଅଙ୍ଗୁରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ଭିଟାମିନ୍ସ, ମିନେରାଲ୍ସ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ରହିବା ସହ ଜଳୀୟଅଂଶ ଭରି ରହିଛି। ତେବେ ଜାଣନ୍ତୁ ଏହାର ଅନ୍ୟ ଉପାଦେୟ ଗୁଣ ସମ୍ପର୍କରେ...

➡ଅଙ୍ଗୁରରେ ଭିଟାମିନ୍-ସି ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି (ଇମ୍ୟୁନୋ ସିଷ୍ଟମ)କୁ ଶକ୍ତ ରଖେ। ଏହା ଆମକୁ ଅନେକାଂଶରେ ଭାଇରାଲ୍ ଇନ୍‌ଫେକସନ୍‌ରୁ ରକ୍ଷା କରେ।

➡ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ କ୍ୟାନ୍‌ସର ସେଲ୍‌କୁ ବଢ଼ିବାକୁ ଦିଏ ନାହିଁ। ଇମ୍‌ଫ୍ଲାମେସନ୍‌କୁ ପ୍ରତିରୋଧ କରିବାର ଶକ୍ତି ଅଙ୍ଗୁରରେ ରହିଛି।

➡ସୋଡିୟମ୍ ଅପେକ୍ଷା ଏଥିରେ ପୋଟାସିୟମ୍ ମାତ୍ରା ଅଧିକ ରହିଛି। ତେଣୁ ଏହା ଶରୀରରେ ବ୍ଲଡ୍ ପ୍ରେସରର ପରିମାଣକୁ ସନ୍ତୁଳିତ ରଖେ।

➡ଏଥିରେ ଥିବା ଫାଇବର୍ ତତ୍ତ୍ୱ କୋଲେଷ୍ଟରଲ୍‌ର ମାତ୍ରାକୁ ସନ୍ତୁଳିତ ରଖିଥାଏ।

➡ପର୍‌କିନୋସନ୍ ଏବଂ ଆଲ୍‌ଜିମର୍ସ ଭଳି ମସ୍ତିଷ୍କଜନିତ ରୋଗରୁ ଏହା କିଛି ମାତ୍ରାରେ ଉପଶମ ଦେଇଥାଏ। ଫଳରେ ମସ୍ତିଷ୍କ ଶକ୍ତ ରହିବା ସହ ଏହାର କାର୍ଯ୍ୟ ଆହୁରି ସକ୍ରିୟ ହୋଇଥାଏ।

➡ଅଙ୍ଗୁରରେ ଭିଟାମିନ୍-କେ, କ୍ୟାଲ୍‌ସିୟମ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ ଥିବାରୁ ଏହା ହାଡ଼, ଅସ୍ଥି ଓ ମଜ୍ଜାକୁ ଶକ୍ତ ରଖିଥାଏ। ତା' ସହ ବାତ ଓ ଆଣ୍ଠୁଗଣ୍ଠି ସମସ୍ୟାଠାରୁ କେତେକାଂଶରେ ଦୂରେଇ ରଖେ।



## ସ୍ୱାସ୍ଥ୍ୟ ସୂଚନା

➢ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ସାମିଲ କରନ୍ତୁ। ଏହା ଆପଣଙ୍କୁ ଦିନତମାମ କାର୍ଯ୍ୟ କରିବା ପାଇଁ ଶକ୍ତି ଯୋଗାଇବାରେ ସହାୟକ ହୋଇଥାଏ। ଅଧିକ ସମୟ ଖାଲି ପେଟରେ ରୁହନ୍ତୁ ନାହିଁ।

➢ଏକ ସୁସ୍ଥ ବୟସ୍କ ବ୍ୟକ୍ତି ପ୍ରତିଦିନ ୬-୮ ଗ୍ଲାସ ପାଣି ପିଇବା ନିହାତି ଜରୁରୀ। ପାଣି ପିଇବାରେ ଏପଟ ସେପଟ ହେଲେ ତାହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ତା' ସହ ଶରୀରରେ ଜଳୀୟ ଶୁଷ୍କତା (ଡିହାଇଡ୍ରେସନ୍) ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି।

➢ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖନ୍ତୁ। କାରଣ ଏପରି ଅଭ୍ୟାସ ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।

➢କୌଣସି କାମ କରିବା ପୂର୍ବରୁ ନିଜର ସାମର୍ଥ୍ୟ ବିଷୟରେ ଅବଗତ ହୁଅନ୍ତୁ। ଯଦି କାମରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲାଗି ରହୁଛନ୍ତି, ତେବେ ନିୟମିତ ସମୟ ଅନ୍ତରାଳରେ କିଛି ସମୟ ବିଶ୍ରାମ ନେଇ କାମ କରନ୍ତୁ। ଏହି ସମୟରେ ବିଚଳିତ ନ ହେବା ଭଲ।

➢ମାନସିକ ଭାବେ ସବୁବେଳେ ସୁସ୍ଥ ରହିବା ପାଇଁ ପ୍ରାଣାୟାମ କରନ୍ତୁ। ଏହା ଆମଠାରେ ନକାରାତ୍ମକ ଭାବନାକୁ ଦୂର କରି ସକାରାତ୍ମକ ଭାବନା ସୃଷ୍ଟି କରିବ।

➢ଖାଲି ପାଦରେ ଦୌଡ଼ିବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ। ଏହା ଦ୍ୱାରା ପାଦ ଉପରେ ଚାପ କମ୍ ପଡ଼ିଥାଏ ଓ ଏହାକୁ ଶକ୍ତ କରାଏ।

➢ଏମିତି କିଛି ରୋଗ ଅଛି, ଯାହାର ଲକ୍ଷଣ ପ୍ରାୟତଃ ଜଣାପଡ଼େନି। ସେଥିପାଇଁ ନିୟମିତ ସମୟ ଅନ୍ତରାଳରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

# ସୂର୍ଯ୍ୟକୁମାରଙ୍କ ବିସ୍ଫୋରକ ଅର୍ଦ୍ଧଶତକ



ଅର୍ଦ୍ଧଶତକୀୟ ଇନିଂସ ଅବସରରେ ସୂର୍ଯ୍ୟକୁମାର ଯାଦବ।

**କୋଲକାତା, ୨୦।୨**

ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ ତଥା ଅନ୍ତିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଭେଙ୍କଟେଶ ଆୟାରଙ୍କ ଉପଯୋଗୀ ସହାୟତା ଯୋଗୁ ଭାରତ ଚ୍ୟାଲେଞ୍ଜିଂ ସ୍କୋର ୧୮୪/୫ କରିପାରିଛି। ସୂର୍ଯ୍ୟକୁମାର ୭ ଛକା ଓ ଗୋଟିଏ ଚୌକା ସହ ୩୧ ବଲ୍‌ରେ ୬୫ ରନ କରିଥିଲେ। ଭାରତ ଶେଷ ୫ ଓଭରରେ ୮୬ ରନ ଯୋଗ କରିଥିଲା। ପେସ୍ ବୋଲିଂ ଅଲରାଉଣ୍ଡର ଭେଙ୍କଟେଶ ଆୟାର ୧୯ବଲ୍‌ରୁ ୩୫ ରନ କରି ଅପରାଜିତ ରହିଥିଲେ। ଉଇକେଟର ଅପରପାର୍ଶ୍ୱରେ ରହି ସେ ୪ ଚୌକା ଓ ୨ ଛକା ଲଗାଇଥିଲେ। ଉଭୟେ ମିଡଲ ଅର୍ଡରରେ ଦଳକୁ ସାମାନ୍ୟ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଦୁହେଁ ୪ର୍ଥ ଉଇକେଟରେ ୩୭ ବଲ୍‌ରେ ୯୧ ରନ ଯୋଗ କରିଥିଲେ। ୱେଷ୍ଟଇଣ୍ଡିଜର ଦୁଇ ସ୍ପିନର ହେଡେନ ୱାଲ୍ସ ଜୁନିୟର (୪-୦-୩୦-୧) ଓ ରୋଷ୍ଟନ ଚେଜ୍ (୪-୦-୨୩-୧) ମିଡଲ ଓଭରଗୁଡ଼ିକରେ ଚମତ୍କାର ବୋଲିଂ କରିଥିଲେ। ଲେଗ୍ ସ୍ପିନର ହେଡେନ ତାଙ୍କ ଦଳ ପାଇଁ ବ୍ରେକ୍‌ଥ୍ରୁ ଆଣିଥିଲେ। ସେ ଶ୍ରେୟାସ ଆୟାରଙ୍କୁ ଲଙ୍ଗ ଅଫ୍ ଅଞ୍ଚଳରେ କ୍ୟାଚ ଆଉଟ କରାଇ ଦେଇଥିଲେ। ପରବର୍ତ୍ତୀ ଓଭରରେ ଚେଜ୍ ଇଶାନ କିଶନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ମ୍ୟାଚରେ ଭାରତୀୟ ବ୍ୟାଟିଂ ଅର୍ଡରକୁ ନୂଆରୂପ ଦିଆଯାଇଥିଲା। ଇଶାନ କିଶନ ଓ ଋତୁରାଜ ଗାଏକ୍‌ୱାଡଙ୍କ ସହିତ ବ୍ୟାଟିଂ ଓପନ କରିବାକୁ ଆସିଥିଲେ। ଶ୍ରେୟାସ ୩ ନମ୍ବର ସ୍ଥାନରେ ବ୍ୟାଟିଂ କରିଥିଲେ। ଅଧିନାୟକ ରୋହିତ ଶର୍ମା ୪ନମ୍ବରର ସ୍ଥାନକୁ ଖସି ଆସିଥିଲେ। ଗତବର୍ଷ ଜୁଲାଇରେ ଶ୍ରୀଲଙ୍କା ବିପକ୍ଷ ସିରିଜରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିବା 'ମହାରାଷ୍ଟ୍ର ରନ ମେସିନ' ଋତୁରାଜ କ୍ରିଜରେ ସ୍ୱଳ୍ପକାଳୀନ ରହଣୀ ସମୟରେ କେତୋଟି ଆକର୍ଷଣୀୟ ଶଟ୍ ଖେଳିଛନ୍ତି। ଆଇପିଏଲ୍ ୨୦୨୨ ମେଗା ନିଲାମିରେ ସବୁଠାରୁ ଦାମି ଖେଳାଳି ବିବେଚିତ ଇଶାନ ଗତ ଦୁଇଟି ମ୍ୟାଚରେ ଭଲ କରିପାରି ନ ଥିଲେ। ରବିବାର ସେ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ସେ ଚତୁର୍ଥ ଓଭରରେ ରୋମାରିଓ ଶେଫର୍ଡଙ୍କ ୪ଟି ବଲ୍‌ରେ ୩ ଚୌକା ଲଗାଇଥିଲେ। ସେ ବ୍ୟକ୍ତିଗତ ୩୪ ରନ ସ୍କୋର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ଇନିଂସ: ୨୦ ଓଭରରେ ୧୮୪/୫ (ସୂର୍ଯ୍ୟକୁମାର ଯାଦବ-୬୫, ଭେଙ୍କଟେଶ ଆୟାର-୩୫*, ଇଶାନ କିଶନ-୩୪, ଶ୍ରେୟାସ ଆୟାର-୨୫; ରୋଷ୍ଟନ ଚେଜ୍-୧/୨୩, ଜାସନ ହୋଲ୍ଡର-୧/୨୯, ହେଡେନ ୱାଲ୍ସ-୧/୩୦)।

# ଚାଇନା ଶୁଟ୍ ପରିଧାନ ପାଇଁ ଦଣ୍ଡ

**ତାଇପେ, ୨୦।୨(ଏପି)**

ଟ୍ରେନିଂ ବେଳେ ଚାଇନା ଟିମ୍‌ର ଏକ ଶୁଟ୍ ଆଣି ପରିଧାନ କରିଥିବାରୁ ତାଇୱାନ ପ୍ରଧାନମନ୍ତ୍ରୀ ଏଥିପାଇଁ ତାଙ୍କ ଦେଶର ଜଣେ ଅଲିମ୍ପିକ ସ୍ପିଡ୍ ସ୍କେଟରଙ୍କୁ ଦଣ୍ଡିତ କରିବାକୁ ଚାହାନ୍ତି। ଦୁଇ ଦେଶ ମଧ୍ୟରେ ତିକ୍ତ ସମ୍ପର୍କ ରହିଛି। ଚାଇନାର ଶାସକ କମ୍ୟୁନିଷ୍ଟ ପାର୍ଟି ତାଇୱାନକୁ ନିଜ ଦେଶର ଏକ ଅଂଶବିଶେଷ ବୋଲି କହି ଆସୁଛି। ତାଇୱାନରେ କିନ୍ତୁ ଦୀର୍ଘଦିନ ହେଲା ନିଜସ୍ୱ ଜାତୀୟ ସରକାର କାର୍ଯ୍ୟ କରିଆସୁଛି। ନିଜକୁ ଏକ ଗଣତନ୍ତ୍ର ଦେଶ ବୋଲି ଦାବି କରି ଆସୁଛି। ବେଜିଂ ୱିଣ୍ଟର ଅଲିମ୍ପିକ୍ସରେ ତାଇୱାନର ଯେଉଁ ୪ଜଣ ଆଥଲେଟ ଭାଗ ନେଇଥିଲେ ସେମାନଙ୍କ ମଧ୍ୟରେ ହୁଆଙ୍ଗ ୟୁ ତିଙ୍ଗ୍ ହେଉଛନ୍ତି ଅନ୍ୟତମ। ସେ ଜାନୁୟାରୀ ୨୩ରେ ସୋସିଆଲ ମିଡିଆକୁ ତାଙ୍କ ଟ୍ରେନିଂ ଉପରେ ଏକ ପୋଷ୍ଟ କରିଥିଲେ। ସେଥିରେ ଏକ ଚାଇନିଜ ଶୁଟ୍ ପରିଧାନ କରିଥିବା ଦେଖିବାକୁ ମିଳିଥିଲା। ପରେ ହୁଆଙ୍ଗ୍ କ୍ଷମାପ୍ରାର୍ଥନା କରିବା ସହ ଭିଡିଓଟିକୁ ପ୍ରତ୍ୟାହାର କରି ନେଇଥିଲେ। ପ୍ରଧାନମନ୍ତ୍ରୀ ସୁ ତିସେଙ୍ଗ୍ ଚାଙ୍ଗ୍ ଘଟଣାର ତଦନ୍ତ କରିବା ଲାଗି ଶିକ୍ଷା ମନ୍ତ୍ରଣାଳୟ ଓ କ୍ରୀଡ଼ା ପ୍ରଶାସନକୁ କହିଛନ୍ତି, ଯଦ୍ୱାରା ହୁଆଙ୍ଗ ଦଣ୍ଡିତ ହୋଇପାରିବେ।



ଗୋଆ ବିପକ୍ଷ ରଣଜୀ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବା ଓଡ଼ିଶାର ଶାନ୍ତନୁ ମିଶ୍ର ଓ ରାଜେଶ ଧୂପର।

# ଶାନ୍ତନୁ ମିଶ୍ରଙ୍କ ଅପରାଜିତ ଶତକ

**ରଣଜୀ ଟ୍ରଫି**

## ଓଡ଼ିଶା-ଗୋଆ ମ୍ୟାଚ୍ ଡ୍ର

**ଅହମଦାବାଦ, ୨୦।୨**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମ (ଗ୍ରାଉଣ୍ଡ 'ବି')ରେ ଓଡ଼ିଶା ଓ ଗୋଆ ମଧ୍ୟରେ ଚାଲିଥିବା ଏଲିଟ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ରବିବାର ଡ୍ର' ଭାବେ ଶେଷ ହୋଇଛି। ଏହି ମ୍ୟାଚରେ ଓଡ଼ିଶା ସମ୍ମୁଖରେ ଗୋଆ ୩୮୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଶନିବାର ତୃତୀୟ ଦିବସ ଖେଳ ଶେଷବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ କୌଣସି ଉଇକେଟ ନ ହରାଇ ୨୨ ରନ ସଂଗ୍ରହ କରିଥିଲା। ରବିବାର ମ୍ୟାଚର ଅନ୍ତିମ ଦିବସରେ ଦଳ ଷ୍ଟମ୍ପ ଅପସାରଣ ବେଳକୁ ୭ ଉଇକେଟ ବିନିମୟରେ ୨୩୯ ରନ କରିପାରିଥିଲା। ଓପନର ଶାନ୍ତନୁ ମିଶ୍ର ୧୦୩ ରନ କରି ଅପରାଜିତ ରହିଥିଲେ। ସେ ୨୬୭ ବଲ୍ ସାମ୍ନା କରି ୧୧ ଟି ଚୌକା ଲଗାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜେଶ ଧୂପର ଦ୍ରୁତ ୫୨ରନ (୧୭ବଲ୍, ୪ ଚୌକା), ସନ୍ଦୀପ ପଟ୍ଟନାୟକ ୩୨ ଓ ଅନୁରାଗ ଷଡ଼ଙ୍ଗୀ ୨୮ରନ କରି ଆଉଟ ହୋଇଥିଲେ। ଅଧିନାୟକ ଶୁଭ୍ରାଂଶୁ ସେନାପତି ମାତ୍ର ୨ରନ କରିପାରିଥିଲେ। ଦେବବ୍ରତ ପ୍ରଧାନ ୨ ଏବଂ ବସନ୍ତ ମହାନ୍ତି ବିନା କୌଣସି ରନରେ ଅପରାଜିତ ରହିଥିଲେ। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚ ଫେବୃୟାରୀ ୨୪ରୁ ୨୭ ସୌରାଷ୍ଟ୍ର ବିପକ୍ଷରେ ଖେଳିବ। ଏହା ଅହମଦାବାଦରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଗୋଆ ପ୍ରଥମ ଇନିଂସ: ୧୮୧। ଓଡ଼ିଶା ପ୍ରଥମ ଇନିଂସ: ୧୮୯। ଗୋଆ ଦ୍ୱିତୀୟ ଇନିଂସ: ୩୯୪/୫। ଓଡ଼ିଶା ଦ୍ୱିତୀୟ ଇନିଂସ: ୧୦୦ ଓଭରରେ ୨୩୯/୭ (ଶାନ୍ତନୁ ମିଶ୍ର-୧୦୩*, ରାଜେଶ ଧୂପର-୫୨, ସନ୍ଦୀପ ପଟ୍ଟନାୟକ-୩୨, ଅନୁରାଗ ଷଡ଼ଙ୍ଗୀ-୨୮; ଅମିତ ଯାଦବ-୨/୨୪, ଦର୍ଶନ ମିସାଲ-୨/୭୬)।

# ପୂର୍ବତନ ଫୁଟ୍‌ବଲ କୋଚ୍‌ଙ୍କ ପରଲୋକ

**ନୂଆଦିଲ୍ଲୀ, ୨୦।୨ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଟିମ୍‌ର ପୂର୍ବତନ କୋଚ୍ ରୁସ୍ତମ ଆକ୍ରାମୋଭଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ସେ ୧୯୯୫ରେ କିମ୍ବଦନ୍ତୀ ବାଇଚୁଙ୍ଗ ଭୁଟିଆଙ୍କୁ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ତାଙ୍କ ସମୟରେ ଭାରତ ଶ୍ରେଷ୍ଠ ଫିଫା ର୍‍ୟାଙ୍କିଙ୍ଗ ହାସଲ କରିଥିଲା। ଜନ୍ମସ୍ଥାନ ଉଜ୍‌ବେକିସ୍ଥାନରେ ତାଙ୍କର ପରଲୋକ ଘଟିଛି। ତାଙ୍କର ଫେବୃୟାରୀ ୧୫ରେ ପରଲୋକ ଘଟିଥିବା ଉଜ୍‌ବେକିସ୍ତାନର ନ୍ୟାଶନାଲ ଅଲିମ୍ପିକ କମିଟି ଅଫିସିଆଲ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ପୂର୍ବତନ ସୋଭିଏଟ୍ ଓ ଉଜବେକିସ୍ତାନ ଫୁଟ୍‌ବଲର ବିକାଶ ସାଧନରେ ଆକ୍ରାମୋଭଙ୍କ ବିଶେଷ ଭୂମିକା ରହିଥିଲା। ତାଙ୍କ ବିୟୋଗରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ଗଭୀର ଶୋକ ପ୍ରକାଶ କରିଛି। ଆକ୍ରାମୋଭ ୧୯୯୫ରୁ ୧୯୯୭ ପର୍ଯ୍ୟନ୍ତ ଜାତୀୟ ଦଳ ଦାୟିତ୍ୱରେ ରହିଥିଲେ।



ରୁସ୍ତମ ଆକ୍ରାମୋଭ

# ବରୋଦାକୁ ହରାଇଲା ବେଙ୍ଗଲ

**କଟକ, ୨୦।୨**

ସ୍ଥାନୀୟ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ରଣଜୀ ଟ୍ରଫି ଗ୍ରୁପ୍ ବି'ର ଏକ ମ୍ୟାଚରେ ବେଙ୍ଗଲ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ବରୋଦା ବିପକ୍ଷରେ ଚମକପ୍ରଦ ୪ ଉଇକେଟରେ ବିଜୟ ହାସଲ କରିଛି। ଅଲରାଉଣ୍ଡର ଶାହାବାଜ ଅହମଦ ଓ ନବାଗତ ଉଇକେଟକିପର ଅଭିଷେକ ପୋରେଲ ଅପରାଜିତ ଅର୍ଦ୍ଧଶତକ ହାସଲ କରି ଦଳକୁ ଜିତାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଇନିଂସରେ ମାତ୍ର ୮୮ରନରେ ଅଲଆଉଟ ହୋଇଯାଇଥିବା ବେଙ୍ଗଲ ୩୪୯ରନର ବିଜୟଲକ୍ଷ୍ୟ ପିଛା କରୁଥିବା ବେଳେ ରବିବାର ମ୍ୟାଚର ୪ର୍ଥ ତଥା ଅନ୍ତିମ ଦିବସରେ ଅହମଦ ଓ ପୋରେଲ ୭ମ ଉଇକେଟରେ ୧୦୮ରନର ଅପରାଜିତ ପାର୍ଟନରଶିପ୍ କରି ସେମାନଙ୍କ ଦଳକୁ ଜିତାଇଥିଲେ। ବେଙ୍ଗଲ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୪୬/୨ରୁ ଖେଳ ଆରମ୍ଭ କରିଥିଲା। ଚତୁର୍ଥ ଦିବସ ଖେଳ ଆରମ୍ଭରେ ପୂର୍ବଦିନରୁ ୭୯ ରନ କରି ଅପରାଜିତ ରହିଥିବା ଅଧିନାୟକ ଈଶ୍ୱରନ କୌଣସି ରନ ଯୋଗ ନ କରି ଚତୁର୍ଥ ବଲ୍‌ରେ ଆଉଟ ହୋଇଯାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବରୋଦା: ୧୮୧ ଓ ୨୫୫। ବେଙ୍ଗଲ: ୮୮ ଓ ୯୧.୩ ଓଭରରେ ୩୫୦/୬ (ଅଭିମନ୍ୟୁ ଈଶ୍ୱରନ-୭୯, ଶାହାବାଜ ଅହମଦ-୭୧*, ଅଭିଷେକ ପୋରେଲ-୫୩*; ଅଭିମନ୍ୟୁ ସିଂ ରାଜପୁତ-୩/୭୩)।

### ହାଇଦ୍ରାବାଦର ବିଜୟ

**ଭୁବନେଶ୍ୱର,୨୦।୨:** ସ୍ଥାନୀୟ ବିକାଶ କ୍ରିକେଟ ଗ୍ରାଉଣ୍ଡରେ ହାଇଦ୍ରାବାଦ ୧୨୭ ରନରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଏଥିସହ ଦଳ ମ୍ୟାଚରୁ ୬ ପଏଣ୍ଟ ହାସଲ କରିଛି।

**ସଂକ୍ଷିପ୍ତ ସ୍କୋର**

ହାଇଦ୍ରାବାଦ: ୩୪୭ ଓ ୨୬୯/୮, ଘୋଷଣା। ଚଣ୍ଡିଗଡ଼: ୨୧୬ ଓ ୫୦.୫ ଓଭରରେ ୧୮୩ (ଅର୍ସଲାନ ଖାନ୍-୬୮; ରବି ତେଜା ୬/୪୧)।



ମ୍ୟାଚ ବିଜୟୀ ଶଟ୍ ଖେଳିବା ପରେ ଉଲ୍ଲସିତ ଶାହାବାଜ ଅହମଦ।







**ବ୍ରାହ୍ମଣ ସମାଜ କାର୍ଯ୍ୟକାରିଣୀ ବୈଠକ**

ଟିଟିଲାଗଡ଼,(ଡି.ଏନ.ଏ. ): ସଭାପତି ବିଶ୍ରାମ ଠାକୁରଙ୍କ ଅଧକ୍ଷତାରେ ଟିଟିଲାଗଡ ଜଗନ୍ନାଥ ମନ୍ଦିରରେ ବ୍ରାହ୍ମଣ ସମାଜର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଚଳିତ ବର୍ଷ ସାମୂହିକ ବ୍ରତୋପନୟନ ଆସନ୍ତା ମେ ୬ ତାରିଖରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯେଉଁମାନେ ନିଜ ପିଲାଙ୍କୁ ବ୍ରତ କରିବା ପାଇଁ ଇଚ୍ଛୁକ ସେମାନେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ସଭାପତି ଠାକୁର, ସମ୍ପାଦକ ବନମାଳୀ ଦାଶ କିମ୍ବା ଟିଟିଲାଗଡ ବ୍ରାହ୍ମଣ ସମାଜର ଯେକୌଣସି ସଭ୍ୟଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ମନ୍ଦରଧର ପଣ୍ଡା, ବୃନ୍ଦାବନ ପଣ୍ଡା, ରାମନାରାୟଣ ମିଶ୍ର, ହିମାଂଶୁ ଦାଶ, ଚିନ୍ତାମଣି ମହାପାତ୍ର, ସୁବୋଧ ଦାଶ, ଶୁକ ଯୋଶୀ, ବ୍ରଜେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଭାଜପା କର୍ମୀଙ୍କୁ ଆକ୍ରମଣ ଅଭିଯୋଗ

**ଭବାନୀପାଟଣା,୨୦।୨(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଦାଦପୁର ପଞ୍ଚାୟତ ଅନ୍ତର୍ଗତ ଯମୁନାବାହାଲ ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ରାଜନୈତିକ ହିଂସା ଘଟିଛି। ପ୍ରଚାର ସାରି ଦଳୀୟ କାର୍ଯ୍ୟାଳୟରେ ବିଶ୍ରାମ ନେଉଥିବା ବେଳେ କେତେକ ଭାଜପା କର୍ମୀଙ୍କୁ ଦୁର୍ବୃତ୍ତମାନେ ଆକ୍ରମଣ କରିଥିଲେ। ଏଥିରେ ସେମାନେ ଆହତ ହୋଇଥିଲେ। ଚିକିତ୍ସିତ ହେବା ପରେ ଏହି ଘଟଣାରେ କେତେଜଣ ବିଜେଡି କର୍ମୀ ସାମିଲ ଥିବା ନେଇ ନେଇ ରବିବାର ଭବାନୀପାଟଣା ସଦର ଥାନାରେ ଏତଲା କରିଛନ୍ତି। ଦୁର୍ବୃତ୍ତମାନେ ଗୋଟିଏ ବାଇକ ଓ ସ୍କୁଟି ଭାଙ୍ଗି ଦେଇଥିବା କୁହାଯାଉଛି।

### ହତ୍ୟା ଅଭିଯୋଗ, ମାମଲା ରୁଜୁ

**ବରଗଡ଼ ଅଫିସ୍,୨୦।୨:** ବରଗଡ଼ ସହର ନଦୀପଡ଼ା (ୱାର୍ଡ ନଂ.୧)ରେ ରବିବାର ଜଣେ ଲୋକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ପଡ଼ାର କହ୍ନେଇ ସାହୁ। ଏ ନେଇ ନେଇ ମୃତକଙ୍କ ପୁଅ ବିଶ୍ୱନାଥ ଟାଉନ ଥାନାରେ ଏତଲା ଦେଇଛନ୍ତି। ତାଙ୍କ ଏତଲାକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା (ନଂ.୯୦/୨୨) ରୁଜୁ କରିଛି। ଅଭିଯୁକ୍ତଙ୍କୁ ଖୋଜାଖୋଜି ଚାଲିଛି ଏବଂ ସେ ଶୀଘ୍ର ଧରାପଡ଼ିବେ ବୋଲି ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ କହିଛନ୍ତି।ପ୍ରକାଶ ଯେ, ନଦୀପଡ଼ା ସ୍ଥିତ ବ୍ୟାଡ୍‌ମିଣ୍ଟନ କୋର୍ଟ ପାଖରେ କହ୍ନେଇ ଗାଡ଼ି ରଖି ଆସୁଥିଲେ। ଏହି ସମୟରେ ଅଭିଯୁକ୍ତଙ୍କ ସହିତ କୌଣସି କାରଣରୁ କଥା କଟାକଟି ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତ ଜଣକ ଏକ ଛୁରିରେ କହ୍ନେଇଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

### କେନ୍ଦୁପତ୍ର କର୍ମଚାରୀ ସଂଘ ଗଠିତ

**ଖପ୍ରାଖୋଲ,୨୦।୨(ଡି.ଏନ.ଏ.):** ବଲାଙ୍ଗୀର ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା କେନ୍ଦୁପତ୍ର ରେଞ୍ଜର ସମସ୍ତ ମୁନସି, ଚପରାସି, ଚେକର ଓ କେନ୍ଦୁପତ୍ର କର୍ମଚାରୀମାନଙ୍କୁ ନେଇ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ହେଡଚେକର ଦ୍ରୋଣ ବନଛୋର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରେଞ୍ଜସ୍ତରୀୟ ନୂତନ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଯଦୁ ପୁଟେଲ, ସମ୍ପାଦକ ମୁରଲୀ ବୁଡ଼େକ, କୋଷାଧକ୍ଷ ଭୋଜରାଜ ବରିହା ମନୋନୀତ ହୋଇଥିଲେ। କେନ୍ଦୁପତ୍ର କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସଂଘ ମାଧମରେ କିପରି ସମାଧାନ ହେବ ତାହା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧରେ ଦୁର୍ଗାନନ୍ଦ ଭୁଏ, ସୁରେଶ କଠାର, ବିହାରୀ ସାହୁ, ଝସକେତନ ବେହେରା, ରବୀନ୍ଦ୍ର ପୋଡ଼, ଯାଦବ ବାରିକ, ପ୍ରମୁଖ ଉପସ୍ଥିତ ଥିଲେ।

### କଳାହାଣ୍ଡି ଜିଲା: ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

**ଧର୍ମଗଡରେ ୮୨.୯୯, ଜୟପାଟଣାରେ ୭୭.୩୧ % ମତଦାନ**

**ଭବାନୀପାଟଣା/କୋକସରା,୨୦।୨ (ସ୍ୱ.ପ୍ର./ଡି.ଏନ୍.ଏ.):** ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର କଳାହାଣ୍ଡି ଜିଲାର ଧର୍ମଗଡ, କୋକସରା ଓ ଜୟପାଟଣା ବ୍ଲକରେ ଶେଷ ହୋଇଛି। ବୁଥ୍‌ଗୁଡିକରେ ଲମ୍ବା ଲାଇନ୍ ଲାଗିଥିବାରୁ ଧାର୍ଯ୍ୟ ସମୟ ପରେ ମଧ ମତଦାନ ଜାରି ରହିଥିଲା। ଧର୍ମଗଡ ବ୍ଲକରେ ୩ଟି ଜିଲା ପରିଷଦ ଜୋନ୍‌ରେ ୨୮୪ ବୁଥ୍‌ରେ ୯୧ ହଜାର ୩୧୫ ଭୋଟରରୁ ୭୫ ହଜାର ୭୭୮ ଭୋଟର ମତାଧିକାର ସାବ୍ୟସ୍ତ କରିଛନ୍ତି। ଯାହାକି ୮୨.୯୯ ପ୍ରତିଶତ। କୋକସରା ବ୍ଲକରେ ୩ଟି ଜିଲା ପରିଷଦ ଜୋନ୍‌ରେ ୨୬୨ଟି ବୁଥ୍‌ରେ ୮୭ହଜାର ୮୩୭ ଭୋଟର ରହିଥିବାବେଳେ ୬୮ହଜାର ୨୮୯ ଭୋଟର ନିଜର ମତ ସାବ୍ୟସ୍ତ କରିଛନ୍ତି। ଯାହାକି ୭୭.୭୫ ପ୍ରତିଶତ। ଏହି ବ୍ଲକର ୩ଟି ଜୋନ୍‌ରେ ୧୩ଜଣ ଜିଲା ପରିଷଦ ପ୍ରାର୍ଥୀ, ସରପଞ୍ଚ ୧୨୪ ଓ ସମିତିସଭ୍ୟ ୯୬ଜଣ ପ୍ରାର୍ଥୀ ସେମାନଙ୍କ ଭାଗ୍ୟ ପରୀକ୍ଷା କରୁଛନ୍ତି। ଜୟପାଟଣା ବ୍ଲକରେ ୩ଟି ଜିଲା ପରିଷଦ ଜୋନ୍‌ରେ ୨୮୭ଟି ବୁଥ୍‌ରେ ୯୩ ହଜାର ୧୯୧ ଭୋଟର ମଧ୍ୟରୁ ୭୨ ହଜାର ୪୭ ଭୋଟର ନିଜର ମତଦାନ ସାବ୍ୟସ୍ତ କରିଛନ୍ତି। ଯାହାକି ୭୭.୩୧ ପ୍ରତିଶତ। ଏହି ବ୍ଲକର ୩ଟି ଜୋନ୍‌ରେ ୯ଟି ଜିଲା ପରିଷଦ ପ୍ରାର୍ଥୀ ଛିଡା ହୋଇଥିବାବେଳେ ୧୩୬ ସରପଞ୍ଚ ଓ ୯୦ଜଣ ସମିତିସଭ୍ୟ ମଇଦାନରେ ରହିଛନ୍ତି। ଏହି ୩ଟି ବ୍ଲକରେ ୫୦ ସମ୍ବେଦନଶୀଳ ବୁଥ୍ ଥିବାବେଳେ ୨୧ ପ୍ଲାଟୁନ୍ ପୋଲିସ ନିୟୋଜିତ ହୋଇଥିଲେ।

# ଦୁଇ ନାବାଳକ ପୁଅଙ୍କୁ ଭେଟିଲା ଡିସିପିୟୁ ଟିମ୍

**ବଲାଙ୍ଗୀର ଅଫିସ, ୨୦।୨**

**ପାଉଣା ମାଗିବାରୁ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରି ଦେଇଥିଲେ ରୋଷେୟା**

ଗତ ୧୪ ତାରିଖ ରାତିରେ ବଲାଙ୍ଗୀର ସହର ଆନନ୍ଦ ନଗରଠାରେ ଜଣେ ମହିଳା କର୍ମଚାରୀଙ୍କ ଦେହକୁ ଜଣେ ରୋଷେୟା ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ସମ୍ପୃକ୍ତ ମହିଳାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଭିମସାରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସମ୍ପୃକ୍ତ ମହିଳା ମନ୍ଦାର ଧରୁଆ (୪୦)ଙ୍କ ମୃତ୍ୟୁ ଘଟିଛି। ମୃତଦେହ ବଲାଙ୍ଗୀର ଆଣି ପରିବାରବର୍ଗଙ୍କୁ ଦିଆଯାଇଛି। ମନ୍ଦାରଙ୍କ ସ୍ୱାମୀଙ୍କର ୨୦୧୪ ମସିହାରେ ମୃତ୍ୟୁ ଘଟିଥିଲା। ବିଧବା ମନ୍ଦାର ତାଙ୍କର ଦୁଇ ନାବାଳକ ପୁଅ ସହ ଭଡାଘରେ ରହୁଥିଲେ। ରୋଷେୟା ମାନସ ମିଶ୍ରଙ୍କ ସହଯୋଗୀ କର୍ମଚାରୀ ଭାବେ ସେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ମନ୍ଦାରଙ୍କ ମୃତ୍ୟୁ ପରେ ତାଙ୍କର ଦୁଇ ନାବାଳକ ପୁଅଙ୍କ ସୁରକ୍ଷା ଓ ଭବିଷ୍ୟତକୁ ନେଇ ବଲାଙ୍ଗୀର ଜିଲା ଶିଶୁ ସୁରକ୍ଷା ୟୁନିଟ୍(ଡିସିପିୟୁ)ର ଅଧିକାରୀ ଲକ୍ଷ୍ମୀ ସିଂ ଓ ଅରୁଣ ଖୁଆସ ଉଭୟଙ୍କୁ ଭେଟିଛନ୍ତି। କିଭଳି ଭାବେ ସେମାନଙ୍କ ଯତ୍ନ ନିଆଯିବ ଓ ସେମାନେ ଶିକ୍ଷା ଓ ମୌଳିକ ଅଧିକାରରୁ ବଞ୍ଚିତ ହେବେନାହିଁ ସେନେଇ ଆଲୋଚନା କରିଛନ୍ତି। ମନ୍ଦାରଙ୍କ ବଡପୁଅ ଏବେ ବିଦ୍ୟାଭୂଷଣ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାନପୁଅ ଟାଉନ୍ ବାଳକ ହାଇସ୍କୁଲରେ ଦଶମ ଶ୍ରେଣୀରେ ପଢୁଛନ୍ତି। ଉଭୟଙ୍କ ଆନୁଷ୍ଠାନିକ ଯତ୍ନ ନିଆଯିବା ଉପରେ ଡିସିପିୟୁ ସିଂ ଗୁରୁତ୍ୱାରୋପ କରିଛନ୍ତି। ଜିଲା ରେଡକ୍ରସରୁ ତାଙ୍କୁ ତୁରନ୍ତ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦେବାକୁ ଅନୁରୋଧ କରିଥିବା ଜଣାପଡିଛି। ବକେୟା ଟଙ୍କା ମାଗିବାରୁ ଜଣେ ମହିଳା କର୍ମଚାରୀଙ୍କ ଦେହରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେବା ଭଳି ବର୍ବର ଘଟଣାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ବଲାଙ୍ଗୀର ପୋଲିସ ଅଭିଯୁକ୍ତ ରୋଷେୟା ମାନସ ମିଶ୍ରଙ୍କୁ ଘଟଣାଦିନ ରାତିରେ ଗିରଫ କରିଥିଲା। ସେ ଏବେ ବିଚାରବିଭାଗୀୟ ହାଜତରେ ଅଛନ୍ତି।

ରୋଷେୟା ମିଶ୍ରଙ୍କ ସହ ମନ୍ଦାର କାମ କରୁଥିବାବେଳେ ତାଙ୍କର କିଛି ବକେୟା ଟଙ୍କା ତାଙ୍କ ପାଖରେ ରହିଯାଇଥିଲା। ଗତ ୧୪ ତାରିଖରେ ମନ୍ଦାର ବକେୟା ଟଙ୍କା ମାଗିବାକୁ ମିଶ୍ରଙ୍କ ଘରକୁ ଯାଇଥିବାବେଳେ ସେ ତାଙ୍କ ଉପରେ ପେଟ୍ରୋଲ ଫିଙ୍ଗି ନିଆଁ ଲଗାଇ ଦେଇଥିଲେ।

# ଦୁଇଦିନ ବ୍ୟାପୀ ହେବ ଦୋଳ ମହୋତ୍ସବ କାର୍ଯ୍ୟକ୍ରମ



ଦୋଳ ମହୋତ୍ସବ ପ୍ରସ୍ତୁତି ବୈଠକରେ ଯାଦବ ସମାଜ କର୍ମକର୍ତ୍ତା।

**ବଲାଙ୍ଗୀର ଅଫିସ,୨୦।୨**

■ ପ୍ରସ୍ତୁତି ବୈଠକରେ ନିଆଗଲା ନିଷ୍ପତ୍ତି
■ ରୌପ୍ୟ ଜୟନ୍ତୀ ପାଇଁ ସ୍ମରଣିକା

ବଲାଙ୍ଗୀର ଯାଦବ ଭବନ ପରିସରରେ ଚଳିତ ବର୍ଷ ପାଇଁ ଆୟୋଜନ ହେବାକୁ ଥିବା ଦୋଳ ମହୋତ୍ସବ ସକାଶେ ରବିବାର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଯାଦବ ସମାଜର ପୌରାଞ୍ଚଳ ସଭାପତି ପଙ୍କଜ ସେଲମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅରକ୍ଷିତ ଜୁଏଡ, ଜିଲା ମୁଖ୍ୟ ଉପଦେଷ୍ଟା ଅଧାପକ ଛବିଳ ବଗର୍ତ୍ତୀ, ପୂର୍ବତନ ଜିଲା ଉପସଭାପତି ବସୁଦେବ ନାଗ, କାର୍ଯ୍ୟକାରୀ ସଭାପତି ଦୂତିବାହନ ଚନ୍ଦନ, ସାଂସ୍କୃତିକ ଶୋଭାଯାତ୍ରା ସଭାପତି ବରୁଣ ହେର୍ଣ୍ଣା, ଦୋଳ ମହୋତ୍ସବ କାର୍ଯ୍ୟକ୍ରମ ସଂଯୋଜକ ପ୍ରଶାନ୍ତ ମହାକୁର ମଞ୍ଚାସୀନ ହୋଇଥିଲେ। ସମ୍ପାଦକ ଅଷ୍ଟମୀ ବଗର୍ତ୍ତୀ ଗତବର୍ଷର ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଗତ ଦୁଇବର୍ଷ ହେଲା କୋଭିଡ୍ ଯୋଗୁଁ ଦୋଳ ମହୋତ୍ସବ ସୀମିତ ଲୋକଙ୍କ ମଧ୍ୟରେ ଆୟୋଜନ ହୋଇଥିଲା। ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଦବ ସମାଜ ବୈଠକରେ ମତପ୍ରକାଶ ପାଇଥିଲା। ରୌପ୍ୟ ଜୟନ୍ତୀ ଅବସରରେ ଏକ ସ୍ମରଣିକା ପ୍ରକାଶ କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଥିଲା। ଦୋଳ ମହୋତ୍ସବରେ ସମସ୍ତଙ୍କ ସମ୍ପୃକ୍ତି ଓ ଭାବାବେଗ କାରଣରୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସବୁବର୍ଗର ଲୋକେ ସ୍ମରଣିକାରେ ଲେଖା ଦେଇପାରିବେ ବୋଲି ଯାଦବ ସମାଜ ପକ୍ଷରୁ କୁହାଯାଇଛି। ଏହାସହ ଦୋଳ ମହୋତ୍ସବ, ଯାଦବଙ୍କ ଗୌଉଡ଼ ବାଡି ତଥା ହୋଲି ଖେଳ ସମ୍ପର୍କିତ ଲେଖା ଆସନ୍ତା ମାର୍ଚ୍ଚ ୫ ତାରିଖ ସୁଦ୍ଧା ଦେବାକୁ ଆହ୍ୱାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦୟାସାଗର ବଗର୍ତ୍ତୀ, କାଳିନ୍ଦ୍ରୀ ହାତୀ, ବୀରେନ୍ଦ୍ର ବନଛୋର, ଖରତମଲ ରାଉତ, ଦିଗାମ୍ବର ମାଝି, ଜୟଦେବ ଜାଲ, ଜୟଦେବ ଜାଲ, ରତ୍ନାକର ଗହୀର, ଈଶ୍ୱର ବାଗ, ଶଙ୍କର ପୋଢ, କିଶୋର ଜାଲ, ଆକୁଳ ବଗର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାମଗ୍ରିକ ବିକାଶ ପାଇଁ କଂଗ୍ରେସକୁ ଭୋଟ ଦିଅନ୍ତୁ'

**ବଲାଙ୍ଗୀର ଅଫିସ, ୨୦।୨**

**ବଲାଙ୍ଗୀର ସଦର ବ୍ଲକରେ ନରସିଂହଙ୍କ ନିର୍ବାଚନୀ ପ୍ରଚାର**



ଜିଲା ପରିଷଦ ପ୍ରାର୍ଥୀ ଯଶୋବନ୍ତୀ ବଘାରଙ୍କ ପାଇଁ ବିଧାୟକ ନରସିଂହ ମିଶ୍ର ପ୍ରଚାର କରୁଛନ୍ତି।

ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ନିର୍ବାଚନୀ ପ୍ରଚାର ରବିବାର ସନ୍ଧ୍ୟାରେ ସରିଛି। ପ୍ରଚାର ଅନ୍ତିମ ଦିନରେ ବଲାଙ୍ଗୀର ସଦର ବ୍ଲକ୍‌ର ସିନ୍ଧୁରବାହାଲ, ଚନ୍ଦନଭାଟି, କଅଁଗାଁ, ମିର୍ଦ୍ଧାପାଲି, କିରାବାହାଲ, ଖଲିଆପାଲି, ରାଣୀପାଲି, ସକମା, ଫାସଡ, ଅମାମୁଣ୍ଡା, ମନହୀରା, ଭଇଁଷା ଓ ବଘାପାଲି ଆଦି ଗାଁରେ ବିଧାୟକ ନରସିଂହ ମିଶ୍ର ମାରାଥନ୍ ପ୍ରଚାର କରିଥିଲେ। ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ କୃଷି, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପ୍ରତ୍ୟେକ ଦିଗରେ ଅଞ୍ଚଳକୁ ଆଗେଇ ନେବାକୁ ହେବ। କଂଗ୍ରେସ ଜିଲା ପରିଷଦ ପ୍ରାର୍ଥିନୀ ଯଶୋବନ୍ତୀ ବଘାରଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଅଞ୍ଚଳକୁ ବିକାଶ ପଥରେ ଆଗେଇ ନିଅନ୍ତୁ ବୋଲି ବିଧାୟକ ମିଶ୍ର ଜନତାଙ୍କୁ ଆହ୍ୱାନ ଦେଇଥିଲେ। ନିର୍ବାଚନୀ ପ୍ରଚାର ସଭାରେ କେନ୍ଦ୍ରର ଭାଜପା ଓ ରାଜ୍ୟ ବିଜେଡି ସରକାରକୁ କଡା ସମାଲୋଚନା କରିଥିଲେ। ଗରିବ, ଆଦିବାସୀ, ପଛୁଆବର୍ଗଙ୍କ ପ୍ରତି ଅନ୍ୟାୟ ଓ ଅବହେଳା କରିଥିବା ବିଜେଡିକୁ ଲୋକେ ଉଚିତ୍ ଜବାବ ଦେବେ ବୋଲି କହିଥିଲେ। ଏହି ନିର୍ବାଚନୀ ସଭାମାନଙ୍କରେ କପିଳ ପାଣିଗ୍ରାହୀ, ମହେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀ ନାରାୟଣ ନାଏକ, ଚୁନା ପାଣିଗ୍ରାହୀ, ଦେବ ପାଣି, ସଂକୀର୍ତ୍ତନ ମେହେର, ତପନ ପାଣିଗ୍ରାହୀ, ଅଜିତ ଦଲେଇ ଉପସ୍ଥିତ ଥିଲେ।

# ଭୋଟ୍ ବର୍ଜନ କଲେ ଗ୍ରାମବାସୀ



ଭୋଇଟିକ୍ରା ଗ୍ରାମବାସୀ ଭୋଟ ବର୍ଜନ କରି ମତଦାନ କେନ୍ଦ୍ର ଆଗରେ ବସିଛନ୍ତି ।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ଜିଲା ବରପାଲି ବ୍ଲକରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ମତଦାନ ରହିଥିଲା। ତେବେ ଏହି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତ ଭୋଇଟିକ୍ରା ଗ୍ରାମବାସୀ ରାସ୍ତା ଦୁରବସ୍ଥା ନେଇ ଭୋଟ ବର୍ଜନ କରିଥିଲେ। ଗ୍ରାମର ପ୍ରାଥମିକ ସ୍କୁଲରେ ୨୧୩ଜଣ ଭୋଟର ଅଛନ୍ତି। ରାସ୍ତା ଉନ୍ନତୀକରଣ ଦାବିରେ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିଙ୍କୁ ଜଣାଇଥିଲେ। ମାତ୍ର କିଛି ସୁଫଳ ମିଳି ନ ଥିବାରୁ ସେମାନେ ଭୋଟ ବର୍ଜନ କରିଥିବା ଗ୍ରାମବାସୀ କହିଛନ୍ତି। ଅନୁରୂପ ଭାବେ ବିଜେପୁର ବ୍ଲକ ସାଲେଡେମକି ଗ୍ରାମବାସୀ ଭୋଟବର୍ଜନ କରିଛନ୍ତି। ଗ୍ରାମରେ ଥିବା ପ୍ରାଥମିକ ସ୍କୁଲକୁ ବନ୍ଦ କରିଦେବା ପ୍ରତିବାଦରେ ସେମାନେ ଏଭଳି ନିଷ୍ପତ୍ତି ନେଇଥିବା ଗ୍ରାମବାସୀ କହିଛନ୍ତି।

# ଭୋଟ୍ ପ୍ରଚାରରେ ବରଗଡ଼ ବିଧାୟକ



ବରଗଡ଼ ବ୍ଲକରେ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଚାର କରୁଛନ୍ତି।

**ବରଗଡ଼ ଅଫିସ୍,୨୦।୨**

ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ଶେଷ ହୋଇଛି। ଜିଲାରେ ଆସନ୍ତା ୨୨ ଏବଂ ୨୪ ତାରିଖରେ ଆଉ ୨ପର୍ଯ୍ୟାୟ ନିର୍ବାଚନ ହେବ। ତେବେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ସବୁ ରାଜନୈତିକ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି। ଏହି କ୍ରମରେ ରବିବାର ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ବରଗଡ଼ ବ୍ଲକ ଅନ୍ତର୍ଗତ ଡୋରା, କଟାପାଲି, ଅଡ଼ଗାଁ, କୁରୁଆଁ, ଖଣ୍ଡହଥା, ଗାଇସୀମା, ଚକରକେନ୍ଦ, ଖଲିଆପାଲି, ନିଲେଶ୍ୱର ଆଦି ପଞ୍ଚାୟତରେ ନିର୍ବାଚନୀ ପ୍ରଚାର କରିଥିଲେ। ଏହି ସମୟରେ ବରଗଡ଼ ବ୍ଲକ ବିଜେଡ଼ି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଜିଲା ପରିଷଦ ପ୍ରାର୍ଥିନୀ ପ୍ରଭାସିନୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ବୌଦ୍ଧ ଜିଲାରେ ଶେଷ ହେଲା ନିର୍ବାଚନ

**ବୌଦ୍ଧ,୨୦।୨(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ୮୧.୦୭ ପ୍ରତିଶତ ମତଦାନ ହୋଇଛି। ହରଭଙ୍ଗା ବ୍ଲକର ତିନୋଟି ଜିଲା ପରିଷଦ ଜୋନ ଓ ୨୨ଟି ପଞ୍ଚାୟତ ପାଇଁ ସରପଞ୍ଚ, ସମିତି ଏବଂ ୱାର୍ଡସଭ୍ୟ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ୪୮୯୮୧ ପୁରୁଷ ଭୋଟରଙ୍କ ମଧ୍ୟରୁ ୩୯୫୪୭ ଜଣ(୮୦.୭୪%) ଓ ୪୫୮୮୬ ମହିଳା ଭୋଟରଙ୍କ ମଧ୍ୟରୁ ୩୭୩୬୧(୮୧.୪୨%) ଜଣ ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି। ତୃତୀୟ ପର୍ଯ୍ୟାୟରେ ସର୍ବମୋଟ ୯୪୮୬୭ ଜଣ ଭୋଟରଙ୍କ ମଧ୍ୟରୁ ୭୬୯୦୮ ଜଣ (୮୧.୦୭%) ନିଜର ମତାଧିକାର ସାବ୍ୟସ୍ତ କରିଛନ୍ତି।

# ଥାନାରେ ଫେରାଦ ହେଲେ ଗ୍ରାମବାସୀ

**ଘରେ ପଶି ମା'ଝିଅଙ୍କୁ ଅସଦାଚରଣ ଘଟଣା**

**ଲୋଇସିଂହା,୨୦।୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବାଦିବାହଲ ପଞ୍ଚାୟତ ଅଞ୍ଚଳରେ ଗତ ୧୩ତାରିଖ ରାତିରେ ଜଣେ ମହିଳା ଓ ତାଙ୍କ ଝିଅ ଅସଦାଚରଣର ଶିକାର ହୋଇଥିବା ଅଭିଯୋଗ ହୋଇଥିଲା। ମହିଳାଙ୍କ ସ୍ୱାମୀ ଘରେ ନ ଥିବାର ସୁଯୋଗ ନେଇ ଅଇଁଠୁ ବାଗ ନାମକ ଜଣେ ବ୍ୟକ୍ତି ଏପରି କରିଥିବା ଅଭିଯୋଗ ପରେ ଦଫା ୩୪୧, ୪୨୭, ୩୨୩, ୩୫୪(ଏ)ରେ ଏକ ମାମଲା(୫୧/୨୨) ରୁଜୁ ହୋଇଥିଲା। ସପ୍ତାହେ ବିତିଯାଇଥିଲେ ସୁଦ୍ଧା ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଏହାର ପ୍ରତିବାଦରେ ପୀଡିତଙ୍କ ଗାଁର ବହୁ ମହିଳା ରବିବାର ଲୋଇସିଂହା ଥାନାକୁ ଆସିଥିଲେ। ହେଲେ ଥାନାରେ ଥିବା କର୍ମଚାରୀ ନିର୍ବାଚନ ଯୋଗୁ ଷ୍ଟାଫ ଅଭାବରୁ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେଉଥିବା କହିବା ପରେ ସେମାନେ ନିରାଶରେ ଫେରିଥିଲେ।



## ବିଦେଶୀ ମଦ ଜବତ, ଜଣେ ଗିରଫ

**ନୂଆପଡ଼ା ଅଫିସ:** ନୂଆପଡା ଜିଲା ସିନାପାଲି ଥାନା ବିଜୁ ଏକ୍ସପ୍ରେସ ରାସ୍ତାରେ ସିନାପାଲି ଅତିରିକ୍ତ ତହସିଲଦାର ପାଟ୍ରୋଲିଂ କରୁଥିବା ବେଳେ ବାଇକ୍ ସହିତ ବିଦେଶୀ ମଦ ଜବତ କରିବା ସହ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଜଣକ କେନ୍ଦୁମୁଣ୍ଡା ପଞ୍ଚାୟତ ଧୂର୍ଙ୍ଗିଆମୁଣ୍ଡା ଗାଁର ଜିତେନ୍ଦ୍ର ଖର୍ସେଲ (୩୨)। ରବିବାର ସିନାପାଲି ଅତିରିକ୍ତ ତହସିଲଦାର ଲକ୍ଷ୍ମଣ ମାଝି ବିଜୁ ଏକ୍ସପ୍ରେସରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ବାଇକ୍ (ନଂ.ସିଜି୦୪ସିୟୁ-୭୨୭୧) ଯୋଗେ ବିଦେଶୀ ମଦ ବିକ୍ରି ପାଇଁ ନେଉଥିବା ବେଳେ ଅଟକାଇ ଯାଞ୍ଚ କରାଯାଇଥିଲା। ୨୩ ଲିଟର ବିଦେଶୀ ମଦ, ଏକ ବାଇକ୍ ସହ ତାଙ୍କୁ ଗିରଫ କରାଯାଇଛି।

### ସଂକ୍ଷେପରେ

## ପ୍ରଚାର ସରିଲା, ମତଦାନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ



ମତଦାନ କେନ୍ଦ୍ରକୁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଛି।

**ଦେଓଗାଁ,୨୦।୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୧୨ ଓ ୧୩ ନଂ ଜିଲା ପରିଷଦ ଜୋନ ଓ ଏହା ଅଧୀନ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟ ପାଇଁ ୨୨ତାରିଖରେ ମତଦାନ ହେବ। ଏଥିପାଇଁ ରବିବାର ସନ୍ଧ୍ୟାରେ ପ୍ରଚାର ସରିଛି। ନିର୍ବାଚନକୁ ମୁକ୍ତ ଓ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଦେଓଗାଁ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫ଟି ଓ କଛାରପାଲିରେ ୫ଟି ବୁଥକୁ ପିଙ୍କ୍‌ବୁଥ କରାଯାଇଥିବା ବ୍ଲକ ସୂତ୍ରରୁ ସୂଚନା ମିଳିଛି। ନିର୍ବାଚନକୁ ନେଇ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବ୍ଲକର ୩୧୩ ବୁଥ୍ ପାଇଁ ୩୧୩ ଜଣ ପୋଲିସ ପରସନାଲ ଓ ୨୨ ମୋବାଇଲ ଟିମ୍ ସମେତ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ବ୍ଲକର ୩୧୩ଟି ବୁଥ ମଧ୍ୟରୁ ସାଲେପାଲି, ବଡବନ୍ଧ, ବ୍ରାହ୍ମଣୀଯୋର, ବନ୍ଧପଡା, ସାରସମାଲ, ଡୁମେରପିଟା, ଜରାସିଂହା, ହାତୀସରା ଆଦି ପଞ୍ଚାୟତ ଗୁଡିକ ଅତି ସମ୍ବେଦନଶୀଳ ପଞ୍ଚାୟତଭାବେ ପରିଗଣିତ ହେଉଛି। ଚଳିତ ଥର ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଅଣ ସଂରକ୍ଷିତ ରହିଥିବାରୁ ଏହି ପଦ ହାତେଇବା ପାଇଁ ବିଜେଡି ଓ କଂଗ୍ରେସ ଦଳ ଅଣ୍ଟା ଭିଡିଛି।

# ବିଜେଡି, ଭାଜପାକୁ ସ୍ୱାଧୀନ ପ୍ରାର୍ଥୀଙ୍କ ଟକ୍କର

**ସୋନପୁର,୨୦।୨(ନି.ପ୍ର.)**

### ଉଲୁଣ୍ଡା ବ୍ଲକ ୧ ନଂ. ଜିଲା ପରିଷଦ ଜୋନ



ବିଜୟଲକ୍ଷ୍ମୀ ତରାଇ
ବିଜେଡି



ଯାଜ୍ଞସେନୀ ସୁନା
ଭାଜପା



ଛଇଳ ସାଗର
କଂଗ୍ରେସ



ସୁଭଦ୍ରା କୁମାରୀ ପଟେଲ
ସ୍ୱାଧୀନ ପ୍ରାର୍ଥୀ

| ୨୦୧୭ ଭୋଟ ଫଳାଫଳ | |
|---|---|
| ଦଳର ନାମ | ପାଇଥିବା ଭୋଟ |
| ଭାଜପା | ୧୫,୭୦୯ |
| ବିଜେଡି | ୯,୬୦୩ |
| କଂଗ୍ରେସ | ୨,୯୨୩ |

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅଧୀନ ୧ ନମ୍ବର ଜିଲା ପରିଷଦ ଜୋନରେ ଚଳିତ ପଞ୍ଚାୟତ ନିର୍ବାଚନରେ ୫ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତାକୁ ଓହ୍ଲାଇଛନ୍ତି। ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଏହି ଜୋନରେ ବିଜେଡିରୁ ବିଜୟଲକ୍ଷ୍ମୀ ତରାଇ, ଭାଜପାରୁ ଯାଜ୍ଞସେନୀ ସୁନା, କଂଗ୍ରେସରୁ ଛଇଳ ସାଗର, ବିଏସ୍‌ପିରୁ ମମତାରାଣୀ ବାରିକ ଓ ସ୍ୱାଧୀନ ପ୍ରାର୍ଥୀ ସୁଭଦ୍ରା କୁମାରୀ ପଟେଲ ଲଢ଼େଇରେ ସାମିଲ ହୋଇଛନ୍ତି। ବିଜେଡିର ବିଜୟଲକ୍ଷ୍ମୀ ଓ ଭାଜପାର ଯାଜ୍ଞସେନୀଙ୍କୁ ସ୍ୱାଧୀନ ପ୍ରାର୍ଥିନୀ ସୁଭଦ୍ରା କଡା ଟକ୍କର ଦେଉଛନ୍ତି। ନିର୍ବାଚନରେ ସୁଭଦ୍ରା ହିଁ ନିର୍ଣ୍ଣାୟକ ଭୂମିକା ନେବେ ବୋଲି ଚର୍ଚ୍ଚା ଚାଲିଛି।

ଏହି ଜୋନରେ ପଞ୍ଚମହଲା, ଉଲୁଣ୍ଡା, ସିଣ୍ଢୋଲ, ଚଢେଇପଙ୍କ, କାଦୋବର, କୋଟସମଲାଇ, ଲସତଲା, ଏସ୍. ପତ୍ରାପାଲି, ଜଉଁରାଭଡଁରା ଓ କ୍ଷେମାଳୟ ଆଦି ୧୦ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୩୨। ଭୋଟର ସଂଖ୍ୟା ୩୬,୨୧୫। ଆସନ୍ତା ୨୪ ତାରିଖ ପଞ୍ଚମ ପର୍ଯ୍ୟାୟରେ ଏଠାରେ ନିର୍ବାଚନ ହେବ। ଅଞ୍ଚଳର ଅଧିକାଂଶ ପଞ୍ଚାୟତ ମହାନଦୀ କୂଳରେ ଅବସ୍ଥିତ ଥିଲେ ହେଁ ଚାଷଜମିକୁ ଜଳସେଚନର ସୁବିଧା ହୋଇପାରିନି। ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଅଳ୍ପ କିଛି ଅଞ୍ଚଳ ରବିରେ ଜଳସେଚିତ ହେଉଛି। ବର୍ତ୍ତମାନ ଡାଲଡବା, କପାସିରା, ଗୌଡଗାଁ, ଚଢେଇପଙ୍କ ଓ ବଡାଲି ଭଳି ୫ଟି ସ୍ଥାନରେ ମେଗା ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ହାତୀ ଉପଦ୍ରବ ଏଠାରେ ମୁଖ୍ୟ ପ୍ରସଙ୍ଗ ହୋଇଛି।

ଏହି ଜୋନ୍‌ରୁ ଭାଜପା ଓ ବିଜେଡି ପ୍ରାର୍ଥୀ ୨ ଥର ଲେଖାଏ ଓ କଂଗ୍ରେସ ପ୍ରାର୍ଥୀ ଥରେ ବିଜୟୀ ହୋଇଛନ୍ତି। ବୀରମହାରାଜପୁର ବିଧାୟକ ତଥା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଏହି ଜୋନରେ ଘର କରି ରହୁଥିବାରୁ ବିଜେଡି ପ୍ରାର୍ଥୀ ବିଜୟୀ ହେବା ତାଙ୍କ ପାଇଁ ସମ୍ମାନର ପ୍ରଶ୍ନ। ବିଜେଡି ପ୍ରାର୍ଥୀ ବିଜୟଲକ୍ଷ୍ମୀ ଏବେ ଲସତଲା ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି। ବିଜେଡିର ସଂଗଠନ ଓ ବିକାଶମୂଳକ କାର୍ଯ୍ୟକୁ ପାଥେୟ କରି ସେ ନିର୍ବାଚନରେ ବିଜୟୀ ହେବାକୁ ଆଶା ରଖିଛନ୍ତି। ତାଙ୍କ ପାଇଁ ମନ୍ତ୍ରୀ ପଦ୍ମନାଭ ଓ ବଲାଙ୍ଗୀରର ପ୍ରାକ୍ତନ ଏମ୍‌ପି କଳିକେଶ ନାରାୟଣ ସିଂହଦେଓ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଭାଜପା ବରିଷ୍ଠ ତଥା ଅନୁଭବୀ ନେତ୍ରୀ ଯାଜ୍ଞସେନୀଙ୍କୁ ପ୍ରାର୍ଥୀ କରିଛି। ସେ ଜିଲାର ପ୍ରଥମ ଜିଲା ପରିଷଦ ଉପାଧ୍ୟକ୍ଷ। ପୂର୍ବରୁ ଚଢ଼େଇପଙ୍କ ପଞ୍ଚାୟତର ସରପଞ୍ଚ ଥିଲେ। ଲୋକ ସମ୍ପର୍କ, ଦଳୀୟ ସଂଗଠନ ଓ କେନ୍ଦ୍ର ସରକାରଙ୍କ ଯୋଜନାକୁ ନେଇ ସେ ଲୋକଙ୍କ ନିକଟକୁ ଯାଉଛନ୍ତି। ଚଳିତ ନିର୍ବାଚନରେ ଲୋକେ ତାଙ୍କୁ ବିଜୟୀ କରିବେ ବୋଲି ସେ ଆଶା ରଖିଛନ୍ତି। ବିଜେଡିର ଅସନ୍ତୁଷ୍ଟ ନେତା ରଷି କୁମାର ପଟେଲଙ୍କ ସ୍ତ୍ରୀ ସୁଭଦ୍ରା ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସୁଭଦ୍ରାଙ୍କ ସପକ୍ଷରେ ସିରିଏଲ ଓ ଆଲବମ ଅଭିନେତ୍ରୀ ପ୍ରଚାର କରୁଥିବା ଦେଖିବାକୁ ମିଳୁଛି। ତାଙ୍କ ରାଲିରେ ପ୍ରବଳ ଭିଡ ହେଉଛି। ଏଠାରେ ବିଜେଡି–ଭାଜପା ଓ ସ୍ୱାଧୀନ ପ୍ରାର୍ଥିନୀଙ୍କ ମଧ୍ୟରେ ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳୁଛି। କଂଗ୍ରେସ ପ୍ରାର୍ଥୀ ଛଇଳ ଘରକୁ ଘର ବୁଲି ପ୍ରଚାର କରୁଛନ୍ତି। ସେ ଦଳର ପାରମ୍ପରିକ ଭୋଟ ହାତେଇବା ସହ ଭୋଟ ହାର ବୃଦ୍ଧି ଲକ୍ଷ୍ୟ ରଖିଛନ୍ତି। ସେହିପରି ବିଏସ୍‌ପିର ମମତା ରାଣୀ ଦଳୀୟ ସମର୍ଥକଙ୍କୁ ଧରି ପ୍ରଚାର ଜାରି ରଖିଛନ୍ତି।

## ମନମୁଣ୍ଡା ଥାନା ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସା

**ବାଉଁଶୁଣୀ,୨୦।୨(ଡି.ଏନ.ଏ.)**

ଚଳିତ ପଞ୍ଚାୟତ ନିର୍ବାଚନରେ ବୌଦ୍ଧ ଜିଲାର ମନମୁଣ୍ଡା ଥାନା ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସା ଦେଖିବାକୁ ମିଳିଛି। ମନମୁଣ୍ଡା ଥାନା ମଶିଣାପଡା ଗ୍ରାମରେ ଉଭୟ ସରପଞ୍ଚ ପ୍ରାର୍ଥୀଙ୍କ ସମର୍ଥକମାନେ ହିଂସାକାଣ୍ଡ ଘଟାଇଛନ୍ତି। ପ୍ରତିପକ୍ଷ ପ୍ରାର୍ଥୀଙ୍କ ସମର୍ଥକମାନେ ମଶିଣାପଡା ଗ୍ରାମର ଉତ୍ତମ ମେହେର, ସ୍ୱାଧୀନ ମେହେର ଓ ମୁରଲୀ ମେହେରଙ୍କ ଗାଡି ଭଙ୍ଗାରୁଜା କରିଥିବା ନେଇ ଥାନାରେ ଦୁଇଟି ଲିଖିତ ଅଭିଯୋଗ ହୋଇଛି। ସେହିପରି ଶନିବାର ପ୍ରତିପକ୍ଷ ପ୍ରାର୍ଥୀଙ୍କ ଶତାଧିକ ସମର୍ଥକ ଆସି ସରପଞ୍ଚ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କସୁରବନ୍ଧ ଗ୍ରାମର ଶିବଶଙ୍କର କର୍ଣ୍ଣଙ୍କ ନିର୍ମାଣାଧୀନ ଢ଼ାବାରେ ପଶି ଭଙ୍ଗାରୁଜା କରିଛନ୍ତି। ସମ୍ବେଦନଶୀଳ ଗ୍ରାମ ପଞ୍ଚାୟତଗୁଡିକରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ ଦୃଷ୍ଟିରେ ରଖି ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହେଉଛି।

## ଶାନ୍ତିଶୃଙ୍ଖଳାରେ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ

**ନୂଆପଡ଼ା ଅଫିସ,୨୦।୨**

ନୂଆପଡା ଜିଲା ଖଡିଆଳ ବ୍ଲକ ଜୋନ ନମ୍ବର ୪, ୫ ଓ ୬ରେ ରବିବାର ମତଦାନ ଶାନ୍ତିଶୃଙ୍ଖଳାର ସହିତ ଶେଷ ହୋଇଛି। ଖଡିଆଳ ବ୍ଲକର ୨୬ ପଞ୍ଚାୟତର ୩୨୧ ୱାର୍ଡରେ ୩୨୧ଟି ମତଦାନ ବୁଥ କରାଯାଇଥିଲା। ୩ଟି ଜୋନରେ ୮୩ ହଜାର ୨୯୪ ଭୋଟରଙ୍କ ମଧ୍ୟରୁ ୪୧ ହଜାର ୯୯୮ ପୁରୁଷ, ୪୧ ହଜାର ୨୯୪ଜଣ ମହିଳା ଓ ୪ଜଣ ତୃତୀୟ ଲିଙ୍ଗୀ ଭୋଟର ରହିଛନ୍ତି। ୩ଟି ଜୋନ ପାଇଁ ଜିଲା ପରିଷଦରେ ୯ଜଣ ପ୍ରାର୍ଥୀ, ୨୬ ପଞ୍ଚାୟତରେ ସରପଞ୍ଚ ପାଇଁ ୧୧୭ଜଣ, ସମିତି ସଭ୍ୟ ପାଇଁ ୯୬ଜଣ ଓ ୩୨୧ ୱାର୍ଡ ପାଇଁ ୫ଶହ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୫୮ ସମ୍ବେଦନଶୀଳ ବୁଥ ଚିହ୍ନଟ କରାଯାଇଥିଲା। ସେକ୍ଟର ଅଫିସର, ପୋଲିସ ପାଟ୍ରୋଲିଂ, ୩୫୪ଟି ପୋଲିଂ ପାର୍ଟି ନିୟୋଜିତ ହୋଇଥିଲେ। ୧୦୬୨ଜଣ ପୋଲିଂ ଅଧିକାରୀ ଓ ୩୨୧ଜଣ ପୋଲିସ କର୍ମଚାରୀ ନିୟୋଜିତ ଥିଲେ।

## ତୃତୀୟ ପର୍ଯ୍ୟାୟରେ ୮୨.୬୩ ପ୍ରତିଶତ ମତଦାନ




ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଭେଡ଼େନ ବ୍ଲକ ଦେକୁଲବାରେ ମତଦାନ କରୁଛନ୍ତି।

**ବରଗଡ଼ ଅଫିସ୍,୨୦।୨**

ବରଗଡ଼ ଜିଲାରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ଭୋଟ୍‌ର ତୃତୀୟ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଜିଲାର ବରପାଲି, ବିଜେପୁର ଏବଂ ଭେଡ଼େନ ବ୍ଲକରେ ଉକ୍ତ ପର୍ଯ୍ୟାୟ ଭୋଟ୍ ଗ୍ରହଣ ହୋଇଥିଲା। ବିଜେପୁର ବ୍ଲକରେ ସର୍ବାଧିକ ୮୭.୧୩ ଏବଂ ଭେଡ଼େନ ବ୍ଲକରେ ସର୍ବନିମ୍ନ ୮୦.୭୧ ପ୍ରତିଶତ ମତଦାନ ହୋଇଛି। ସେହିପରି ବରପାଲି ବ୍ଲକରେ ୮୦.୯୬ ପ୍ରତିଶତ ମତଦାନ ହୋଇଥିବା ଜିଲା ପଞ୍ଚାୟତ ଅଧିକାରୀ ବିରେନ୍ଦ୍ର କୁମାର ହୋତା ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ବରପାଲି ବ୍ଲକରେ ୮୬ହଜାର ୪୪୬ଭୋଟର ଅଛନ୍ତି। ସେଥିମଧ୍ୟରୁ ୪୧ ହଜାର ୮୦୫ ମହିଳା ଏବଂ ୪୪ହଜାର ୬୩୩ ପୁରୁଷ ଭୋଟର ଅଛନ୍ତି। ଏହି ବ୍ଲକରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୬୯ହଜାର ୯୯୧ (୩୩ହଜାର ୬୮ମହିଳା, ୩୬ହଜାର ୯୨୩ପୁରୁଷ) ଭୋଟର ମତଦାନ କରିଛନ୍ତି। ବିଜେପୁର ବ୍ଲକରେ ୭୪ ହଜାର ୩୦୧ଭୋଟର ଅଛନ୍ତି। ସେଥିମଧ୍ୟରୁ ୩୬ହଜାର ୧୨୧ ମହିଳା ଏବଂ ୩୮ହଜାର ୧୮୦ ପୁରୁଷ ଭୋଟର ଅଟନ୍ତି। ଏହି ବ୍ଲକରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୬୪ ହଜାର ୭୪୧ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରେ ୩୧ ହଜାର ୫୫ ମହିଳା ଏବଂ ୩୩ ହଜାର ୬୮୬ ପୁରୁଷ ଭୋଟର ଅଛନ୍ତି। ଉକ୍ତ ୩ ବ୍ଲକ ମଧ୍ୟରୁ ଭେଡ଼େନ ବ୍ଲକରେ ସର୍ବାଧିକ ୯୯ହଜାର ୮୮୦ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୮ହଜାର ୫୧୬ ମହିଳା ଏବଂ ୫୧ହଜାର ୩୬୨ ପୁରୁଷ ଭୋଟର ଅଛନ୍ତି। ଚଳିତ ନିର୍ବାଚନରେ ସମୁଦାୟ ଭୋଟରଙ୍କ ମଧ୍ୟରୁ ୮୦ହଜାର ୬୧୪ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିଛନ୍ତି। ସେଥିରୁ ୩୭ହଜାର ୮୫୦ ମହିଳା ଓ ୪୨ହଜାର ୭୬୪ ପୁରୁଷ ଭୋଟର ଅଟନ୍ତି।

## ସ୍ଥାୟୀ ରାସ୍ତା ଦାବିରେ ଭୋଟ ବର୍ଜନ କଲେ ଦୁଇ ୱାର୍ଡବାସୀ

**ବୌଦ୍ଧ,୨୦।୨(ସ୍ୱ.ପ୍ର.):** ବୌଦ୍ଧ ଜିଲାର ହରଭଙ୍ଗା ବ୍ଲକରେ ରବିବାର ତୃତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ଥିବା ବେଳେ ସ୍ଥାୟୀ ରାସ୍ତା ଦାବିରେ ଦୁଇ ୱାର୍ଡବାସୀ ଭୋଟ ବର୍ଜନ କରିଛନ୍ତି। ବ୍ଲକର ବଣପାହାଡ ଘେରା ତଥା ଆଦିବାସୀ ଅଧୁଷିତ ପଞ୍ଚାୟତ ହେଉଛି ଆଡେଣୀଗଡ। ଉକ୍ତ ପଞ୍ଚାୟତର କଣ୍ଡରା, କାଚପାଜୁ, ବାଙ୍କପାଜୁ, ସାରୁପଦର ଓ ସୁଲକେଟି ଗ୍ରାମଗୁଡିକ ବଣ ପାହାଡ ଘେରା ଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏଠାକାର ଲୋକଙ୍କୁ ମୌଳିକ ସୁବିଧା ମିଳି ପାରିନାହିଁ। କାଚପାଜୁ ବାଙ୍କପାଜୁ ଓ ସୁଲକେଟି ଆଡେଣିଗଡ ଗ୍ରାମ ପଞ୍ଚାୟତର ୭ ନମ୍ବର ୱାର୍ଡ ହୋଇଥିବା ବେଳେ କଣ୍ଡରା ଓ ସାରୁପଦର ଗ୍ରାମ ଦୁଇଟି ୧୩ ନମ୍ବର ୱାର୍ଡ। ଉଭୟ ୱାର୍ଡରେ ପାଖାପାଖି ୪୦୦ ଭୋଟର ଅଛନ୍ତି। କିନ୍ତୁ ଗ୍ରାମଗୁଡିକୁ ସବୁଦିନିଆ ରାସ୍ତା ନ ଥିବାରୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପରେ ବି କିଛି ପଦକ୍ଷେପ ନିଆ ନ ଯିବାରୁ ଗତ ୮ ତାରିଖରେ ଗ୍ରାମବାସୀ ମାଧପୁରଠାରେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ସେହି ସମୟରେ ନିର୍ବାଚନ ଆଚରଣ ବିଧି ଥିବାରୁ ଏବେ କରାଯାଇପାରିବ ନାହିଁ ଓ ପରେ ତଦାରଖ କରି ପଦକ୍ଷେପ ନିଆଯିବ ବୋଲି କୁହାଯିବାରୁ ରାସ୍ତାରୋକୋ ହଟିଥିଲା। ତେବେ ଗ୍ରାମବାସୀ ରାସ୍ତା ନ ହେଲେ ଭୋଟ ବର୍ଜନ କରିବାକୁ ଚେତବନୀ ଦେଇଥିଲେ। ଫଳରେ ରବିବାର ଦୁଇ ୱାର୍ଡବାସୀ ଭୋଟ ବର୍ଜନ କରିଛନ୍ତି।

## ଭୋଟ ବର୍ଜନ କଲେ ତୁନଗାଁ, କୁଟୁରୁ ଗ୍ରାମବାସୀ

**କୋକସରା,୨୦।୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକରେ ୩ୟ ପର୍ଯ୍ୟାୟ ମତଦାନ ରବିବାର ଶେଷ ହୋଇଛି। ହେଲେ ବ୍ଲକର କନ୍ଦାବୁଟ୍ରା ପଞ୍ଚାୟତ ତୁନଗାଁର ୫ଟି ୱାର୍ଡ ଓ ଆମପାଣି ପଞ୍ଚାୟତ କୁଟୁରୁର ଗୋଟିଏ ୬ ନଂ. ୱାର୍ଡରେ ମୌଳିକ ସମସ୍ୟା ନେଇ ଲୋକେ ଭୋଟ ବର୍ଜନ କରିଛନ୍ତି। ସୂଚନା ଅନୁସାରେ, କନ୍ଦାବୁଟ୍ରା ପଞ୍ଚାୟତ କାର୍ଯ୍ୟାଳୟ ତୁନଗାଁରେ ନିର୍ମାଣ ନେଇ ପୂର୍ବରୁ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଥିଲା। ଏହାକୁ ଅଣଦେଖା କରି ପଞ୍ଚାୟତ କାର୍ଯ୍ୟାଳୟ ତୁନଗାଁ ପରିବର୍ତ୍ତେ କନ୍ଦାବୁଟ୍ରାରେ ନିର୍ମାଣକୁ ବିରୋଧ କରି ପୂର୍ବରୁ ଅନେକ ସମୟରେ ଗ୍ରାମବାସୀ ପ୍ରତିବାଦ କରି ଆସୁଛନ୍ତି। ଏହି ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ଆଜି ପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଇ ନ ଥିବାରୁ ନିଜର ମୌଳିକ ଦାବି ନେଇ ତୁନଗାଁର ୫ଟି ୱାର୍ଡର ୧୨୨୮ଜଣ ଭୋଟ ବର୍ଜନ କରିଛନ୍ତି। ସେହିପରି ଆମପାଣି ପଞ୍ଚାୟତ କୁଟୁରୁ ଗାଁରେ ପାନୀୟ ଜଳ ସମସ୍ୟା, ମୋବାଇଲ ନେଟୱାର୍କ, ସ୍ୱାସ୍ଥ୍ୟସେବା, ଗମନାଗମନ ଆଦି ସମସ୍ୟା ନେଇ ୱାର୍ଡ ୬ର ୧୯୪ଜଣ ଭୋଟର ମତାଦାନରେ ଭାଗ ନେଇ ନ ଥିବା ଜଣାପଡ଼ିଛି। ଉଭୟ ଗାଁରେ ପୋଲିଂ କର୍ମଚାରୀ ପହଞ୍ଚି ଥିଲେ ମଧ୍ୟ ଗ୍ରାମବାସୀ ନିଜର ହକ ପ୍ରଶାସନ ନିକଟରେ ଜାହିର କରିବା ପାଇଁ ମତାଦାନ କରିନାହାନ୍ତି। ତୁନଗାଁରେ କୌଣସି ଅପ୍ରୀତିକର ପରିସ୍ଥିତି ନ ଉପୁଜିବା ପାଇଁ ଏସଡିପିଓ ଅବିନାଶ ସୋନକରଙ୍କ ସମେତ କୋକସରା ଥାନାଧିକାରୀ ପ୍ରସନ୍ନ ବେହେରା ଓ ପୋଲିସ ପହଞ୍ଚି କୌଣସି ଅଶାନ୍ତିକର ପରିସ୍ଥିତି ସୃଷ୍ଟି ନ କରିବାକୁ ଅନୁରୋଧ କରିଥିଲେ।



ଭୋଟ ବର୍ଜନ କରିଥିବା ଗ୍ରାମବାସୀ।

## ବୁଥ୍ ସ୍ଥାନାନ୍ତର ନେଇ ପ୍ରଶାସନର ଆଲୋଚନା

**ବୋଡେନ,୨୦।୨(ଡି.ଏନ.ଏ.)**

ନୂଆପଡ଼ା ଜିଲା ବୋଡେନ ବ୍ଲକରେ ଚଳିତ ପଞ୍ଚାୟାତ ନିର୍ବାଚନର ଶେଷ ପର୍ଯ୍ୟାୟ ୨୪ ତାରିଖରେ ଭୋଟ ଗ୍ରହଣ ଅନୁଷ୍ଠିତ ହେବ। ଏ ନେଇ ବ୍ଲକ ପ୍ରଶାସନର ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଶାନ୍ତିଶୃଙ୍ଖଳା ଓ ଅବାଧ ଭୋଟ ଗ୍ରହଣ ପାଇଁ ପ୍ରଶାସନ ତଥା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅବାଧ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥଗୁଡିକୁ ଚିହ୍ନଟ କରି ସ୍ୱତନ୍ତ୍ର ଦୃଷ୍ଟି ରଖାଯାଇଥିବା ଜଣାପଡିଛି। ଏହି ପରିପ୍ରେକ୍ଷୀରେ ମାଓବାଦୀ ପ୍ରବଣ ନାଗପଡା ପଞ୍ଚାୟତର ପାହାଡିଆ ତଥା ଉପାନ୍ତ ଗାଁ ଭୁଇଁପାଣିକୁ ଅତିସମ୍ବେଦନଶୀଳ ବୁଥ ଭାବେ ଚିହ୍ନଟ କରାଯାଇଛି। ପ୍ରଶାସନ ପକ୍ଷରୁ ବୁଥକୁ ଭୁଇଁପାଣି ଗାଁରୁ ସ୍ଥାନାନ୍ତର କରି ଝରଣାମାଲରେ କରିବାକୁ ଯୋଜନା କରାଯାଇଥିଲା। ବୋଡେନବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଅଧିକାରୀଙ୍କ ଏକ ଟିମ୍ ରବିବାର ଭୁଇଁପାଣିରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ବିସ୍ତୃତ ଆଲୋଚନା ପରେ ଭୋଟଦାତା ଝରଣାମାଲ ପର୍ଯ୍ୟନ୍ତ ଯିବାକୁ ଗାଡିର ବ୍ୟବସ୍ଥା କରିବାକୁ ପ୍ରଶାସନ ରାଜି ହେବା ପରେ ଗ୍ରାମବାସୀ ଝରଣାମାଲରେ ବୁଥ କରିବାକୁ ସହମତି ପ୍ରକାଶ କରିଥିଲେ। ଏହି ଆଲୋଚନାରେ ବୋଡେନ ବିଡିଓ ଭୋଇଙ୍କ ସହ ତହସିଲଦାର ରାଜେଶ ମେହେର, ଏବିଇଓ ପ୍ରେମାନନ୍ଦ ନାଏକ ଓ ବ୍ଲକ ତଥା ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ସହ ସମସ୍ତ ପ୍ରାର୍ଥୀ ଉପସ୍ଥିତ ରହି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନା ଯୋଗ୍ୟ ଯେ, ଭୁଇଁପାଣି ଗ୍ରାମରେ ୨୪୩ ପୁରୁଷ ଓ ୨୪୪ ମହିଳା ମୋଟ ୪୮୭ ଜଣ ଭୋଟର ଅଛନ୍ତି।



ପ୍ରଶାସନିକ ଅଧିକାରୀଙ୍କ ସହ ଗ୍ରାମବାସୀଙ୍କ ଆଲୋଚନା ଚାଲିଛି।

## ୨୩ରେ ଠାକୁରପାଲିରେ ସାନି ଭୋଟ୍

**ଲୋଇସିଂହା,୨୦।୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକରେ ଶୁକ୍ରବାର ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚାୟତ ନିର୍ବାଚନ ବେଳେ ସରଗାଡା ପଞ୍ଚାୟତ ଠାକୁରପାଲି ଗାଁ ୧୧ ନମ୍ବର ବୁଥରେ ସରପଞ୍ଚ ପ୍ରାର୍ଥୀଙ୍କ ବାଲଟ ପେପର ମୋଡାକୁ ନେଇ ପକ୍ଷପାତିତା ଅଭିଯୋଗ ହୋଇଥିଲା। ଜିଲା ପ୍ରଶାସନର ହସ୍ତକ୍ଷେପ ପରେ କେବଳ ସରପଞ୍ଚ ଭୋଟ ସ୍ଥଗିତ ରହିଥିଲା। ଅନ୍ୟ ପଦବୀ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ସେହିଦିନ ଅନିୟମିତତା ସଂକ୍ରାନ୍ତରେ ରାଜ୍ୟ ନିର୍ବଚନ କମିଶନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ନିର୍ବଚନ କମିଶନଙ୍କ ନିର୍ଦ୍ଦେଶ ମୁତାବକ ଆସନ୍ତା ୨୩ ତାରିଖରେ ଠାକୁରପାଲିରେ ସାନି ମତଦାନ କରାଯିବ। ସକାଳ ୯ରୁ ଅପରାହ୍ଣ ୩ଟା ଯାଏ ଭୋଟ ଗ୍ରହଣ କରାଯିବ ବୋଲି ଜିପିଓ କିଶୋର ମାନସିଂଙ୍କ ସୂତ୍ରରୁ ପ୍ରକାଶ।

## ସାନି ମତଦାନକୁ ବିରୋଧ କରି ଜାତୀୟ ରାଜପଥ ଅବରୋଧ

**ବାଉଁଶୁଣୀ,୨୦।୨(ଡିଏନଏ.)**

ସାନି ମତଦାନ ନିର୍ଦ୍ଦେଶକୁ ବିରୋଧ କରି ବୌଦ୍ଧ ଜିଲା ରକ୍ସା ପଞ୍ଚାୟତର ଲୋକେ ରବିବାର ଦୀର୍ଘ ୭ ଘଣ୍ଟା ଧରି ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଚଉଁରିଆପଦର ଛକରେ ରାସ୍ତାରୋକୋ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବ୍ୟାହତ ହେବା ସାଙ୍ଗକୁ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ଗତ ୧୮ ତାରିଖ ପଞ୍ଚାୟତ ନିର୍ବାଚନ ସମୟରେ ରକ୍ସା ପଞ୍ଚାୟତର ଚଉଁରିଆପଦର ବୁଥ ଜବରଦଖଲ ହୋଇଥିବା ଅଭିଯୋଗ ହୋଇଥିଲା। ଏଣୁ ଆସନ୍ତା ୨୩ ତାରିଖରେ ସେହି ବୁଥରେ ସାନି ମତଦାନ କରିବାକୁ ପ୍ରଶାସନ ତରଫରୁ ନିର୍ଦ୍ଦେଶ ଜାରି କରାଯାଇଛି। ଏହାକୁ ଚଉଁରିଆପଦର ଗ୍ରାମବାସୀ ବିରୋଧ କରିଛନ୍ତି। ଚଉଁରିଆପଦର ଗାଁରେ ଯଦି ସାନି ମତଦାନ କରାଯାଏ ତାହେଲେ ସେହି ପଞ୍ଚାୟତର ଅମୁର୍ଡା ଏବଂ ମହେଶ୍ୱରପିଣ୍ଡା ବୁଥରେ ମଧ୍ୟ ସାନି ମତଦାନ କରାଯାଉ ବୋଲି ସେମାନେ ଅଡି ବସି ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୭ଟା ଯାଏ ରାସ୍ତାରୋକୋ କରିଥିଲେ। ଅମୁର୍ଡା ଏବଂ ମହେଶ୍ୱରପିଣ୍ଡା ବୁଥରେ ମୃତ ବ୍ୟକ୍ତିଙ୍କ ନାଁରେ ଭୋଟ ଦିଆଯାଇଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଥିଲେ। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଜିଦ ଧରିଥିଲେ। ଖବରପାଇ ବୌଦ୍ଧ ଅତିରିକ୍ତ ଜିଲାପାଳ ବବିତା ରାଣୀ ଦଳବେହେରା, ବୌଦ୍ଧ ଏସଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, କଣ୍ଟାମାଳ ଥାନା ଅଧିକାରୀ ତପସ୍ୱିନୀ କଅଁର, ମନମୁଣ୍ଡା ଥାନା ଅଧିକାରୀ ଗୋପୀନାଥ ପ୍ରଧାନଙ୍କ ସମେତ ଏକ ପ୍ଲାଟୁନ ପୋଲିସ ଫୋର୍ସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହାର ସମାଧାନ ପାଇଁ ଆସନ୍ତାକାଲି ଏହି ପଞ୍ଚାୟତର ଦୁଇ ସରପଞ୍ଚ ପ୍ରାର୍ଥୀ ଜିଲାପାଳଙ୍କୁ ଭେଟିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରି ଯାଇଥିଲେ। ତେବେ ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ଚଉଁରିଆପଦର ଛକରେ ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ସୁବର୍ଣ୍ଣପୁର ଜିଲାରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ

**ସୋନପୁର,୨୦।୨(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ତୃତୀୟ ପର୍ଯ୍ୟାୟ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ରବିବାର ସରିଛି। ନିର୍ଦ୍ଧାରିତ ସମୟରେ ତରଭା ବ୍ଲକର ୨୬୨ଟି ମତଦାନ କେନ୍ଦ୍ରରେ ଭୋଟରମାନେ ସେମାନଙ୍କ ପ୍ରତିନିଧି ଚୟନ ପାଇଁ ମତଦାନ କରିଛନ୍ତି। ଜିଲାର ତରଭା ବ୍ଲକରେ ମୋଟ ୮୭.୪୩ ପ୍ରତିଶତ ମତଦାନ ହୋଇଛି। ମତାଧିକାର ସାବ୍ୟସ୍ତ ପାଇଁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳିଥିଲା। କେନ୍ଦ୍ର ଗୁଡିକରେ ସକାଳ ୭ଟାରୁ ଲମ୍ବା ଲାଇନ ଲାଗିଥିଲା। ୨୧ ପଞ୍ଚାୟତ ବିଶିଷ୍ଟ ତରଭା ବ୍ଲକର ୨ଟି ଜୋନରେ ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ପାଇଁ ଜିଲା, ବ୍ଲକ ପ୍ରଶାସନ ଓ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା। ବ୍ଲକର ୬୧୫୭୫ ଭୋଟର ୮ ଜିଲା ପରିଷଦ ସଭ୍ୟାସଭ୍ୟଙ୍କ ସହ ୫୧ ସରପଞ୍ଚ, ୬୩ ସମିତି ସଭ୍ୟ ଓ ୧୪୫ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଛନ୍ତି।



ଭୋଟ ଗ୍ରହଣ କେନ୍ଦ୍ର ସମ୍ମୁଖରେ ଭୋଟର ଧାଡିରେ ଛିଡା ହୋଇଛନ୍ତି।

ଏହି ବ୍ଲକ ଅଧିନ ୧ ନମ୍ବର ଜୋନରେ ରାଣୀସର୍ଡା, ମେଣ୍ଡା, ଦେଉଳପଦର, ପାଇକବାହାଲ, ଶିବତୁଲା, ପୁଆ, କଣ୍ଟାପାଲି, ଜରାଜାରିଙ୍ଗ, ଝାରତରଭା, ବଡଭଇଁରୋ ଓ ମରାଡୁଗୋଛା ଆଦି ୧୧ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୩୯। ଭୋଟର ସଂଖ୍ୟା ୩୨୧୦୩। ୨ ନମ୍ବର ଜିଲା ପରିଷଦ ଜୋନରେ ସରଗଜ, ଦୁବୁଳା, ଉଲୁଣ୍ଡା, ବଘିଆ, ସିଂଘାରୀ, କମସରା, କୁମ୍ଭାରମୁଣ୍ଡା, ବ୍ରାହ୍ମଣୀ, ଚାରଭଟା ଓ ବାଲିଖମାର ଆଦି ୧୦ଟି ପଞ୍ଚାୟତ ରହିଛି। ଜୋନର ମୋଟ ବୁଥ୍ ସଂଖ୍ୟା ୧୨୩। ଭୋଟର ସଂଖ୍ୟା ୨୯୪୭୨। ନିର୍ବାଚନ ପରିଚାଳନା ପାଇଁ ପୋଲିଂ ଦଳ ଓ ଭୋଟ ଗ୍ରହଣ ତଦାରଖ ସହ ଜରୁରୀକାଳୀନ ସହାୟତା ପାଇଁ ସେକ୍ଟର ଅଫିସରଙ୍କୁ ଦାୟିତ୍ୱ ଦିଆ ଯାଇଥିଲା। ସେହିପରି ପୂର୍ବରୁ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ବୁଥ୍‌ରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା। ଏହା ସହିତ ମୋବାଇଲ ପୋଲିସ ଟିମ୍ ବ୍ୟବସ୍ଥା ହୋଇଥିଲା। ପ୍ରତ୍ୟେକ ଟିମ୍‌ରେ ଜଣେ ସବ୍ ଇନ୍ସପେକ୍ଟରଙ୍କ ସହ ୩ ଜଣ ଓଏସଏଫ କିମ୍ବା ଏପିଆର ରହିଥିଲେ। କୌଣସି କେନ୍ଦ୍ରରେ ବିଶୃଙ୍ଖଳା ହେଲେ ଏହି ଦଳ ତୁରନ୍ତ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଥିଲା। ଜିଲାପାଳ ଅବୋଲି ସୁନିଲ ନରୱଣେ ବ୍ଲକ ଗସ୍ତ କରି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ନିର୍ବାହୀ ଅଧିକାରୀ ମାନଙ୍କୁ ମାଜିଷ୍ଟ୍ରେଟ୍ ଦାୟିତ୍ୱ ଦିଆଯାଇଥିଲା। ଭୋଟଗ୍ରହଣ କେନ୍ଦ୍ର ଗୁଡିକରେ ମହିଳା ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

### ୮୭.୪୩% ମତଦାନ